ବର୍ଷ-୨୫, ସଂଖ୍ୟା-୨୪୩
ଭୁବନେଶ୍ୱର
୧୦, ସେପ୍ଟେମ୍ବର, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 243
Bhubaneswar
10, September, 2025 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




ଆଜିଠୁ ଭାରତର ଏସିଆ କପ୍ ଅଭିଯାନ

# ରାଧାକ୍ରିଷ୍ଣନ ନୂଆ ଉପରାଷ୍ଟ୍ରପତି



**ନୂଆଦିଲ୍ଲୀ,୯ା୯:** ଉପ ରାଷ୍ଟ୍ରପତି ନିର୍ବାଚନରେ ବାଜି ମାରିଛନ୍ତି ବିଜେପି ନେତୃତ୍ୱାଧୀନ ଏନଡିଏ ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନ। ଆଜି ଅନୁଷ୍ଠିତ ଉପ ରାଷ୍ଟ୍ରପତି ନିର୍ବାଚନରେ ସେ ବିରୋଧୀ ମେଣ୍ଟ ଇଣ୍ଡିଆର ପ୍ରାର୍ଥୀ ତଥା ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ବି ସୁଦର୍ଶନ ରେଡ୍ଡୀଙ୍କୁ ୧୫୨ରୁ ଅଧିକ ଖଣ୍ଡ ଭୋଟରେ ହରାଇ ଦେଇଛନ୍ତି। ସିକ୍ରେଟ ବାଲଟରେ ହୋଇଥିବା ଭୋଟିଂରେ ସିପି ରାଧାକ୍ରିଷ୍ଣନଙ୍କୁ ୪୫୨ ଖଣ୍ଡ ଭୋଟ ମିଳିଛି। ସେହିପରି ଜଷ୍ଟିସ ରେଡ୍ଡୀ ୩୦୦ ଖଣ୍ଡ ଭୋଟ ପାଇଛନ୍ତି। ୧୫ ଜଣ ସାଂସଦଙ୍କ ଭୋଟ ନାକଚ ହୋଇଥିବା ରିଟର୍ଣ୍ଣିଂ ଅଫିସର ତଥା ରାଜ୍ୟସଭା ମହାସଚିବ ପିସି ମୋଦି ଘୋଷଣା କରିଛନ୍ତି।ତେବେ ଭାରତୀୟ ଜନତା ପାର୍ଟି ତରଫରୁ ଦାବି କରାଯାଇଛି ଯେ, ୧୪ ଜଣ ସାଂସଦ କ୍ରସ୍ ଭୋଟିଂ କରିଛନ୍ତି। ସଂସଦରେ ଏନଡିଏ ପାଖରେ ମୋଟ ୪୨୭ ସାଂସଦ ଅଛନ୍ତି। ଏଥିରେ ୱାଇଏସଆର କଂଗ୍ରେସର ୧୧ ସାଂସଦଙ୍କୁ ମିଶାଇଲେ ଏହି ସଂଖ୍ୟା ୪୩୮ ହେଉଛି। ହେଲେ ଏନଡିଏ ପ୍ରାର୍ଥୀଙ୍କୁ ମୋଟ ୪୫୨ ଭୋଟ୍ ମିଳିଥିବାରୁ, ଆଉ ୧୪ଟି ଭୋଟ୍ କ୍ରସ୍ ଭୋଟିଂ ହୋଇଥିବା କୁହାଯାଉଛି।

ସିପି ରାଧାକ୍ରିଷ୍ଣନ ବିଜୟ ହୋଇଥିବାରୁ ସେ ଦେଶର ପରବର୍ତ୍ତୀ ଉପ ରାଷ୍ଟ୍ରପତି ଭାବେ ଶପଥ ନେବେ ଉପ ରାଷ୍ଟ୍ରପତି ନିର୍ବାଚନ ପାଇଁ ଆଜି ଦିନ ୧୦ଟାରୁ ଭୋଟିଂ ଆରମ୍ଭ ହୋଇଥିଲା। ପ୍ରଥମ ଭୋଟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିଲେ। ଏହାପରେ ଉଭୟ ଲୋକସଭା ଓ ରାଜ୍ୟସଭାର ସାଂସଦମାନେ ଧାଡ଼ିରେ ଆସି ନିଜ ପସନ୍ଦର ପ୍ରାର୍ଥୀଙ୍କୁ ପାଇଁ ଭୋଟିଂ କରିଥିଲେ ଉପ ରାଷ୍ଟ୍ରପତି ନିର୍ବାଚନରେ ୯୮% ଭୋଟିଂ ହୋଇଥିଲା।

ଉଭୟ ଗୃହର ସାଂସଦଙ୍କ ସଂଖ୍ୟା ୭୮୮ ରହିଥିବା ବେଳେ ଏବେ ୭ଟି ଆସନ ଖାଲି ପଡ଼ିଛି। ୭୮୧ ବୈଧ ଭୋଟ ମଧ୍ୟରୁ ୧୩ ଜଣ ସାଂସଦ ଭୋଟ ଦେଇ ନଥିଲେ। ବିଆରଏସ୍‌ର ୪ ଜଣ, ବିଜେଡିର ୭ ଜଣ, ଅକାଳୀ ଦଳ ଓ ଜଣେ ସ୍ୱାଧୀନ ପ୍ରାର୍ଥୀ ଉପ ରାଷ୍ଟ୍ରପତି ନିର୍ବାଚନରେ ଭାଗ ନେଇ ନାହାନ୍ତି ମୋଟ ୭୬୭ ଜଣ ସାଂସଦ ଭୋଟ ଦେଇଥିଲେ ଏହା ମଧ୍ୟରୁ ୭୫୨ ବୈଧ ଓ ୧୫ଟିକୁ

| ଏନଡିଏ | ଇଣ୍ଡି ମେଣ୍ଟ |
|---|---|
| ୪୫୨ ଭୋଟ | ୩୧୫ ଭୋଟ |

ନାକଚ କରାଯାଇଥିଲା।

ବିଜେପି ନେତୃତ୍ୱାଧୀନ ଏନଡିଏର ୪୨୭ ଜଣ ସାଂସଦ ଭୋଟ ଦେଇଛନ୍ତି। ସେହିପରି ବିରୋଧୀ ମେଣ୍ଟର ସମସ୍ତ ୩୧୫ ଜଣ ସାଂସଦ ଭୋଟ ଦେଇଥିବା କଂଗ୍ରେସ ନେତା ଜୟ ରାମ ରମେଶ କହିଥିଲେ। ହେଲେ ବିରୋଧୀ ମେଣ୍ଟର ପ୍ରାର୍ଥୀ ସୁଦର୍ଶନ ରେଡ୍ଡୀଙ୍କୁ ପ୍ରଥମ ପସନ୍ଦର ଉପ ରାଷ୍ଟ୍ରପତି ଭାବେ ୩୦୦ ଖଣ୍ଡ ଭୋଟ ମିଳିଛି ଅର୍ଥାତ ୧୫ ଖଣ୍ଡ ଭୋଟ ମିଳିନାହିଁ। ଯେଉଁ ୧୫ ଖଣ୍ଡ ଭୋଟ ନାକଚ ହୋଇଛି, ସମ୍ଭବତଃ ତାହା ବିରୋଧୀ ସାଂସଦଙ୍କର ବୋଲି କୁହାଯାଉଛି।ପୂର୍ବ ଗଣତି ହିସାବରେ ଏନଡିଏ ପ୍ରାର୍ଥୀ ଅଧିକ ଭୋଟ ପାଇଛନ୍ତି। ଏନଡିଏ ପାଖରେ ୪୨୭ ଜଣ ସାଂସଦ ଉଭୟ ସଦନରେ ଥିବାବେଳେ ଏହା ଠାରୁ ଅଧିକ ସମର୍ଥନ ପାଇଛନ୍ତି ସିପି ରାଧାକ୍ରିଷ୍ଣନ।ଅର୍ଥାତ ଆନ୍ଧ୍ର ପ୍ରଦେଶର ୱାଇଏସ୍‌ଆର କଂଗ୍ରେସର କିଛି ସାଂସଦ ଏନଡିଏ ପ୍ରାର୍ଥୀଙ୍କୁ ଭୋଟ ଦେଇଛନ୍ତି। ରାଜ୍ୟସଭାରେ ଦଳର ୭ ଜଣ ଓ ଲୋକସଭାରେ ୪ ଜଣ ସଦସ୍ୟ ରହିଛନ୍ତି ସେମାନେ ସମସ୍ତେ ସମ୍ଭବତଃ ସିପି ରାଧାକ୍ରିଷ୍ଣନଙ୍କୁ ସମର୍ଥନ କରିଛନ୍ତି।

ସେହିପରି ରାଜ୍ୟସଭାରେ ଥିବା ଆପ୍‌ର ବିଦ୍ରୋହୀ ସାଂସଦ ସ୍ୱାତୀ ମାଲିାଲ ମଙ୍ଗଳବାର ବିଜେପି ପ୍ରାର୍ଥୀଙ୍କୁ ଭୋଟ ଦେଇଥିବା କୁହାଯାଉଛି। ଲୋକସଭାରେ ଥିବା ୭ ସ୍ୱାଧୀନ ସାଂସଦଙ୍କ ମଧ୍ୟରୁ ଜଣେ ଭୋଟିଂରୁ ଦୂରେଇ ରହିଥିଲେ।ବାକି ୬ ଜଣଙ୍କ ଭୂମିକା ଉପରେ ସମସ୍ତ ନଜର ରହିଥିଲା ସେମାନେ ମଧ୍ୟ ଏନଡିଏକୁ ସମର୍ଥନ ଦେଇଛନ୍ତି ଜେଡପିଏମ(ମିଜୋରାମ)ର ମଧ୍ୟ ଜଣେ ସାଂସଦ ବି ସିପି ରାଧାକ୍ରିଷ୍ଣନଙ୍କୁ ଭୋଟ ଦେଇଥିବା ଜଣାପଡ଼ିଛି ଏଥିଯୋଗୁ ସିପି ରାଧାକ୍ରିଷ୍ଣ ମୋଟ ୪୫୨ ଖଣ୍ଡ ଭୋଟ ପାଇଛନ୍ତି ତେବେ ଏହା ୩ ବର୍ଷ ତଳେ ଧନଖଡ଼ ହାସଲ କରିଥିବା ୫୨୮ଟି ଭୋଟରୁ କମ।ଚନ୍ଦ୍ରପୁରମ ପୋନ୍ନସ୍ୱାମୀ ରାଧାକ୍ରିଷ୍ଣନ ବା ସି.ପି ରାଧାକ୍ରିଷ୍ଣନ ୧୯୫୭ ମସିହା ଅକ୍ଟୋବର ୨୦ ତାରିଖରେ ତାମିଲନାଡୁର ତିରୁପ୍ପୁରରେ ଜନ୍ମ ହୋଇଥିଲେ। ୧୬ ବର୍ଷ ବୟସରୁ ସେ ଆରଏସ୍‌ଏସ୍ ଓ ଜନସଂଘ ସହ ଜଡ଼ିତ ହୋଇଥିଲେ। ତାଙ୍କର ଦୀର୍ଘ ରାଜନୀତିକ କ୍ୟାରିୟରରେ ସେ ଅନେକ ପଦପଦବୀରେ ରହି କାର୍ଯ୍ୟ କରିଛନ୍ତି।

## ହିମାଚଳ ଓ ପଞ୍ଜାବ ପାଇଁ ୩୧୦୦ କୋଟିର ପ୍ୟାକେଜ

**ନୂଆଦିଲ୍ଲୀ,୯ା୯(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ହିମାଚଳ ପ୍ରଦେଶ ଓ ପଞ୍ଜାବରେ ଘଟିଥିବା ପ୍ରଳୟଙ୍କରୀ ବନ୍ୟା ସ୍ଥିତି ଆକାଶମାର୍ଗରୁ ଅନୁଧ୍ୟାନ କରିବା ସହ ପ୍ରଭାବିତଙ୍କ ସହ କଲେ ଆଲୋଚନା କରିଛନ୍ତି। ପ୍ରଥମେ ଆକାଶ ମାର୍ଗରୁ ହିମାଚଳ ପ୍ରଦେଶର ସ୍ଥିତି ସମୀକ୍ଷା ପରେ ପଞ୍ଜାବର ବନ୍ୟା ସ୍ଥିତି ସମୀକ୍ଷା କରିଛନ୍ତି ମୋଦୀ। ଆଉ ଉଭୟ ରାଜ୍ୟର କ୍ଷତିଗ୍ରସ୍ତ ଅଞ୍ଚଳଗୁଡ଼ିକ ଦେଖି ପ୍ରଧାନମନ୍ତ୍ରୀ ୩୧୦୦ କୋଟିର ସହାୟତା ଘୋଷଣା କରିଛନ୍ତି। ଏଥିରେ ପଞ୍ଜାବ ପାଇଁ ୧୬୦୦ କୋଟି ଓ ହିମାଚଳ ପ୍ରଦେଶ ପାଇଁ ୧୫୦୦ କୋଟିର ସହାୟତା ଘୋଷଣା କରିଛନ୍ତି।ମୋଦୀ ହିମାଚଳ ପ୍ରଦେଶ ପାଇଁ ପ୍ୟାକେଜ ଘୋଷଣା କରିବା ସହ ବନ୍ୟାରେ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ସହ ଆହତଙ୍କୁ ୫୦ ହଜାର ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ପ୍ରଭାବିତଙ୍କ ସହ କଥା ହୋଇ ଦୁଃଖ ବୁଝିଛନ୍ତି ମୋଦୀ। ମୁଖ୍ୟମନ୍ତ୍ରୀଙ୍କ ସହ ବୈଠକ କରି ପୂରା ରାଜ୍ୟର ଖବର ନେଇଛନ୍ତି। ଆଉ ନିଜ ସୋସିଆଲ୍ ମିଡିଆ ଲେଖିଛନ୍ତି, ’ ହିମାଚଳ ପ୍ରଦେଶର ଏହି କଷ୍ଟକର ସମୟରେ ଆମେ ଲୋକଙ୍କ ସହିତ ଦୃଢ଼ଭାବରେ ଠିଆ ହୋଇଛୁ ଏବଂ ପ୍ରଭାବିତ ଲୋକଙ୍କୁ ସହାୟତା ଜାରି ରଖିବା ପାଇଁ ସମସ୍ତ ପ୍ରକାରର ପ୍ରୟାସ କରାଯାଉଛି।

### ସୌମ୍ୟାଶ୍ରୀ ଆତ୍ମହତ୍ୟା ମାମଲା

## ୫୦୪ ପୃଷ୍ଠାର ଚାର୍ଜସିଟ୍ ଦାଖଲ

**ଭୁବନେଶ୍ୱର,୯ା୯(ମହାଭାରତ):** ବାଲେଶ୍ୱର ଏଫ.ଏମ. (ସ୍ୱୟଂଶାସିତ) କଲେଜର ତୃତୀୟ ବର୍ଷ ସମନ୍ୱିତ ବି.ଏଡ୍ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ମାମଲାରେ ରାଜ୍ୟ କ୍ରାଇମବ୍ରାଞ୍ଚ ପକ୍ଷରୁ ଆଜି ଏକ ପ୍ରାରମ୍ଭିକ ଚାର୍ଜସିଟ୍ ଦାଖଲ କରାଯାଇଛି। ଏହି ମାମଲାରେ ପୁଲିସ ୧୨୦ ଜଣ ସାକ୍ଷୀଙ୍କ ବୟାନ ଏବଂ ବିଭିନ୍ନ ଗ୍ୟାଜେଟରୁ ଡିଜିଟାଲ୍ ପ୍ରମାଣ ସମେତ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ସଂଗ୍ରହ କରିଛି। ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନଏସଏସ) ର ଧାରା ୧୯୩(୩) ଅନୁଯାୟୀ, ୫୦୪ ପୃଷ୍ଠା ସମ୍ୱଳିତ ଏକ ପ୍ରାରମ୍ଭିକ ଚାର୍ଜସିଟ କୋର୍ଟରେ ଦାଖଲ କରାଯାଇଛି। ଅଧିକ ପ୍ରମାଣ ସଂଗ୍ରହ ଏବଂ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ସମ୍ପର୍କରେ ବିଏନଏସଏସର ଧାରା ୧୯୩(୯) ଅନୁଯାୟୀ ପୋଲିସର ତଦନ୍ତ ଜାରି ରହିଛି।

ମାମଲାର ବିବରଣୀ ଅନୁଯାୟୀ, ପୀଡିତାଙ୍କ ସମ୍ପର୍କୀୟ ଭାଇ ଅରିଜିତ ଦେ ଙ୍କ ଅଭିଯୋଗ ପରେ ସିଏଡବ୍ଲ୍ୟୁ ଏବଂ ସିଡବ୍ଲ୍ୟୁର ଡିଏସପି ଇମାନ କଲ୍ୟାଣୀ ନାୟକଙ୍କ ନେତୃତ୍ୱରେ ତଦନ୍ତ ଆରମ୍ଭ ହୋଇଥିଲା। ରିପୋର୍ଟରେ ଦର୍ଶାଯାଇଥିଲା ଯେ, ସୌମ୍ୟାଶ୍ରୀଙ୍କୁ ତାଙ୍କ ବିଭାଗୀୟ ମୁଖ୍ୟ ତଥା ସହକାରୀ ପ୍ରଫେସର ସମୀର କୁମାର ସାହୁ ମାନସିକ ନିର୍ଯାତନା ଦେବା ସହ ତାଙ୍କୁ ଅନୁଚିତ ଅନୁଗ୍ରହ ଦାବି କରୁଥିଲେ। ଏହି ନିର୍ଯାତନାରେ ଅତିଷ୍ଠ ହୋଇ ସୌମ୍ୟାଶ୍ରୀ ଆତ୍ମାହୁତି କରିଥିଲେ ଏବଂ ଜୁଲାଇ ୧୪ ରେ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ମୃତ୍ୟୁବରଣ କରିଥିଲେ।

# ଜଳୁଛି ନେପାଳ, ସରକାରର ପତନ

**କାଠମାଣ୍ଡୁ,୯ା୯(ମହାଭାରତ):** ସୋସିଆଲ ମିଡିଆ ପ୍ରତିବନ୍ଧକକୁ ନେପାଳରେ ଚାଲିଥିବା ହିଂସାତ୍ମକ ବିକ୍ଷୋଭ ପ୍ରଦର୍ଶନ ପରେ ଶାସନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ହୋଇପଡ଼ିଛି। ନେପାଳ ଏବେ ମୁରବିଶୂନ୍ୟ ହୋଇପଡିଛି। ସରକାରଙ୍କ ଗୋଟିଏ ନିଷ୍ପତ୍ତି ତାଙ୍କୁ ଗାଦିଚ୍ୟୁତ କରାଇ ଦେଇଛି। ପ୍ରଧାନମନ୍ତ୍ରୀଙ୍କ କେପି ଶର୍ମା ଓଲିଙ୍କ ଇସ୍ତଫା ପରେ ଏବେ ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ ମଧ୍ୟ ଇସ୍ତଫା ଦେଇଛନ୍ତି। ଏଥିସହ ୩ ଜଣ ମନ୍ତ୍ରୀଙ୍କୁ ମଧ୍ୟ ଇସ୍ତଫା ଦେବାକୁ ପଡିଛି। ପ୍ରଧାନମନ୍ତ୍ରୀ ଦେଶ ଛାଡ଼ି ଚାଲିଯିବାର ମଧ୍ୟ ଖବର ଆସୁଛି। ପ୍ରତିବାଦକାରୀମାନେ ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲଙ୍କ ବ୍ୟକ୍ତିଗତ ବାସଭବନକୁ କବଜା କରି ଭଙ୍ଗାରୁଜା କରିଥିଲେ ଏବଂ ନିଆଁ ଲଗାଇ ଦେଇଥିଲେ। ସେହିପରି ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପତ୍ନୀଙ୍କୁ ମାଡ଼ ମାରି ନିଆଁ ଲଗାଇଦେବା ଫଳରେ ତାଙ୍କର ମୃତ୍ୟୁ ଘଟିଛି। ସେହିପରି ବିକ୍ଷୋଭରେ ଏଯାବତ ୩୦ରୁ ଊର୍ଦ୍ଧ୍ୱ ମୃତ୍ୟୁ ଘଟିଛି। ଆମେରିକା, ୟୁରୋପୀୟ ସଂଘ (ଇୟୁ), ବ୍ରାଜିଲ, ଭାରତ, ଚାଇନା ଓ ଅଷ୍ଟ୍ରେଲିଆ ସମେତ ବିଶ୍ୱର ବିଭିନ୍ନ ଭାଗରେ ଅପପ୍ରଚାର, ଡେଟା ପ୍ରିଭେସି, ଅନଲାଇନ ସେଫ୍ଟି ଓ ଜାତୀୟ ସୁରକ୍ଷା ପ୍ରସଙ୍ଗରେ ସରକାରମାନେ କଟକଣା ଲଗାଉଥିବାବେଳେ ନେପାଳ ମଧ୍ୟ ଅନୁରୂପ ପନ୍ଥା ଆପଣାଇ ଫସିଯାଇଛି। ଯାହାକୁ ନେଇ ଉତ୍ତେଜନା ବୃଦ୍ଧି ପାଇଛି।

ଆଜି ସକାଳଠାରୁ ଜେନ-ଜିଙ୍କ ପ୍ରତିବାଦ ଜାରି ରହିଛି।ରାଜଧାନୀ କାଠମାଣ୍ଡୁ ସମେତ ଅନେକ ଅଞ୍ଚଳରେ ପୋଡ଼ାଜଳା, ଭଙ୍ଗାରୁଜା ଏବଂ ପଥର ଫିଙ୍ଗା ଘଟଣା ଘଟିଥିଲା। ରାଷ୍ଟ୍ରପତି ରାମ ଚନ୍ଦ୍ର ପୌଡେଲଙ୍କ ଘର ଉପରେ ବିକ୍ଷୋଭକାରୀମାନେ ଆକ୍ରମଣ କରିଥିଲେ। ପ୍ରତିବାଦକାରୀମାନେ ଅନେକ ମନ୍ତ୍ରୀଙ୍କ ଘର ଉପରେ ମଧ୍ୟ ଆକ୍ରମଣ କରିଛନ୍ତି। ପ୍ରଦର୍ଶନକାରୀଙ୍କ ଆକ୍ରମଣରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେର ବାହାଦୂର ଦେଉବା ଆହତ ହୋଇଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ପୁଷ୍ପ କମଳ ଦହଲ ପ୍ରଚଣ୍ଡ, ଯୋଗାଯୋଗ ମନ୍ତ୍ରୀ ପୃଥ୍ୱୀ ସୁବ୍ବା ଗୁରୁଙ୍ଗ, ପୂର୍ବତନ ଗୃହମନ୍ତ୍ରୀ ରମେଶ ଲେଖକଙ୍କ ବାସଭବନ ଉପରେ ଆକ୍ରମଣ। ପ୍ରତିବାଦକାରୀମାନେ ରାଷ୍ଟ୍ରପତି ରାମଚନ୍ଦ୍ର ପୋଡେଲଙ୍କ ବାସଭବନ ଉପରେ ମଧ୍ୟ ଆକ୍ରମଣ କରିଥିଲେ ବିକ୍ଷୋଭକାରୀ। ଦେଉବାଙ୍କ ପତ୍ନୀଙ୍କୁ ମଧ୍ୟ ପ୍ରତିବାଦକାରୀମାନେ ମାଡ଼ ମାରିଛନ୍ତି। ଖାଲି ସେତିକି ନୁହେଁ ଆଉ ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପତ୍ନୀଙ୍କୁ ଜିଅନ୍ତା ଜାଳି ଦେଇଛନ୍ତି। ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ ଝଲନାଥ ଖାନାଲଙ୍କ ପତ୍ନୀ ରବି ଲକ୍ଷ୍ମୀ ଚିତ୍ରକରଙ୍କ ମୃତ୍ୟୁ ହୋଇଛି । ପ୍ରତିବାଦକାରୀମାନେ ତାଙ୍କୁ ବହୁତ ମାଡ଼ ମାରିଥିଲେ ଏବଂ ତାଙ୍କ ଘରକୁ ନିଆଁ ଲଗାଇ ଦେଇଥିଲେ। ଏହି ଘଟଣାରେ ସେ ଗୁରୁତର ଭାବରେ ପୋଡ଼ି ଯାଇଥିଲେ । ରବି ଲକ୍ଷ୍ମୀଙ୍କ ପାରିବାରିକ ପୃଷ୍ଠଭୂମି ନେବାର ସମାଜ ସହିତ ଜଡିତ, ଯାହା ନେପାଳର ଏକ ପ୍ରମୁଖ ସମ୍ପ୍ରଦାୟ। ତାଙ୍କୁ ପ୍ରାୟତଃ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ସାମାଜିକ କାର୍ଯ୍ୟରେ ଝଲନାଥ ଖାନାଲଙ୍କ ସହିତ ଦେଖିବାକୁ ମିଳୁଥିଲା । ଏହା ବ୍ୟତୀତ ଉପପ୍ରଧାନମନ୍ତ୍ରୀ ବିଷ୍ଣୁ ପ୍ରସାଦ ପାଉଡେଲଙ୍କୁ ମଧ୍ୟ ବିକ୍ଷୋଭକାରୀମାନେ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ପିଟିଛନ୍ତି ।ନେପାଳରେ ବିକ୍ଷୋଭକାରୀମାନେ ଗୁଳି ଚଳାଇଥିବା ପୁଲିସ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।ପ୍ରଦର୍ଶନକାରୀମାନେ ଭୈରବ ବିମାନବନ୍ଦରକୁ ଘେରି ରହିଛନ୍ତି । ସଂସଦ ଭବନରେ ନିଆଁ ଲଗାଇ ଦେଇଛନ୍ତି ବିକ୍ଷୋଭକାରୀ ।ରାଷ୍ଟ୍ରପତିଙ୍କ ବ୍ୟତୀତ ୯ ଜଣ ମନ୍ତ୍ରୀଙ୍କ ଘରେ ମଧ୍ୟ ଭଙ୍ଗାରୁଜା ଏବଂ ନିଆଁ ଲଗାଯାଇଛି। ଓଲିଙ୍କ ଇସ୍ତଫା ପରେ, ନେପାଳରେ ନୂତନ ସରକାର ଗଠନ ପାଇଁ ଆନ୍ଦୋଳନ ତୀବ୍ର ହୋଇଛି । ଆନ୍ଦୋଳନର ନେତା ବାଲେନ ଶାହ ଏବଂ ରବିଲାମିଛାନେଙ୍କ ମଧ୍ୟରେ ଆଲୋଚନା ହୋଇଛି। ରାଷ୍ଟ୍ରପତି ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି ।



- ଇସ୍ତଫା ଦେଲେ ୩ ମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି
- ମୃତ୍ୟୁସଂଖ୍ୟା ୩୦କୁ ବୃଦ୍ଧି, ଶତାଧିକ ଆହତ
- ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ନିଆଁ ଲଗାଇଲେ
- ଏକାଧିକ ମନ୍ତ୍ରୀଙ୍କୁ ଗୋଡ଼ାଇ ଗୋଡ଼ାଇ ପ୍ରବଳ ମାଡ଼

# ଓଡ଼ିଶା ରେଳ ପ୍ରକଳ୍ପ ସମୀକ୍ଷା କଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ଓ ଅଶ୍ୱିନୀ

**ନୂଆଦିଲ୍ଲୀ/ଭୁବନେଶ୍ୱର, ୯ା୯(ମହାଭାରତ) :** ଓଡ଼ିଶାରେ ରେଳ କ୍ଷେତ୍ରର ବିକାଶ, ନାଗରିକଙ୍କ ଯାତାୟତ ସହ ପରିବହନ ପଥକୁ ସୁଗମ କରିବା ତଥା ରେଳ ନେଟୱାର୍କକୁ ସୁଦୃଢ଼ କରିବା ଦିଗରେ ଆଜି ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଓଡ଼ିଶାର ଦଳୀୟ ସାଂସଦମାନଙ୍କ ମଧ୍ୟରେ ସବିଶେଷ ଆଲୋଚନା ହୋଇଛି।

ଶ୍ରୀ ପ୍ରଧାନ ଆଲୋଚନା ପରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ନାଗରିକଙ୍କ ଯାତାୟତ, ଶିଳ୍ପ ଏବଂ ଖଣିଜ କ୍ଷେତ୍ରର ବିକାଶ ସହ କୃଷି ଉତ୍ପାଦିତ ସାମଗ୍ରୀକୁ ଦେଶ ବଜାର ସହ ଯୋଡିବାରେ ରେଳ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ‘ପୂର୍ବୋଦୟ କଳ୍ପନା’ରେ ଓଡ଼ିଶାକୁ ଅଗ୍ରାଧିକାର ଦେଇ ରେଳ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ଡବଲ ଇଞ୍ଜିନ ସରକାର ଗୁରୁତ୍ୱ ଦେଇଛନ୍ତି। ପୂର୍ବ ସରକାର ଅପେକ୍ଷା ମୋଦୀ ସରକାରରେ ବିଗତ ୧୧ ବର୍ଷରେ ଓଡ଼ିଶାକୁ ରେଳ ବଜେଟରେ ରେକର୍ଡସଂଖ୍ୟକ ଅର୍ଥ ମିଳୁଛି । କଂଗ୍ରେସ ଅମଳରେ ଓଡ଼ିଶାରୁ ବାର୍ଷିକ ଏକ ହଜାର କୋଟି ଟଙ୍କା ମିଳୁଥିଲା ବେଳେ ମୋଦୀ ସରକାରରେ ପ୍ରତି ବର୍ଷ ଓଡ଼ିଶା ପାଇଁ ରେଳ ବଜେଟରେ ବୃଦ୍ଧି ପରିଲକ୍ଷିତ ହୋଇଛି । ଓଡ଼ିଶାରେ ରେଳ ବିଭାଗ ପକ୍ଷରୁ ନୂଆ ରେଳଲାଇନ, ରେଳ ଲାଇନର ଦୋହରୀକରଣ, ତୃତୀୟ ଲାଇନ, ଚତୁର୍ଥ ଲାଇନ ପାଇଁ ପାଖାପାଖି ୯୦ ହଜାର କୋଟି ଟଙ୍କାର କାମ କ୍ରିୟାନ୍ୱୟନ ହେଉଥିବା ନେଇ ବିଭାଗୀୟ ମନ୍ତ୍ରୀ ଅବଗତ କରାଇଛନ୍ତି ।

ଆଜିର ବୈଠକରେ ଝାରସୁଗୁଡ଼ା- ବାରକୋଟ୍ ରେଳଲାଇନ, ଅନୁଗୋଳ-ତାଳଚେର ନୂଆ ରେଳଲାଇନ, ବରଗଡ଼ ରୋଡ-ନୂଆପଡ଼ା ରୋଡ- ରାୟପୁର ରେଳଲାଇନ, ତାଳଚେର-ବିମଳାଗଡ଼ ରେଳଲାଇନ, ବହୁପ୍ରତିକ୍ଷୀତ ଖୋର୍ଦ୍ଧା –ବଲାଙ୍ଗୀର ରେଳ ଲାଇନ, ସମ୍ବଲପୁର- ଜରପଡ଼ା ତୃତୀୟ ରେଳଲାଇନ ଓ ଚତୁର୍ଥଲାଇନର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଜରପଡାରୁ ତେନ୍ତୁଲୋଇ ମଧ୍ୟ ଦେଇ ବୁଢ଼ାପଙ୍କ ପର୍ଯ୍ୟନ୍ତ ଆଉଟର କୋଲ୍ କୋରିଡର କରିବାର କଳ୍ପନା ଉପରେ ଆଲୋଚନା ହୋଇଛି । ବିଶେଷ ଭାବରେ ରେଳଲାଇନର କାର୍ଯ୍ୟକୁ ଆଗେଇ ନେବାରେ ଉପୁଜିଥିବା ଜମିଗ୍ରହଣ ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଛି ।



ବୈଠକରେ ଅନୁଗୋଳର ବଇଁଣ୍ଡାରୁ ଏକ ସଂଯୋଗ ଲାଇନ କିପରି ବଲାଙ୍ଗିର - ଖୋର୍ଦ୍ଧା ଲାଇନରେ ବୌଦ୍ଧ ପର୍ଯ୍ୟନ୍ତ ଯୋଡିହେବ, ତାହାର ମଧ୍ୟ କଳ୍ପନା କରାଯାଇଛି, ଯାହା ଏକ ସେତୁ ଭାବରେ କାମ କରିବ । ଦକ୍ଷିଣ ଓଡ଼ିଶାରେ ଭଞ୍ଜନଗର ଓ ଆସ୍କା ସବଡିଭିଜନ ରେଳ ଲାଇନରୁ ବଞ୍ଚିତ ଅଛନ୍ତି । ପ୍ରସ୍ତାବିତ ତାଳଚେର-ଗୋପାଳପୁର ରେଳଲାଇନ ଅନୁଗୋଳ, ଢେଙ୍କାନାଳ, କଟକ, ନୟାଗଡ଼ ଏବଂ ଗଞ୍ଜାମର ଆସ୍କା ଅଞ୍ଚଳକୁ ସଂଯୋଗ ହେଲେ ଓଡ଼ିଶାର ରେଳ ନେଟୱାର୍କ ସୁଦୃଢ଼ ହେବ । ଏହାବ୍ୟତୀତ କନ୍ଧମାଳର ଫୁଲବାଣୀ ପର୍ଯ୍ୟନ୍ତ ରେଳ ନେଟୱାର୍କ ସଂଯୋଗ କରିବା ଦିଗରେ ମଧ୍ୟ ସରକାର ଯୋଜନା ରଖିଛନ୍ତି, ଯେଉଁ ପ୍ରସଙ୍ଗରେ ବୈଠକରେ ବିଚାରବିମର୍ଶ ହୋଇଥିଲା। ସେ ଆହୁରି କହିଛନ୍ତି, ଓଡ଼ିଶାର କୋଇଲା ଉତ୍ପାଦନକାରୀ ଅଞ୍ଚଳ ଗୁଡ଼ିକରେ ନାଗରିକ ସୁବିଧା ଓ ରେଳ ପରିବହନକୁ ବିଶେଷ ଭାବରେ ପ୍ରାଧାନ୍ୟ ଦିଆଯାଉଛି। ଏହି ସବୁ ପଦକ୍ଷେପ ଦ୍ୱାରା ରେଳ ଲାଇନ କୋଇଲା ଉତ୍ପାଦନକାରୀ ଅଞ୍ଚଳରୁ ବନ୍ଦର ଅଞ୍ଚଳକୁ ଯୋଡିହେବ। ଏହି ବୈଠକରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଆସ୍କା ସାଂସଦ ଅନୀତା ଶୁଭଦର୍ଶନୀ ଓ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ ।

## ନୂଆ ଇଭି ପଲିସି

**ଭୁବନେଶ୍ୱର,୯ା୯(ମହାଭାରତ):** ମୋହନ ମାଝୀଙ୍କ ସରକାର ରାଜ୍ୟରେ ଇଲେକ୍ଟ୍ରି ଗାଡ଼ି ଚଳାଚଳକୁ ଗୁରୁତ୍ୱ ଦେଉଛନ୍ତି। ୨୦୩୦ ମସିହା ଶେଷ ସୁଦ୍ଧା ରାଜ୍ୟରେ ୫୦% ଗାଡ଼ି ଚଳାଚଳ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି କ୍ରମରେ ସରକାର ନୂଆ ଇଭି ପଲିସି ଆଣିଛନ୍ତି, ଯାହା ଦ୍ୱାରା ନୂଆ ଇଲେକ୍ଟ୍ରି ଗାଡ଼ି କିଣୁଥିବା ଲୋକଙ୍କୁ ପ୍ରୋତ୍ସାହନ ମିଳିବ।ତିନି ଚକିଆ ଇଭି ଗାଡ଼ି କିଣିଲେ ୨୦ ହଜାର ଟଙ୍କା ପ୍ରୋତ୍ସାହନ ମିଳିବ। ସେହିପରି ଚାରି ଚକିଆ ଇଲେକ୍ଟ୍ରି ଗାଡ଼ି ପାଇଁ ୧ଲକ୍ଷ ୫୦ ହଜାର ଟଙ୍କା ପ୍ରୋତ୍ସାହନ ଦେବେ ରାଜ୍ୟ ସରକାର ଏହି ନିୟମ ୨୦୩୦ ଡିସେମ୍ବର ୩୧ ଯାଏଁ ବଳବତ୍ତର ରଖିବେ।ରାଜ୍ୟ ସରକାରଙ୍କ ନୂଆ ଇଭି ପଲିସି ଅନୁସାରେ ତିନି ଚକିଆ ଇଭି ଗାଡ଼ି କିଣିଲେ ୨୦ ହଜାର ଟଙ୍କା ପ୍ରୋତ୍ସାହନ ମିଳିବ। ସେହିପରି ଚାରି ଚକିଆ ଇଲେକ୍ଟ୍ରି ଗାଡ଼ି ପାଇଁ ୧ଲକ୍ଷ ୫୦ ହଜାର ଟଙ୍କା ପ୍ରୋତ୍ସାହନ ଦେବେ ରାଜ୍ୟ ସରକାର ଏହି ନିୟମ ୨୦୩୦ ଡିସେମ୍ବର ୩୧ ଯାଏଁ ବଳବତ୍ତର ରଖିବେ।

## ବିଜେଡି ଛାଡ଼ିଲେ ଭାସ୍କର, ହିମିରିକା

**ଭୁବନେଶ୍ୱର,୯ା୯(ମହାଭାରତ):** ୨୦୨୪ରେ ବଡ଼ ବିପର୍ଯ୍ୟୟ ପରେ ବିଜେଡି ଝଟକା ପରେ ଝଟ୍‌କା ଲାଗୁଛି। ଦଳରେ ଆଭ୍ୟନ୍ତରୀଣ ବିବାଦ ପଦାକୁ ଆସିବା ସହ ପୁରୁଖା ନେତା ଖୋଲାଖୋଲି ବୟାନବାଜି କରୁଛନ୍ତି। ଏଭଳିସ୍ଥିତିରେ ଆଜି ଦଳକୁ ଗୋଟିଏ ଦିନରେ ଦୁଇ ଦୁଇଟି ଶକ୍ତ ଝଟକା ଲାଗିଛି। ଦକ୍ଷିଣ ଓଡ଼ିଶାର ରାୟଗଡ଼ା ଜିଲ୍ଲାର ଦୁଇ ଜଣ ବରିଷ୍ଠ ନେତା ବିଜେଡ଼ିର ହାତ ଛାଡ଼ିଛନ୍ତି । ପୂର୍ବତନ ସାଂସଦ ଏନ୍.ଭାସ୍କର ରାଓ ଏବଂ ପୂର୍ବତନ ବିଧାୟକ ଲାଲ ବିହାରୀ ହିମିରିକା ବିଜେଡ଼ିର ପ୍ରାଥମିକ ସଦସ୍ୟ ପଦରୁ ମଙ୍ଗଳବାର ଇସ୍ତଫା ଦେଇଛନ୍ତି । ଉଭୟ ଦଳର ପ୍ରତିଷ୍ଠାତା ସଦସ୍ୟ ଥିଲେ। ବିଜେଡି ଛାଡିବା ସହିତ ଏନ୍. ଭାସ୍କର ରାଓ ବିଜୁ ସ୍ୱାଭିମାନ ମଞ୍ଚର ଗଠନ ନେଇ ସୂଚନା ଦେଇଛନ୍ତି। ଏହାର ସେ ଆବାହାକ ରହିଛନ୍ତି। ବିଜେଡିରୁ ଇସ୍ତଫା ଦେବାର ଠୋସ୍ କାରଣ ଏନ୍. ଭାସ୍କର ରାଓ ତାଙ୍କ ଇସ୍ତଫାପତ୍ରରେ ଲେଖି ନଥିଲେ ହେଁ ରାୟଗଡା ଜିଲ୍ଲା ସଭାପତି ଚୟନକୁ ନେଇ ସେ ଅସନ୍ତୁଷ୍ଟ ଥିଲେ ବୋଲି ଜଣାପଡିଛି। ଇସ୍ତଫାପତ୍ରରେ ସେ ଲେଖିଥିବା ଗୋଟିଏ ଦୁଇଟି ଧାଡିରେ ସେ ପରୋକ୍ଷରେ ତାଙ୍କର କ୍ଷୋଭ ପ୍ରକାଶ କରିଥିବା ଜଣାପଡୁଛି ।ଇସ୍ତଫାପତ୍ରରେ ସେ ଲେଖିଛନ୍ତି, ମୁଁ ଅନୁଭବ କରୁଛି ଯେ ଆମ ଦଳର ଆବଶ୍ୟକତାକୁ ମୁଁ ସନ୍ତୋଷଜନକ ଭାବେ ପୂରଣ କରିବା ଦିଗରେ ନ୍ୟାୟ ପ୍ରଦାନ କରିପାରି ନାହିଁ।ସେହିପରି ସେ ଲେଖିଛନ୍ତି, ମୁଁ ଭାବୁନାହିଁ ବ୍ୟକ୍ତିଗତ ଭାବେ ମୁଁ କ’ଣ ହରାଇଲି ଓ କ’ଣ ପାଇଲି, ତାହା ବର୍ଣ୍ଣନା କରିବାର କିଛି ଆବଶ୍ୟକତା ରହିଛି। ତାହା ଆପଣଙ୍କୁ ବି ଭଲ ଭାବେ ଜଣାଅଛି।



ଇସ୍ତଫାପତ୍ରରେ ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ନିମନ୍ତ୍ରଣକ୍ରମେ ସେ ବିଜୁ ପରିବାରରେ ସାମିଲ ହୋଇଥିଲେ।

ସେହିପରି ପୂର୍ବତନ ବିଧାୟକ ଲାଲ ବିହାରୀ ହିମିରିକା ମଧ୍ୟ ଦଳ ଛାଡ଼ିଛନ୍ତି । ସେ ଦଳ ଗଠନ ହେବା ଦିନଠାରୁ ଦଳର ସହିତ ଓତଃପ୍ରୋତ ଜଡ଼ିତ ଥିଲେ ହିମିରିକା ୨୦୦୯ ଏବଂ ୨୦୧୪ରେ ରାୟଗଡ଼ା ବିଧାନସଭା ଆସନରୁ ଦୁଇ ଦୁଇ ଥର ବିଧାୟକ ହୋଇଥିଲେ। ଏହା ସହିତ ଅନୁସୂଚିତ ଜାତି ଏବଂ ଜନଜାତି ବିକାଶ ବିଭାଗର ମନ୍ତ୍ରୀ ମଧ୍ୟ ଥିଲେ ।

## ପ୍ରସ୍ତୁତ କରନ୍ତୁ ଏଗ୍ ବୋଣ୍ଡା

ସନ୍ଧ୍ୟାରେ କିଛି ନୂଆ ଖାଇବାକୁ ସମସ୍ତେ ପସନ୍ଦ କରନ୍ତି । କାରଣ କର୍ମମୟ ଜୀବନ ଭିତରେ ସନ୍ଧ୍ୟାରେ ଟିକେ ସମୟ ମିଳିଥାଏ କିଛି ନୂଆ ସ୍ୱାଦ ଚାଖିବାକୁ । ଆଜି ଆମେ ଆପଣଙ୍କୁ ଅଣ୍ଡାର ଏକ ଖାସ୍ ଡିସ୍ ଜଣାଇବୁ । ଯାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଏକଦମ୍ ଜବରଦସ୍ତ । ଆସନ୍ତୁ ଜାଣିବା କିପରି ପ୍ରସ୍ତୁତ କରିବା 'ଏଗ୍ ବୋଣ୍ଡା' ।

**ଆବଶ୍ୟକୀୟ ସାମଗ୍ରୀ :** ସିଝା ଅଣ୍ଡା-୩ଟା, ଭେଜିଟେବୁଲ ତେଲ- ୧ କପ୍, କଞ୍ଚା ଲଙ୍କା -୨ଟା, ବେସନ- ୧ କପ୍, ଲୁଣ -ସ୍ୱାଦ ଅନୁସାରେ, ଲାଲ ଲଙ୍କା ପାଉଡର -ଅଧା ଚାମଚ, ଚାଉଳ ଗୁଣ୍ଡ- ଅଧା କପ୍, ଗୋଲମରୀଚ- ଅଧା କପ୍

**ପ୍ରସ୍ତୁତ ପ୍ରଣାଳୀ :** ଏଗ୍ ବୋଣ୍ଡା ବନାଇବା ପାଇଁ ସର୍ବପ୍ରଥମେ ପ୍ୟାନରେ ପାଣି ଗରମ କରନ୍ତୁ । ଏହାପରେ ଅଣ୍ଡାକୁ ଫୁଟାନ୍ତୁ । ଅଣ୍ଡା ସିଝିଗଲା ପରେ ଏହାର ଚୋପା ଛଡାଇ ମଝିରୁ ଦୁଇ ଖଣ୍ଡ କରିଦିଅନ୍ତୁ । ଏହାପରେ ଗୋଲମରିଚ ଗୁଣ୍ଡ, ଲାଲ ଲଙ୍କା ପାଉଡର ଏବଂ ଲୁଣ ପକାନ୍ତୁ। ଏକପାତ୍ରରେ ଚାଉଳଗୁଣ୍ଡ, ଅଟା, କଟା କଞ୍ଚା ଲଙ୍କା, ଗୋଲ ମରୀଚ ଏବଂ ଲୁଣ, ଜୁଆଣୀ ପକାଇ ଭଲ ଭାବେ ମିସାଇ ଦିଅନ୍ତୁ । ଏହାପରେ ଏଥିରେ ଅଳ୍ପ ପାଣି ପକାଇ ଏକ ପେଷ୍ଟ ବା ଘୋଳ ପ୍ରସ୍ତୁତ କରନ୍ତୁ । ଏହାପରେ କାଟି ରଖିଥିବା ଅଣ୍ଡାକୁ ଘୋଳରେ ବୁଡାଇ ତେଲରେ ଛାଣନ୍ତୁ । ଏହାଭଲ କାଟି ହୋଇଗଲା ପରେ ବାହାରକୁ କାଢି ଦିଅନ୍ତୁ । ଏବେ ଆପଣଙ୍କର ପ୍ରସ୍ତୁତ ହୋଇଗଲା ଏଗ୍ ବୋଣ୍ଡା । ଆପଣ ଏହାକୁ ଟମାଟୋସସ୍ ସହିତ ଖାଇପାରିବେ ।




**ଖବର**

## ଦି ବ୍ୟାଡ୍ସ ଅଫ୍ ବଲିଉଡ୍' ସିରିଜର ଟ୍ରେଲର ହେଲା ରିଲିଜ, ଝଲକରେ ଦେଖାଗଲେ ବଲିଉଡର ବଡ଼ ବଡ଼ ଷ୍ଟାର







ଆଜି ରିଲିଜ ହୋଇଛି 'ବ୍ୟାଡ୍ସ ଅଫ୍ ବଲିଉଡ୍'ର ଟ୍ରେଲର । ଶାହରୁଖ ଖାନଙ୍କ ପୁଅ ଆର୍ଯ୍ୟନ୍ ଖାନ 'ବ୍ୟାଡ୍ସ ଅଫ୍ ବଲିଉଡ' ସହିତ ଇଣ୍ଡଷ୍ଟ୍ରିରେ ପ୍ରବେଶ କରିବାକୁ ଯାଉଛନ୍ତି ଫ ଆର୍ଯ୍ୟନ୍ ନିର୍ଦ୍ଦେଶନାରେ ଡେବ୍ୟୁ କରୁଛନ୍ତି । ବଲିଉଡ୍'ରେ ଶାହରୁଖ ଖାନ ନିଜେ ଏକ ବଳିଷ୍ଠ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି । କାଷ୍ଟିଂ ଦୃଷ୍ଟିରୁ, 'ବ୍ୟାଡ୍ସ ଅଫ୍ ବଲିଉଡ୍'ରେ ଆର୍ଯ୍ୟନ ଖାନ ଅଧା ଇଣ୍ଡଷ୍ଟ୍ରିକୁ ନିଜ କବଜାକୁ ନେଇସାରିଛନ୍ତି । ଟ୍ରେଲରରେ ଆମିର ଖାନଙ୍କଠାରୁ ବାଦଶାହା ଏବଂ ଦିଶା ପଟାନିଙ୍କୁ ଦେଖିବାକୁ ମିଳିଛି ।ସିରିଜ୍ର କାହାଣୀ ବଲିଉଡ୍ ଚାରିପାଖରେ ଘୂରି ବୁଲୁଥିବାରୁ ଏଥିରେ ଅନେକ ସେଲିବ୍ରିଟି ଏବଂ ଷ୍ଟାର ଦେଖିବାକୁ ପାଇବେ। ଟ୍ରେଲରରେ ହିଁ, ଆମେ ଆମିର ଖାନ ଏବଂ ଶାହରୁଖ ଖାନଙ୍କ ଏକ ଭିନ୍ନ ଶୈଳୀରେ ଏକ ଝଲକ ପାଇପାରିବୁ । ଟ୍ରେଲରରେ କରଣ ଜୋହରଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା । ଆମିର ଖାନଙ୍କ ସହିତ ଏସଏସ ରାଜମୌଳି ମଧ୍ୟ ଦେଖାଦେଇଥିଲେ । ଏହି ଟ୍ରେଲରରେ ଆହୁରି ଅନେକ ବଲିଉଡ୍ ସେଲିବ୍ରିଟି ଦେଖିବାକୁ ମିଳିଛି ।ଦି ବ୍ୟାଡ୍ସ ଅଫ୍ ବଲିଉଡ୍' ସିରିଜର ଟ୍ରେଲରଟି ଆକ୍ସନ, ଡ୍ରାମା ଏବଂ ଭାବପ୍ରବଣତାରେ ଭରପୁର । ଜଣେ ସାଧାରଣ ପୁଅର ହିରୋ ହେବା ଏବଂ ତାଙ୍କ ସଂଘର୍ଷର କାହାଣୀକୁ ବହୁତ ଫିଲ୍ମି ଢଙ୍ଗରେ ଦର୍ଶାଯାଇଛି । ସିରିଜରେ ପ୍ରତ୍ୟେକ ବଡ଼ ବଲିଉଡ୍ ଅଭିନେତା ଏବଂ ସେଲିବ୍ରିଟିଙ୍କ ଝଲକ ମଧ୍ୟ ଦେଖିବାକୁ ପାଇବେ। ଶାହରୁଖ ଏବଂ ଆମିର ଖାନ ନିଜ ନିଜ ଚରିତ୍ରରେ ନଜର ଆସିଛନ୍ତି ।ଦି ବ୍ୟାଡ୍ସ ଅଫ୍ ବଲିଉଡ' ଧାରାବାହିକରେ ହିରୋ ଆସମନଙ୍କ ଭୂମିକାରେ ଅଭିନୟ କରିଥିଲେ।

## ତ୍ୱଚା ପାଇଁ ଫୁଲ ଓ ଟମାଟୋର କରାମତି



ଫୁଲ କେବଳ ଆମ ବାତାବରଣକୁ ମହକାଇଥାଏ ତାହା ନୁହେଁ ବରଂ ଏହା ଦ୍ୱାରା ଶାରୀରିକ, ମାନସିକ ଓ ସୌନ୍ଦର୍ଯ୍ୟ ସହ ଜଡିତ ଅନେକ ସମସ୍ୟା ଦୂର କରିଥାଏ। ଏହାକୁ ବିଶେଷ ଭାବେ ଫୁଲ ଚିକିତ୍ସା (ଫ୍ଲାୱାର ଥେରାପି) ବୋଲି କୁହାଯାଏ। ଜାଣନ୍ତୁ ଏହା ବିଷୟରେ .


୧- ଗୋଲାପ ଫୁଲର ପାଖୁଡା ଖିରରେ ପକାଇ ଫୁଟାଇ ନିୟମିତ ପିଇବା ଦ୍ୱାରା କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୋଇଥାଏ। ସୌନ୍ଦର୍ଯ୍ୟ ମଧ୍ୟ ବୃଦ୍ଧି ହୋଇଥାଏ। ଗୋଲାପ ପାଖୁଡାକୁ ଖିରରେ ପକାଇ ପେଷି ଏହାକୁ ମୁହଁରେ ଲଗାଇବା ଦ୍ୱାରା ତ୍ୱଚାର ଚମକ ଦ୍ୱିଗୁଣିତ ହୋଇଥାଏ। ଓଠରେ ଲଗାଇବା ଦ୍ୱାରା ଓଠର କଳାପଣ ଦୂର ହୋଇ ଗୋଲାପି ହୋଇଥାଏ।

୨- ସୂର୍ଯ୍ୟମୁଖୀ ଫୁଲକୁ ନଡିଆ ତେଲରେ ମିଶାଇ କିଛି ଦିନ ଯାଏଁ ଖରାରେ ରଖନ୍ତୁ। ଏହାପରେ ଏହାକୁ ନିଜ ଶରୀରରେ ମାଲିସ କରନ୍ତୁ। ଏହା ଦ୍ୱାରା ଚର୍ମ ଜନିତ ବିଭିନ୍ନ ରୋଗ ଦୂର ହୋଇଥାଏ।

ଟମାଟୋ ତ୍ୱଚା ପାଇଁ ବେଶ ଲାଭଦାୟକ। ଟମାଟୋର ରସକୁ ସମ୍ପୂର୍ଣ୍ଣ ମୁହଁରେ ଭଲ ଭାବେ ମାଲିସ କରନ୍ତୁ।ଏହା ମୁହଁର ଅନାବଶ୍ୟକ ତୈଳକୁ ନିୟନ୍ତ୍ରଣ କରିଥାଏ।

## ଏହିସବୁ ଉପାୟରେ ଦୂର କରନ୍ତୁ ଅଶୁଭ ଗ୍ରହର ପ୍ରଭାବ

ଅକୌଣସି ବ୍ୟକ୍ତିଙ୍କ କୁଣ୍ଡଳୀ ତା'ର ଜୀବନ ବିଷୟରେ ଅନେକ କିଛି ତଥ୍ୟ ଦେଇଥାଏ । ଅଶୁଭ ଗ୍ରହ ଯୋଗୁଁ ଅନେକଙ୍କ ଜୀବନରେ ଖରାପ ପ୍ରଭାବ ପଡିଥାଏ । ଯଦି ଆପରଙ୍କ ଉପରେ ଗ୍ରହର ଅଶୁଭ ପ୍ରଭାବ ପଡିଥାଏ ତେବେ ଜୀବନରେ ସବୁ କାମ ଅଶୁଭ ହୋଇଥାଏ । ଏମିତି କିଛି ଉପାୟ ରହିଛି,ଯାହା ସାହଯ୍ୟରେର ଆପଣ ନିଜ କୁଣ୍ଡଳୀରେ ଥିବା ଅଶୁଭ ଗ୍ରହଙ୍କ ଖରାପ ପ୍ରଭାବକୁ ଦୂର କରିପାରିବେ। ଆପଣଙ୍କ କୁଣ୍ଡଳୀରେ ଚନ୍ଦ୍ରମା ଦୁର୍ବଳ ହେଲେ ମାନସିକ ଚିନ୍ତା ଏବଂ ହୃଦ ସମ୍ବନ୍ଧୀୟ ରୋଗ ଦେଖାଦିଏ । ଚନ୍ଦ୍ରମାର ଅଶୁଭ ପ୍ରଭାବ ଯୋଗୁଁ ବ୍ୟକ୍ତି ମାନସିକ ରୂପେ ବହୁତ ଦୁର୍ବଳ ହୋଇପଡେ। ଚନ୍ଦ୍ରମାଙ୍କ ଅଶୁଭ ପ୍ରଭାବକୁ ଦୂର କରିବା ପାଇଁ



ପ୍ରତି ସୋମବାର ଶିବଙ୍କ ଜଳାଭିଷେକ କରନ୍ତୁ ଏବଂ ଓଁ ଶ୍ରୀ ଶ୍ରୀ ସଃ ଚନ୍ଦ୍ରମସେ ନମଃ ମନ୍ତ୍ର ଜାପ କରନ୍ତୁ।

ଯଦି ଆପଣଙ୍କ ଭାଗ୍ୟରେ ମଙ୍ଗଳ ଦୋଷ ରହିଥାଏ ତେବେ ବ୍ୟକ୍ତି ମାନସିକ ରରୂପେ ବହୁତ ଚିନ୍ତାରେ ରୁହେ । ଏଥିରୁ ନିଜକୁ ରକ୍ଷା କରିବା ଆପଣ ହନୁମାନଙ୍କ ଉପାସନା କରିବା ସହ ସୁନ୍ଦରକାଣ୍ଡର୍ଡ ପାଠ କରନ୍ତୁ।

ଆପଣଙ୍କ କୁଣ୍ଡଳୀରେ ସୂର୍ଯ୍ୟ ଦୁର୍ବଳ ହେଲେ ମାନ ସମ୍ମାନ ହାନି ହୋଇଥାଏ । ଏପରି ସ୍ଥିତିରେ ରକ୍ଷା ପାଇବାକୁ ହେଲେ ପ୍ରତିଦିନ ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରନ୍ତୁ । ଏବଂ ଓଁ ସୂର୍ଯ୍ୟାୟଃ ନମଃ ଜପ କରନ୍ତୁ । କୁଣ୍ଡଳୀର ଶୁକ୍ରଙ୍କ ଖରରାପ ପ୍ରଭାବ ପଡିଲେ ବୈବାହିକ ଜୀବନରେ ଜଟିଳତା ଦେଖାଦିଏ । ଏଥିପାଇଁ ଶୁକ୍ରବାର ଦିନ ଚାଉଳ ଦାନ କରିବା ସହ ମା ଲକ୍ଷ୍ମୀଙ୍କ ପୂଜା କରନ୍ତୁ ।

କୁଣ୍ଡଳୀରେ ଶନିଙ୍କ ଖରାପ ପ୍ରଭାବ ପଡିଲେ ସମସ୍ତ କାର୍ଯ୍ୟ ଠପ୍ ହୋଇଯାଏ । କୌଣସି କାମରେ ସଫଳତା ମିଳିନଥାଏ । ଏଥିପାଇଁ ଆପଣ ଶନିବାର ଦିନ ଅଶ୍ୱତ୍ଥ ଗଛରେ ଜଳ ଅର୍ପଣ କରିବା ସହ ଗଛ ତଳେ ସୋରିଷ ତେଲରେ ଦୀପ ଜଳାନ୍ତୁ । ସମସ୍ୟାରୁ ମୁକ୍ତି ମିଳିବ ।

## ସ୍ମୃତି ଶକ୍ତି ବୃଦ୍ଧି କରେ ମାଛ







ମାଛ ଖାଇବା ସ୍ୱାସ୍ଥ୍ୟ ପାଇଁ ବେଶ ଭଲ । ଏଥିରେ ମିନେରାଲ୍ସ ଭିଟାମିନ ଓ ବହୁ ପୌଷ୍ଟିକ ତତ୍ତ୍ୱ ଭରି ରହିଛି । ଜାଣନ୍ତୁ ଖାଦ୍ୟରେ ମାଛ ସାମିଲ କରିବାର ଫାଇଦା ?

ଥଣ୍ଡାରୁ ରକ୍ଷା କରେ : ମାଛ ଖାଇବା ଫଳରେ ଶୀତ ଦିନେ ଥଣ୍ଡା, କାଶ, ଜ୍ୱର ଓ ବ୍ୟାକ୍ଟେରିଆ ଇନଫେକ୍ସନରୁ ମୁକ୍ତି ମିଳିଥାଏ ।

ବ୍ରେଷ୍ଟ କ୍ୟାନ୍ସର: ଅଧ୍ୟୟନ ଅନୁସାରେ ଜଣାପଡିଛି କି ଯେଉଁ ମହିଳା ସପ୍ତାହକୁ ଥରେ ବା ଦୁଇଥର ମାଛ ଖାଇଥାନ୍ତି ସେମାନଙ୍କୁ ବ୍ରେଷ୍ଟ କ୍ୟାନ୍ସର ହେବା ଭୟ କମ୍ ରହିଥାଏ ।


ସ୍ମୃତି ଶକ୍ତି ବୃଦ୍ଧି: ମାଛ ଖାଇବା ଦ୍ୱାରା ସ୍ମୃତି ଶକ୍ତି କ୍ଷୀପ୍ର ହୋଇଥାଏ । ଏଥିସହିତ ମାନସିକ ବିକାରଗ୍ରସ୍ତ ରୋଗୀ ମଧ୍ୟ ମାଛ ଖାଇବା ବହୁତ ଭଲ । ଏଥିରେ ଥିବା ପ୍ରୋଟିନ୍ ମସ୍ତିଷ୍କରେ ନୂତନ କୋଷିକା ନିର୍ମାଣ କରିବାରେ ସହାୟକ ହୋଇଥାଏ ।

ଉଚ୍ଚ ରକ୍ତଚାପ: ମାଛରେ ଲୋ ଫ୍ୟାଟ୍ ରହିଥିବା ଯୋଗୁଁ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ଯଦି ଆପଣଙ୍କର ଏହି ସମସ୍ୟା ରହିଛି ତେବେ ମାଛ ନିଶ୍ଚୟ ଖାଆନ୍ତୁ ।

କାହିଁକି ଖାଇବେ ମାଛ: ଏମିତିରେ ଦେଖିବାକୁ ଗଲେ ମାଛ ଖୁବ ଗରମ ହୋଇଥିବାରୁ ଏହାକୁ ଶୀତଦିନେ ଖାଇଲେ ଦେହ ବେଶ ଗରମ ରହିଥାଏ ।

ପୋଷକତତ୍ତ୍ୱ: ପ୍ରୋଟିନ୍, କାର୍ବୋହାଇଡ୍ରେଟ,ଓମୋ-୩ ଫ୍ୟାଟି ଏସିଡି, ଭିଟାମିନ ଡି ଓ ବି-୨ମଧ୍ୟ ଭରପୁର ମାତ୍ରାରେ ରହିଥାଏ ।

ମାଛ ଖାଇବା ସମୟ: ମାଛକୁ ସାଧାରଣତଃ ଦ୍ୱିପ୍ରହରେ ଖିଆଯାଇପାରେ । କିନ୍ତୁ ଏହାକୁ ରାତିରେ ଖାଇବା ଫଳରେ ଡାଇଜେଷ୍ଟ କରିବା ସହଜ ହୋଇନଥାଏ । ଏଥିପାଇଁ ମାଛ ଦିନକୁ ଥରେ ଓ ସପ୍ତାହକୁ ଦୁଇଥର ଖାଇବା ଉଚିତ ।



## ଘରେ ମୟୂର ପୁଚ୍ଛ ରଖିବା ଶୁଭ

ଭଗବାନ ଶ୍ରୀକୃଷ୍ଣଙ୍କର ମୟୂର ପୁଚ୍ଛ ଅତି ପ୍ରିୟ । ସେଥିଲାଗି ତାଙ୍କ ଶୃଙ୍ଗାରରେ ମୟୂର ପୁଚ୍ଛକୁ ବିଶେଷ ସ୍ଥାନ ଦିଆଯାଇଛି । ଏହା ବିନା ତାଙ୍କର ସ୍ୱରୂପ ଅସମ୍ପୂର୍ଣ୍ଣ ବୋଲି ଜଣାଯାଏ । ଜ୍ୟୋତିଷ ଏବଂ ବାସ୍ତୁ



ଶାସ୍ତ୍ରରେ ମଧ ମୟୂର ପୁଚ୍ଛକୁ ଶୁଭର ପ୍ରତୀକ ବୋଲି କୁହାଯାଇଛି । ଆସନ୍ତୁ ଜାଣିବା ମୟୂର ପୁଚ୍ଛ ସହିତ ଜଡିତ କିଛି ବାସ୍ତୁ ଟିପ୍ସ : ଠାକୁର ଘରେ ମୟୂର ପୁଚ୍ଛ ଏବଂ ବଂଶୀକୁ ଏକା ସାଥିରେ ରଖିବା ଦ୍ୱାରା ଘର ମଧ୍ୟରେ ଭଲ ପାଇବା ବଢିବା ସହିତ ସକାରାତ୍ମକ ଶକ୍ତି ସଞ୍ଚାର ହୋଇଥାଏ । ଘରର ମୁଖ୍ୟ ଦ୍ୱାରରେ ଗଣେଶଙ୍କ ସହିତ ମୟୂର ପୁଚ୍ଛ ରଖିବା ଦ୍ୱାରା ବାସ୍ତୁଦୋଷ ଦୂର ହୋଇଥାଏ । ସକାରାତ୍ମକ ଭାବନା ଜାଗ୍ରତସ ହେବା ସହିତ କୁ ଶକ୍ତି ପ୍ରବେଶ କରି ପାରିନଥାଏ । ଅନେକ ପିଲାଙ୍କୁ ରାତିରେ ଶୋଇବା ସମୟରେ ଡର ଲାଗିଥାଏ । ତେଣୁ ତାଙ୍କ ତକିଆ ତଳେ ମୟୂର ପୁଚ୍ଛ ରଖିବା ଦ୍ୱାରା ସମସ୍ତ ଖରାପ ନଜରରୁ ରକ୍ଷା ପାଇଥାନ୍ତି । ବାସ୍ତୁ ଅନୁସାରେ, ମୟୂର ପୁଚ୍ଛକୁ ଫ୍ରେମ୍ କରି କାନ୍ଥରେ ଲଗାଇବା ଦ୍ୱାରା ଆର୍ଥିକ ସମସ୍ୟା ଦୂର ହେବା ସହିତ ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇଥାଏ । ମୟୂର ପୁଚ୍ଛ ସହିତ ୨୧ ଥର ଗ୍ରହ ମନ୍ତ୍ର ପଢି, ତାହା ଉପରେ ଜଳ ସିଞ୍ଚନ କରି ଏକ ଏମିତି ସ୍ଥାନରେ ରଖିବେ ଯେମିତିକି ତାହା ଉପରେ ସମସ୍ତଙ୍କ ନଜର ରହୁଥିବ । ଏହା ଦ୍ୱାରା ରାହୁ ଦୋଷ ଦୂର ହେବା ସହିତ ଜୀବନରେ ସବୁ ମଙ୍ଗଳମୟ ହୋଇଥାଏ ।

# ଆକାଶ ଓ ବାୟୁକୁ ବିଶୁଦ୍ଧ ରଖିବାରେ ପ୍ରତ୍ୟେକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର,୯।୯ (ମହାଭାରତ):** ନୀଳ ଆକାଶ ପାଇଁ ଆନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସ ଅବସରରେ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ପରିବେଶ ଅଧ୍ୟୟନ କେନ୍ଦ୍ରର ଯୁଗ୍ମ ସହଯୋଗରେ ଆଜି ସ୍ଥାନୀୟ ଫରେଷ୍ଟ ପାର୍କରେ ନୀଳ ଆକାଶ ପାଇଁ ଆନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସ ପାଳନ କରିବା ଏବଂ ସ୍ୱଚ୍ଛ ପରିବେଶ ଏବଂ ସ୍ଥାୟୀ ଜୀବନଶୈଳୀର ବାର୍ତ୍ତା ପ୍ରସାର କରିବା ଉଦ୍ଦେଶ୍ୟରେ ଏକ ବିଶାଳ ସଚେତନତା ବାଇ-ସାଇକେଲ ରାଲି ଆୟୋଜିତ ହୋଇଥିଲା।

ଚଳିତ ବର୍ଷର ବିଷୟବସ୍ତୁ, ସ୍ୱଚ୍ଛ ବାୟୁ ପାଇଁ ଦୌଡ଼, ବାୟୁ ପ୍ରଦୂଷଣ ବିରୁଦ୍ଧରେ ସାମୂହିକ ପଦକ୍ଷେପ ଏବଂ ସ୍ଥାୟୀ ଜୀବନଶୈଳୀର ପ୍ରୋତ୍ସାହନ ସମ୍ବନ୍ଧୀୟ ଜରୁରୀ ଆବଶ୍ୟକତା ଉପରେ ଆଲୋକପାତ କରିଛି।



ଏହି ରାଲିକୁ ମୁଖ୍ୟ ଅତିଥି ଅତିରିକ୍ତ ମୁଖ୍ୟ ସଚିବ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ, ଗୃହ ବିଭାଗ ସତ୍ୟବ୍ରତ ସାହୁ ପ୍ରଧାନ ମୁଖ୍ୟ ବନସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମ କୁମାର ଝା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଶ୍ରୀମତୀ ଉମା ନାନ୍ଦୁରୀ, ମୁଖ୍ୟ ପରିବେଶ ଇଞ୍ଜିନିୟର ଡକ୍ଟର ନିହାର ରଞ୍ଜନ ସାହୁ, ବରିଷ୍ଠ ପରିବେଶ ଇଞ୍ଜିନିୟର ଦିଲ୍ଲୀପ କୁମାର ଦାଶ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

ମୁଖ୍ୟ ଅତିଥି ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ସାହୁ କହିଲେ ଯେ ସାରା ବିଶ୍ୱରେ ପ୍ରତିବର୍ଷ ସେପ୍ଟେମ୍ବର ୭ ତାରିଖରେ ପାଳନ କରାଯାଉଥିବା ଏହି ଦିବସ, ଆମେ ନିଶ୍ୱାସ ନେଉଥିବା ବାୟୁକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବା ଏବଂ ଭବିଷ୍ୟତ ପିଢ଼ିକୁ ଏକ ନିର୍ମଳ, ସୁସ୍ଥ ଏବଂ ସ୍ଥାୟୀ ପରିବେଶ ପ୍ରଦାନ କରିବା ନିଶ୍ଚିତ କରିବାର ଜରୁରୀ ଆବଶ୍ୟକତାକୁ ସ୍ମରଣ କରାଇ ଦିଏ। ସ୍ୱଚ୍ଛ ବାୟୁ ଆମର ମୌଳିକ ଅଧିକାର ଏବଂ ସାମୂହିକ ଦାୟିତ୍ୱ। ଆଜିର ରାଲି କେବଳ ଏକ ପ୍ରତୀକାତ୍ମକ କାର୍ଯ୍ୟକ୍ରମ ନୁହେଁ, ବରଂ ଏକ ଦୃଢ଼ ବାର୍ତ୍ତା ପ୍ରଦାନ କରେ ଯେ ଆମର ଆକାଶକୁ ନୀଳ ଏବଂ ଆମ ବାୟୁକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ଦିଗରେ ପ୍ରତ୍ୟେକ ବ୍ୟକ୍ତି, ପ୍ରତ୍ୟେକ ଗୋଷ୍ଠୀ ଏବଂ ପ୍ରତ୍ୟେକ ଅନୁଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ।

ସେ ଜନସାଧାରଣଙ୍କୁ ବାୟୁ ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତ୍ତନର ବର୍ଦ୍ଧିତ ବିପଦର ମୁକାବିଲା କରିବା ପାଇଁ ସାଇକେଲ, ସାର୍ବଜନୀନ ପରିବହନ ଏବଂ ନବୀକରଣୀୟ ଶକ୍ତି ଉତ୍ସ ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ଏହି ରାଲି କେବଳ ଜନସଚେତନତା ସୃଷ୍ଟି କରିବ ନାହିଁ ବରଂ ମୋଟରଯାନର ସ୍ଥାୟୀ ଏବଂ ସୁସ୍ଥ ବିକଳ୍ପ ଭାବରେ ସାଇକେଲ ଚାଳନାର ଗୁରୁତ୍ୱ, ସବୁଜ ଜୀବନଶୈଳୀର ପ୍ରୋତ୍ସାହନ ଏବଂ ସୁସ୍ଥ ଆସନ୍ତାକାଲି ପାଇଁ ନୀଳ ଆକାଶ ସୁନିଶ୍ଚିତ କରିବା ମିଶନରେ ଯୋଗଦାନ ଦେବାକୁ ଅନ୍ୟମାନଙ୍କୁ ପ୍ରେରଣା ଦେବ। ଏହା ସଫଳତାର ସହିତ ବାର୍ତ୍ତା ପ୍ରସାର କରିବ ଯେ ସରଳ କାର୍ଯ୍ୟ ଯଥା ସାଇକେଲ ଚାଳନା, ସାର୍ବଜନୀନ ପରିବହନ ବ୍ୟବହାର, ଟ୍ରାଫିକ ଲାଇଟ୍ ଏବଂ ରେଳ କ୍ରସିଂରେ ଇଞ୍ଜିନ ବନ୍ଦ କରିବା ଏବଂ ଖୋଲା ସ୍ଥାନରେ ପୋଡ଼ିବା ଏଡାଇବା - ବାୟୁ ଗୁଣବ । କ୍ଷେତ୍ରରେ ଉଲ୍ଲେଖନୀୟ ଭାବରେ ଉନ୍ନତି ଆଣିପାରିବ ଏବଂ ଏକ ସୁସ୍ଥ ଭବିଷ୍ୟତ ସୁନିଶ୍ଚିତ କରିପାରିବ।

ଡକ୍ଟର ନିହାର ରଞ୍ଜନ ସାହୁ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଇଂ ଦିଲ୍ଲୀପ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ୫ କିଲୋମିଟର ସାଇକେଲ ରାଲି ଫରେଷ୍ଟ ପାର୍କରୁ ଆରମ୍ଭ ହୋଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟରେ ଶେଷ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ର, ଯୁବ ସ୍ୱେଚ୍ଛାସେବକ, ଇକୋ-କ୍ଲବର ସଦସ୍ୟ, ପରିବେଶ କର୍ମୀ ଏବଂ ସ୍ଥାନୀୟ ନାଗରିକଙ୍କ ଉତ୍ସାହୀ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା ଯେଉଁମାନେ ସ୍ୱଚ୍ଛ ବାୟୁ, ସ୍ୱଚ୍ଛ ଗତିଶୀଳତା ଏବଂ ଦୂଷିତ ବାୟୁ ନିର୍ଗମନ ହ୍ରାସକୁ ପ୍ରୋତ୍ସାହିତ କରୁଥିବା ବାର୍ତ୍ତା ସହିତ ପ୍ଲାକାର୍ଡ ଧରିଥିଲେ। ଇ-ରିକ୍ସାଗୁଡିକ ସାରା ସହରରେ ସଚେତନତା ବାର୍ତ୍ତା ଘୋଷଣା କରିଥିଲା।

## ମହିଳାଙ୍କ ଜୀବନରେ ରୂପାନ୍ତରଣ ଆଣୁଛି 'ପ୍ରୋଜେକ୍ଟ ଶକ୍ତି'

**ଭୁବନେଶ୍ୱର,୯।୯ (ମହାଭାରତ):** ଆଦିତ୍ୟ ବିର୍ଲା ଗ୍ରୁପ କମ୍ପାନୀ ଆଦିତ୍ୟ ଆଲୁମିନିୟମ ଓଡ଼ିଶାର ସମ୍ବଲପୁର ଜିଲ୍ଲାରେ ଏହାର କାରଖାନା ନିକଟବର୍ତ୍ତୀ ଅଞ୍ଚଳରେ ବାସ କରୁଥିବା ଜନସାଧାରଣଙ୍କ ନିମନ୍ତେ ଅର୍ଥପୂର୍ଣ୍ଣ କଲ୍ୟାଣକାରୀ ପ୍ରୟାସସମୂହରେ ଗଭୀର ଭାବରେ ନିୟୋଜିତ ରହିଛି। ଏହାର ଅନ୍ୟତମ ପ୍ରକଳ୍ପ 'ପ୍ରୋଜେକ୍ଟ ଶକ୍ତି' ଆୟକାରୀ ଉପାୟ ଜରିଆରେ ବେରୋଜଗାର ଗ୍ରାମୀଣ ମହିଳାଙ୍କ ନିକଟରେ ପହଞ୍ଚିବା ସହିତ ସେମାନଙ୍କୁ ସ୍ୱାବଲମ୍ବୀ ହେବାରେ ସହାୟତା କରୁଛି। ଏହି ପ୍ରୟାସ ସମ୍ପର୍କରେ ପ୍ରକାଶ କରି ହିଣ୍ଡାଲ୍କୋ ସମ୍ବଲପୁରର ମାଇନିଂ ବିଜିନେସ୍ ହେଡ ଏବଂ କ୍ଲଷ୍ଟର ହେଡ୍ ଶ୍ରୀ କୈଳାସ ପାଣ୍ଡେ କହିଛନ୍ତି, "ପ୍ରୋଜେକ୍ଟ ଶକ୍ତି କେବଳ ଅର୍ଥନୈତିକ ସଶକ୍ତିକରଣ ସମ୍ପର୍କିତ ନୁହେଁ, ଏହା ମହିଳାଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ସହିତ ସେମାନଙ୍କ ମଧ୍ୟରେ ନେତୃତ୍ୱକୁ ପ୍ରୋତ୍ସାହିତ କରୁଛି। ଆବଶ୍ୟକ ସାଧନ ଏବଂ ସମ୍ବଳ ଯୋଗାଇଦେଇ ଆମେ ଆମ କାରଖାନା ନିକଟବର୍ତ୍ତୀ ଅଞ୍ଚଳର ୪୦ଟି ଗ୍ରାମରେ ୨୦୦୦ରୁ ଅଧିକ ମହିଳାଙ୍କ ମଧ୍ୟରେ ସକାରାତ୍ମକ ପରିବର୍ତ୍ତନର ବ୍ୟାପକ ପ୍ରଭାବ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ। ଅଗଷ୍ଟ ୨୦୧୯ରେ ଏହା ଆରମ୍ଭ ହେବା ଦିନଠାରୁ ପ୍ରୋଜେକ୍ଟ ଶକ୍ତି ୨୧୫ ଗୋଷ୍ଠୀର ୨୧୮୫ ଏସଏଚ୍‌ଜି ସଦସ୍ୟାଙ୍କ ଜୀବନକୁ ସ୍ପର୍ଶ କରିଛି। ଏହି ପ୍ରୋଜେକ୍ଟ ଶକ୍ତି ଅଧୀନରେ ପ୍ରୟାସଗୁଡିକ ମଧ୍ୟରେ ସାମୂହିକ ଅଭିବୃଦ୍ଧି ନିମନ୍ତେ ପ୍ରଗତି, ଚାଲେଞ୍ଜ ଏବଂ ରଣକୌଶଳ ସମ୍ପର୍କରେ ଆଲୋଚନା କରିବାକୁ ନିୟମିତ ଏସଏଚ୍‌ଜି ବୈଠକ ଅନ୍ତର୍ଭୁକ୍ତ। ଟେଲରିଂ, ପତ୍ର ଥାଳି ତିଆରି, ଛତୁ ଚାଷ, ପନିପରିବା ଚାଷ ଆଦି ଆୟକାରୀ କାର୍ଯ୍ୟକଳାପଗୁଡ଼ିକୁ ଦୀର୍ଘସ୍ଥାୟିତା ସୁନିଶ୍ଚିତ କରିବାନିମନ୍ତେ ପ୍ରସ୍ତାବାବଳୀ, ପ୍ରେରଣା, ତାଲିମ ଏବଂ ବଜାର ସଂଯୋଗୀକରଣ ଆଦି ଜରିଆରେ ସମର୍ଥନ ଯୋଗାଇ ଦିଆଯାଉଛି। ଏହି ପ୍ରକଳ୍ପରେ ମଧ୍ୟ ସାମାଜିକ ଯୋଜନାଗୁଡିକ ସମ୍ପର୍କରେ ସଚେତନତା ବୃଦ୍ଧି କରାଯାଉଛି ଏବଂ ଆର୍ଥିକ ସାକ୍ଷରତା ତାଲିମ ସେମାନଙ୍କୁ ଆବଶ୍ୟକ ଦକ୍ଷତାରେ ସୁସଜ୍ଜିତ କରୁଛି।

# ମେଡିକାଲ ଅକ୍ସିଜେନର ପରିଚାଳନା ସ୍ୱାସ୍ଥ୍ୟସେବାରେ ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର,୯।୯ (ମହାଭାରତ):** ଯେକୌଣସି ଜରୁରୀକାଳୀନ ପରିସ୍ଥିତିରେ ମେଡିକାଲ୍ ଅକ୍ସିଜେନ୍‌ର ସଫଳ ପରିଚାଳନା ତଥା ରୋଗୀ ସେବାରେ ଏହାର ସଫଳ ପ୍ରୟୋଗକୁ ଉନ୍ନତ କରିବା ନିମନ୍ତେ, ଏମ୍ସ ଭୁବନେଶ୍ୱର, ହସ୍ପିଟାଲ ପ୍ରଶାସନ ବିଭାଗ ପକ୍ଷରୁ ମେଡିକାଲ ଅକ୍ସିଜେନ ପରିଚାଳନା ଉପରେ ଏକ ଜାତୀୟ ସାମର୍ଥ୍ୟ ବିକାଶ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରଶିକ୍ଷକମାନଙ୍କ ତାଲିମ ପରିଚାଳନା ନିମନ୍ତେ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ବିପର୍ଯ୍ୟୟ ପରିଚାଳନା ପ୍ରକୋଷ୍ଠ ଏବଂ ହସ୍ପିଟାଲ ପ୍ରଶାସନ ବିଭାଗ, ଏମ୍ସ ନୂଆଦିଲ୍ଲୀର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଛି। ସାରା ଦେଶରେ ମେଡିକାଲ ଅକ୍ସିଜେନ ପରିଚାଳନାକୁ ବ୍ୟବସ୍ଥିତ କରିବାରେ ଏହା ପ୍ରଥମ ପଦକ୍ଷେପ ଭାବେ ବିବେଚିତ ହେଉଛି।



କାର୍ଯ୍ୟକ୍ରମକୁ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଉଦ୍ଘାଟନ କରିଥିଲେ। କୋଭିଡ୍-୧୯ ମହାମାରୀରୁ ମିଳିଥିବା ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଉପରେ ଆଲୋକପାତ କରିବା ସହିତ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ମେଡିକାଲ୍ ଗ୍ୟାସ୍ର ଗୁଣବତ୍ତା, ସୁରକ୍ଷା ଏବଂ ବ୍ୟବସ୍ଥିତ ଉପଯୋଗ ସୁନିଶ୍ଚିତ କରିବା ପାଇଁ ଅକ୍ସିଜେନ ପରିଚାଳନା ଏବଂ ବହୁମୁଖୀ ସେବାରେ ବ୍ୟାପକ ତାଲିମର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ, ଡ. ବିଶ୍ୱାସ। ଏହାକୁ ସୁନିଶ୍ଚିତ କରିବା ପାଇଁ ଅକ୍ସିଜେନ୍ ଷ୍ଟିଓ୍ୱାର୍ଡଶିପ ଏବଂ ମାନିଫୋଲ୍ଡ ସେବାରେ ବ୍ୟାପକ ତାଲିମର ଆବଶ୍ୟକତା ଉପରେ ସେ ଜୋର ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଏମ୍ସ ଭୁବନେଶ୍ୱର ଡିନ୍ ଡ. ପି ଆର ମହାପାତ୍ର, ଡ. ସତ୍ୟଜିତ ମିଶ୍ର, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିଡିଏ ଲେଫ୍ଟନାଂଟ କର୍ଣ୍ଣେଲ ଅଭିଜିତ ସରକାର, ଏମ୍ସ ନୂଆଦିଲ୍ଲୀ ମେଡିକାଲ୍ ଅଧୀକ୍ଷକ ଡ. ନିରୁପମ ମଦନ, ହସ୍ପିଟାଲ୍ ପ୍ରଶାସନ ବିଭାଗ ଅତିରିକ୍ତ ପ୍ରଫେସର ଡ. ବିଜୟଦୀପ ସିଦ୍ଧାର୍ଥ, ଏବଂ ପ୍ରୋଜେକ୍ଟ ଲିଡ୍ ତଥା ଏମ୍ସ ଭୁବନେଶ୍ୱର ହସ୍ପିଟାଲ୍ ପ୍ରଶାସନ ବିଭାଗୀୟ ମୁଖ୍ୟ ଡ. ଜବାହାର ଏସ୍.କେ. ପିଲ୍ଲାଇ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ସୁରକ୍ଷା ବିଭାଗର ଅତିରିକ୍ତ ସଚିବ ଶ୍ରୀମତୀ ଭି. ହେକାଲି ଝିମୋମି ଭିଡିଓ ବାର୍ତ୍ତା ମାଧ୍ୟମରେ ସମାବେଶକୁ ସମ୍ବୋଧିତ କରି ଏହି କ୍ଷେତ୍ରରେ ଦକ୍ଷତା ବିକାଶର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅକ୍ସିଜେନ ପିଏମୟୁ, ସ୍ୱାସ୍ଥ୍ୟ ସୁରକ୍ଷା ମନ୍ତ୍ରଣାଳୟର ବୈଷୟିକ ବିଶେଷଜ୍ଞ ଭାରତ ଭୂଷଣ ଦାହିଆ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।

# ପ୍ରତି ସୋମବାର ପଲ୍ଲୀରେ ପ୍ରଶାସନ

**ଭୁବନେଶ୍ୱର,୯।୯ (ମହାଭାରତ):** ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଜନସାଧାରଣ ମାନଙ୍କର ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡ଼ିକୁ ବିଚାର କରି ତ୍ୱରିତ ନ୍ୟାୟ ପ୍ରଦାନ ସହ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ ନୂତନ ଭାବେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଆଜିଠାରୁ ସମଗ୍ର ଜିଲ୍ଲାରେ ଆରମ୍ଭ କରିଛନ୍ତି। ପ୍ରଶାସନିକ ବ୍ୟବସ୍ଥାକୁ ଅଧିକରୁ ଅଧିକ ସରଳୀକରଣ କରି ପ୍ରତ୍ୟେକ ଯୋଜନାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ଉପଲବ୍ଧ କରାଇବା ସହ ସେମାନଙ୍କର ଜୀବନ ଜୀବିକା ଶୈଳୀରେ ଉନ୍ନତି ଆଣିବା ଓ ସେମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି ଦୃତ ଗତିରେ କରାଇବା ଲକ୍ଷନେଇ ଏହି କାର୍ଯ୍ୟକ୍ରମ ଆଜିଠାରୁ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏ ପଲ୍ଲୀ (ପଂଚାୟତରେ) ଶୁଭାରମ୍ଭ ହୋଇଛି। ଖୋର୍ଦ୍ଧା ବ୍ଲକର ବାଜପୁର,ବାଣପୁର ବ୍ଲକର ଭେଟେଶ୍ୱର, ବେଗୁନିଆ ବ୍ଲକର କନ୍ତାବାଡ, ବୋଲଗଡ଼ ବ୍ଲକର ବୋଲଗଡ଼, ଟାଙ୍ଗିବ୍ଲକ୍‌ର ବଡପାରି ସମେତ ଚିଲିକା ବ୍ଲକ୍ ଅଧୀନ ହରିପୁର ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ଜିଲ୍ଲା ପ୍ରଶାସନର ପଲ୍ଲୀରେ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ୍ ଋତୁରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହରିପୁର ଗ୍ରାମ ପଂଚାୟତରେ ପଲ୍ଲୀରେ ପ୍ରଶାସନ ଜନଶୁଣାଣି କାର୍ଯ୍ୟକ୍ରମରେ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ, ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା, ବନଖଣ୍ଡ ଅଧିକାରୀ ଲାଡେ ଗଜାନନ ଦୟାନନ୍ଦ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋର୍ଦ୍ଧା ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା, ଚିଲିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋସ୍ନା ରାଣୀ ବେହେରା, ଉପାଧ୍ୟକ୍ଷ ଅରୁଣ ପଟ୍ଟନାୟକ, ସରପଂଚ ଗୀତାଞ୍ଜଳି ବେହେରା ପ୍ରମୁଖ ଯୋଗଦେଇ ଥିଲେ। ଅଭିଯୋଗ ପ୍ରକୋଷ୍ଠକୁ ମୋଟ ୧୪୭ ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୧୪୧ ଗୋଟି ବ୍ୟକ୍ତି ଗତ ଅଭିଯୋଗ,୦୬ଗୋଟି ଗ୍ରାମୀଣ ସମସ୍ୟା ଅଭିଯୋଗ ଥିଲା। ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଦ୍ୱାରା ହାତ ପାଆନ୍ତାରେ ଜିଲ୍ଲା ପ୍ରଶାସନ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ପାଇଁ ହିତାଧିକାରୀ ଚୟନର ଏକ ସୁଗମ ବାଟ ଫିଟିବ ବୋଲି ମନ୍ତ୍ରୀ ପୃଥ୍ୱିରାଜ୍ ହରିଚନ୍ଦନ ପ୍ରକାଶ କରିବାସହ ଖୋର୍ଦ୍ଧା ଜିଲ୍ଲାବାସୀ ବହୁଳ ଭାବରେ ଏହାର ସୁଯୋଗ ନେବାକୁ ପରାମର୍ଶ ଦେଇଛନ୍ତି।



# ୨୧ରେ 'ମୋଦୀ ଯୁବା ମାରାଥନ' କରିବ ବିଜେପି

**ଭୁବନେଶ୍ୱର,୯।୯ (ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଦେଶର ଯୁବାବର୍ଗର ଉନ୍ନତି ପାଇଁ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ଯୁବକମାନଙ୍କ ଦକ୍ଷତା ବୃଦ୍ଧି ସହ ସେମାନଙ୍କୁ ଆତ୍ମନିର୍ଭର କରିବା ପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ତାଙ୍କ ପ୍ରୟାସ ଯୋଗୁ ସାରା ବିଶ୍ୱରେ ଭାରତର ଯୁବବର୍ଗ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। କେବଳ ଯୁବବର୍ଗ ନୁହେଁ ସମାଜ ପ୍ରତ୍ୟେକ କ୍ଷେତ୍ରରେ ମୋଦିଜୀଙ୍କ ଉଲ୍ଲେଖନୀୟ ଅବଦାନ ରହିଛି। ଏହି ପରିପ୍ରେକ୍ଷୀରେ ୨୧ ତାରିଖରେ ଭାରତୀୟ ଜନତା ଯୁବମୋର୍ଚ୍ଚା ତରଫରୁ ସବୁଠାରୁ ଆକର୍ଷଣୀୟ କାର୍ଯ୍ୟକ୍ରମ "ମୋଦୀ ଯୁବା ମାରାଥନ" ଆୟୋଜନ କରାଯିବ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ସୂଚନା ଦେଇଛନ୍ତି।




ଶ୍ରୀ ପଣ୍ଡା କହିଛନ୍ତି ଯେ, ସମାଜର ଗରିବ ଓ ଶୋଷିତ ବର୍ଗର ଉତ୍ଥାନ ପାଇଁ କାର୍ଯ୍ୟକରି ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସମସ୍ତେ ମୋଦିଜୀଙ୍କ ଭଳି ସାମାଜିକ କାର୍ଯ୍ୟରେ ନିଜକୁ ସାମିଲ କରିବା ପାଇଁ ମୋଦିଜୀଙ୍କ ଜନ୍ମଦିନକୁ ସେବା ଦିବସ ଭାବେ ପାଳନ କରନ୍ତି। ତାଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପର୍ଯ୍ୟନ୍ତ ସେବା ପକ୍ଷ ଭାବେ ପାଳନ କରାଯାଏ। ଚଳିତ ବର୍ଷ ମୋଦିଜୀଙ୍କ ୭୫ ତମ ଜନ୍ମଦିବସ ପଡୁଥିବାରୁ ଏହାକୁ ସ୍ମରଣୀୟ ରଖିବା ଉଦ୍ଦେଶ୍ୟରେ ବୃକ୍ଷଚାରା ରୋପଣଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ ଶିବିର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବିଜେପି, ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଆୟୋଜନ କରାଯିବ। ଆଜିର ବହୁ ଯୁବବର୍ଗ ନିଶାରେ କବଳିତ ହୋଇ ଦିଗହରା ହେବାରେ ଲାଗିଛନ୍ତି। ସେମାନଙ୍କୁ ସେବା ପକ୍ଷରେ ସଚେତନ କରି ନିଶାମୁକ୍ତ ଭାରତ ଗଠନ ପାଇଁ ଆହ୍ୱାନ ଦେବା ସହ ଅନିୟମିତ ଜୀବନ ଶୈଳୀ ନିୟନ୍ତ୍ରିତ କରିବା ଉଦ୍ଦେଶ୍ୟରେ ସାରା ଭାରତର ୭୫ ସ୍ଥାନରେ ମୋଦି ଯୁବ ମାରାଥନ ଆୟୋଜନ କରାଯିବ।

ଏହି ପରିପ୍ରେକ୍ଷୀରେ ସେପ୍ଟେମ୍ବର୨୧ ତାରିଖରେ ସକାଳ ୬ଟା୧୫ରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରୁ ଜନତା ମଇଦାନ ପର୍ଯ୍ୟନ୍ତ ଗଣଦୌଡ଼ ଅନୁଷ୍ଠିତ ହେବ। ଏଥିରେ ସାରା ରାଜ୍ୟରେ ୧୦ହଜାରରୁ ଊର୍ଦ୍ଧ୍ୱ ଯୁବବର୍ଗ ସାମିଲ ହେବେ। ସାମ୍ବାଦିକ ସମ୍ମିଳନୀରେ ଯୁବ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ସୁବ୍ରତ ବିଶ୍ୱାଳ, ମାନସ କୁମାର ସାହୁ, ଚଣ୍ଡୀପ୍ରସାଦ ବେହେରା ଉପସ୍ଥିତ ଥିଲେ।

# ଲୋକସେବା ଆୟୋଗକୁ ସାକ୍ଷାତକାର ମାର୍କ ପ୍ରଦାନ ନିର୍ଦ୍ଦେଶ

**ଭୁବନେଶ୍ୱର,୯।୯ (ମହାଭାରତ):** ଏକ ସାମ୍ପ୍ରତିକ ରାୟରେ ରାଜ୍ୟ ମୁଖ୍ୟ ସୂଚନା କମିଶନର ଐତିହାସିକ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ୨୦୨୨ ମସିହାରେ ସହକାରୀ ଶିକ୍ଷକ ପଦବୀ ପାଇଁ ମନୋନୀତ ହୋଇ ନଥିବା ଜଣେ ପ୍ରାର୍ଥୀଙ୍କୁ ସାକ୍ଷାତକାର ମାର୍କ ପ୍ରଦାନ କରିବାକୁ ଓଡ଼ିଶା ଲୋକସେବା ଆୟୋଗକୁ ନିର୍ଦ୍ଦେଶ ଦିଆଯାଇଛି। ଭଦ୍ରକ ଜିଲ୍ଲାର ଶ୍ରୀମତୀ ମିନତୀ ରାଣୀ ମହାପାତ୍ର ଇତିହାସ ବିଷୟ ପାଇଁ ସହକାରୀ ଶିକ୍ଷକ ପଦବୀ ନିମନ୍ତେ ଆବେଦନ କରିଥିଲେ। ବିଜ୍ଞାପନ ଅନୁଯାୟୀ କ୍ୟାରିୟର ମାର୍କ ଏବଂ ସାକ୍ଷାତକାର ମାର୍କ ଉପରେ ଆଧାରିତ ଥିଲା।

ଜୁନ୍ ୨୦୦୨ ମସିହାରେ ଓଡ଼ିଶା ଲୋକସେବା କମିଶନ ଦ୍ୱାରା ପ୍ରକାଶିତ ମନୋନୀତ ପ୍ରାର୍ଥୀଙ୍କ ତାଲିକାରେ ସେ ତାଙ୍କ ନାମ ପାଇ ନଥିଲେ। ଫଳାଫଳରେ ଅସନ୍ତୁଷ୍ଟ ହୋଇ ସେ ଡିସେମ୍ବର ୨୦୦୨ ମସିହାରେ ଆରଟିଆଇରେ ଆବେଦନ ପୂର୍ବକ ଲୋକସେବା କମିଶନଙ୍କ ନିକଟରେ କ୍ୟାରିଅର ମୂଲ୍ୟାୟନ ଏବଂ ସାକ୍ଷାତକାରରେ ତାଙ୍କୁ ମିଳିଥିବା ମାର୍କର ବିବରଣୀ ମାଗିଥିଲେ। ଓଡିଶା ଲୋକସେବା ଆୟୋଗ ତାଙ୍କୁ କ୍ୟାରିଅରର ମାର୍କ ପ୍ରଦାନ କରିଥିଲା। କିନ୍ତୁ ଡିସେମ୍ବର ୨୦୦୨ରେ ପ୍ରାର୍ଥୀମାନଙ୍କୁ ସାକ୍ଷାତକାର ମାର୍କ ପ୍ରଦାନ ନକରିବା ପାଇଁ ନିଷ୍ପତି ନିଆଯାଇଥିବା ଆଧାରରେ ତାଙ୍କର ସାକ୍ଷାତକାର ମାର୍କ ପ୍ରଦାନ କରିବାକୁ ମନାକରି ଦେଇଥିଲା।

ସୂଚନା କମିଶନଙ୍କ ସମ୍ମୁଖରେ ଶୁଣାଣି ସମୟରେ ଓଡ଼ିଶା ଲୋକସେବା ଆୟୋଗର ପ୍ରତିନିଧି ଯୁକ୍ତି ବାଢ଼ିଥିଲେ ଯେ ଉକ୍ତ ପଦବୀରେ ପ୍ରାର୍ଥୀଙ୍କ ଚୟନ ପାଇଁ କୌଣସି ସାକ୍ଷାତକାର ମାର୍କ ରେକର୍ଡ କରାଯାଏ ନାହିଁ କିମ୍ବା କୌଣସି ସର୍ବନିମ୍ନ ମାର୍କ ସ୍ଥିର କରାଯାଏ ନାହିଁ । ଓଡ଼ିଶା ଲୋକସେବା ଆୟୋଗର ପ୍ରତିନିଧି ଯୁକ୍ତି ଦେଇଥିଲେ ଯେ ସାକ୍ଷାତକାର ହେଉଛି ସେମାନଙ୍କର ବ୍ୟକ୍ତିତ୍ୱ ଓ କଥନ ଶୈଳୀ ଦକ୍ଷତା ଇତ୍ୟାଦିର ଏକ ପରୀକ୍ଷା, ଏବଂ ସାକ୍ଷାତକାରରେ କେବଳ ଯୋଗ୍ୟତା ନିର୍ଣ୍ଣୟ କରାଯାଏ। ପ୍ରାର୍ଥୀମାନଙ୍କୁ କେବଳ ସେମାନେ ଉପଯୁକ୍ତ କି ଅନୁପଯୁକ୍ତ ବୋଲି ସୂଚନା ଦିଆଯାଏ। ପ୍ରାର୍ଥୀମାନଙ୍କୁ ନିର୍ଦ୍ଦିଷ୍ଟ ମାର୍କ ଦିଆଯାଏ ନାହିଁ କିମ୍ବା କୌଣସି ଯୋଗ୍ୟ ତାଲିକା ପ୍ରକାଶ କରାଯାଏ ନାହିଁ।

ରାଜ୍ୟ ମୁଖ୍ୟ ସୂଚନା କମିଶନର ମନୋଜ ପରିଡା ତାଙ୍କ ଐତିହାସିକ ରାୟରେ କହିଛନ୍ତି ଯେ ଓଡ଼ିଶା ଲୋକସେବା ଆୟୋଗର ଏପରି ନିଷ୍ପତି ସୂଚନା ଅଧିକାର ଆଇନର ବ୍ୟବସ୍ଥା ବିରୁଦ୍ଧ । ପ୍ରାର୍ଥୀଙ୍କର ସାକ୍ଷାତକାରରେ ପାଇଥିବା ମାର୍କ ଜାଣିବାର ପୂର୍ଣ୍ଣ ଅଧିକାର ରହିଛି। ଏହା ଦ୍ୱାରା ସେ ପରବର୍ତ୍ତୀ ପ୍ରୟାସରେ ତାଙ୍କର ପ୍ରଦର୍ଶନକୁ ଉନ୍ନତ କରି ପାରିବେ। ପ୍ରତ୍ୟେକ ପ୍ରାର୍ଥୀ, ବିଶେଷ କରି, ପରୀକ୍ଷାରେ ବିଫଳ ହୋଇଥିବା ପ୍ରାର୍ଥୀଙ୍କର ଜାଣିବାର ଅଧିକାର ଅଛି ଯେ ସେମାନେ କେଉଁ ଆଧାରରେ ସଫଳ ହୋଇ ପାରିଲେ ନାହିଁ।

## ସାମସଙ୍ଗ ଗାଲାକ୍ସି ଟାବ ଏସ୧୧ ଶୃଙ୍ଖଳ ସହିତ ଏସ ପେନ ପୁନଃଡ଼ିଜାଇନର ଶୁଭାରମ୍ଭ

**ଭୁବନେଶ୍ୱର,୯।୯ (ମହାଭାରତ):** ସାମସଙ୍ଗ, ଭାରତର ଏକ ସର୍ବବୃହତ୍ ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ଗାଲାକ୍ସି ଟାବ ଏସ୧୧ ଅଲଟ୍ରା ଏବଂ ଗାଲାକ୍ସି ଟାବ ଏସ୧୧ ଶୁଭାରମ୍ଭର ଘୋଷଣା କରିବା ସହିତ ଏହାର ସବୁଠାରୁ ଅଧିକ ବୁଦ୍ଧିମତା ଏବଂ ବର୍ତମାନର ସବୁଠାରୁ ଉନ୍ନତ ମାନର ଟାବଲେଟ ଅଭିଜ୍ଞତା ପ୍ରଦାନ କରୁଅଛି। ଅଧିକ ସମୟ ଧରି ଚାଲିବା ପାଇଁ ଗାଲାକ୍ସି ଟାବ ଏସ୧୧ ଶୃଙ୍ଖଳ ବାଧାହିନ ଉତ୍ପାଦନ ପାଇଁ ପ୍ରସ୍ତୁତ ହେବା ସହିତ ଏଥିରେ ଏକାଠି ରହିଛି ପ୍ରୋ-ଗ୍ରେଡ଼ ଯୁକ୍ତ ହାଡ଼ଓ୍ୱେୟାର ତଥା ଏକ ବିରାଟ ପରଦା ପାଇଁ ଯାହାକି ଅନୁକୁଳତମ ଅଭିଜ୍ଞତାକାରୀ ଅଟେ। ଗାଲାକ୍ସି ଟାବ ଏସ୧୧ ଅଲଟ୍ରା ଆଜିର ତାରିଖ ପର୍ଯ୍ୟନ୍ତ ଥିବା ସବୁଠାରୁ ପତଳା ଗାଲାକ୍ସି ଟାବ ଅଟେ। ଦକ୍ଷତା ସହିତ କୌଣସି ବୁଝାମଣା ନ କରି ଏହା ସବୁଠାରୁ ପତଳା ଗଠନରେ ଆସିଛି ଯାହାକି ଏକ ପ୍ରିମିୟମ ଟାବଲେଟ କ'ଣ ହୋଇପାରେ ଏହା ତାହା ପ୍ରଦର୍ଶିତ କରିଛି। ଗାଲାକ୍ସି ଟାବ ଏସ୧୧ ଅଲଟ୍ରା କେବଳ ୫.୧ ଏମଏମର ପତଳା ଏବଂ ମାତ୍ର ୬୯୨ ଗ୍ରାମର ଓଜନ ଅଟେ ଯାହା ବନାମ ଏହାର ପୂର୍ବ ପୀଢ଼ିକୁ ନେଇ ଯେଉଁଥିରେ ରହିଥିଲା ୫.୫ ଏମଏମର ପତଳା ତଥା ୭୧୮ ଗ୍ରାମ ଓଜନ ବିଶିଷ୍ଟ। ଓ୍ୱାନ ୟୁଆଇ ୮ ସହିତ, ଗାଲାକ୍ସି ଟାବ ଏସ୧୧ ଶୃଙ୍ଖଳ ସମ୍ମୁଖ ଭାଗର ମଲ୍‌ଟି ମୋଡ଼ାଲ ଏଆଇ ପ୍ରଦାନ କରିବା ସହିତ – ଏହା ବୁଝି ପାରିଥାଏ ବ୍ୟବହାରକାରୀ ମାନେ କ'ଣ ଟାଇପ କରନ୍ତି, କୁହନ୍ତି ଏବଂ ଦେଖନ୍ତି ତଥା ପ୍ରକୃତ ସମୟରେ ସେମାନେ କ'ଣ ଗ୍ରହଣ କରିଥାନ୍ତି ସାହାଯ୍ୟକାରୀ ମତାମତ ସହିତ।

# ଅନୁସୂଚିତ ଜାତି ଓ ଜନଜାତି ଆଇନକୁ ଦୁର୍ବଳ କରିବାକୁ ଷଡଯନ୍ତ୍ର

**ଭୁବନେଶ୍ୱର,୯।୯ (ମହାଭାରତ):** ଓଡ଼ିଶାରେ ଅନୁସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିରାକରଣ ଆଇନର ଉପଯୋଗ ଦୁର୍ବଳ କରିବାକୁ ବିଜେପି ସରକାର ଷଡଯନ୍ତ୍ର କରୁଛି ବୋଲି କଂଗ୍ରେସ ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଅନୁସୂଚିତ ଜାତି ବିଭାଗର ପୂର୍ବତନ ଅଧ୍ୟକ୍ଷ ବାଙ୍କନିଧି ବେହେରା, ପୂର୍ବତନ ପ୍ରଦେଶ କଂଗ୍ରେସ ମତ୍ସ୍ୟଜୀବି ପ୍ରକୋଷ୍ଠର ଅଧ୍ୟକ୍ଷ ହଳଧର ସେଠୀ ଓ ଅନ୍ୟ ମାନେ ଏହି ଅଭିଯୋଗ କରିଛନ୍ତି।

ସେମାନେ କହିଛନ୍ତି ଯେ, ଗତ ୧୯୮୯ ମସିହା ଠାରୁ ଆମ ଦେଶରେ ବାସ କରୁଥିବା ହଜାର ହଜାର ବର୍ଷରୁ ସାମାଜିକ ଅଧିକାରରୁ ବଂଚିତ ଥିବା ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କୁ ନ୍ୟାୟ ପ୍ରଦାନ ପାଇଁ ତତକାଳୀନ କଂଗ୍ରେସ ସରକାର ଅନୁସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିରାକରଣ ଆଇନ ପ୍ରଣୟନ କରିଥିଲେ। ଭାରତୀୟ ସମ୍ବିଧାନର ଧାରା ୧୭ ଅନୁସାରେ ଏହି ବର୍ଗର ଲୋକମାନଙ୍କ ଉପରେ ଜାତିଗତ ବିଦ୍ୱେଶ ଯୋଗୁଁ କେହି ଅପରାଧିକ କାର୍ଯ୍ୟ କଲେ ଏହି ଆଇନ ଧାରା ୩ ଅନ୍ତର୍ଗତ ୨୯ ଟି ଏବଂ ଧାରା ୨ ଅନ୍ତର୍ଗତ ୮ ଗୋଟି ଉପଧାରା ଦ୍ୱାରା ସଂପୃକ୍ତ ଆସାମୀକୁ ଦଣ୍ଡ ଦେବାର ବ୍ୟବସ୍ଥା ରହିଛି।

ସେହିପରି ଅନୁସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିରାକରଣ ନିୟମ ୧୯୯୫ ମୁତାବକ ୧୮ ଗୋଟି ନିୟମ ରହିଛି ଏବଂ ନିର୍ଦ୍ଦିଷ୍ଟ ଭାବେ ଏହି ଆଇନ ଅନ୍ତର୍ଗତ ନିୟମ-୩,୪,୬,୭,୮,୯,୧୦, ୧୧,୧୨,୧୪ ଓ ୧୬ ଆଦି ବ୍ୟବସ୍ଥା ଏହି ବର୍ଗର ସୁରକ୍ଷା ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ। ଏହା ଏକ କେନ୍ଦ୍ରିୟ ଆଇନ। ଏହାର ସଂଶୋଧନ ବା ପରିବର୍ତ୍ତନ ପାଇଁ ଆମ ଦେଶର ସଂସଦ କେବଳ ଅଧିକାର ପ୍ରାପ୍ତ ବୋଲି ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ମାନସ କୁମାର ମଲ୍ଲିକ ଆଜି କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଥିଲେ। ସେ କହିଥିଲେ ଏହି ଆଇନର ନିୟମ ୭ ଅନ୍ତର୍ଗତ ବ୍ୟବସ୍ଥା ମୁତାବକ କୌଣସି ମାମଲା ଅନୁସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିରାକରଣ ଆଇନ ଅଧିନରେ ପଞ୍ଜିକୃତ ହେଲେ ନିୟମ ୭ ଅନୁସାରେ ଜଣେ ଡି.ଏସ୍.ପି କିମ୍ବା ତଦୁର୍ଦ୍ଧ ପାହ୍ୟା ପୋଲିସ ପଦାଧିକାରୀଙ୍କୁ ମାମଲାର ଅନୁସନ୍ଧାନ ଦାୟିତ୍ୱ ଦିଆଯିବ, ଯିଏକି ପୂର୍ବରୁ ଜଣେ ଅଭିଜ୍ଞ ଅନୁସନ୍ଧାନକାରୀ, ନ୍ୟାୟ ପ୍ରଦାନ ପାଇଁ ମାନସିକ ଦକ୍ଷତା ଏବଂ ଏହି ସ୍ୱତନ୍ତ୍ର ଆଇନର ଉଦେଶ୍ୟକୁ ବୁଝି ଠିକ୍ ମାର୍ଗରେ ଅନୁସନ୍ଧାନ କରି ସବୁଠାରୁ କମ ଦିନ, ଯଥା-୬୦ ଦିନରେ ଅନୁସନ୍ଧାନ ଶେଷକରି ଚାର୍ଜସିଟ କରିବେ। ସେମାନେ କହିଛନ୍ତି ଯେ, ଗତ ତା ୩୦.୮.୨୦୨୫ ରିଖରେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ବେଆଇନ ଭାବେ ଏହି ନିୟମ ୭ର ବ୍ୟବସ୍ଥାକୁ ପରିବର୍ତ୍ତନ କରି ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି।

## ସାମସଙ୍ଗ ଶୁଭାରମ୍ଭ କରିଛି ଷ୍ଟାଇଲିଷ୍ଟ ଗାଲାକ୍ସି ଏ୧୭ ୫ଜି

**ଭୁବନେଶ୍ୱର,୯।୯ (ମହାଭାରତ):** ସାମସଙ୍ଗ, ଭାରତର ସର୍ବବୃହତ୍ ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ ଆଜି ଭାରତରେ ଏହାର ସବୁଠାରୁ ଅଧିକ ଗ୍ରହଣଯୋଗ୍ୟ ଗାଲାକ୍ସି ଏ ଶୃଙ୍ଖଳ ଏଆଇ ସ୍ମାର୍ଟଫୋନ ଗାଲାକ୍ସିଏ୧୭ ୫ଜି ଶୁଭାରମ୍ଭର ଘୋଷଣା କରିଛି। ଏହି ୭.୫ ଏମଏମ ସହିତ ଗାଲାକ୍ସି ଏ୧୭ ୫ଜି ଏହାର ସେଗମେଂଟର ସବୁଠାରୁ ପତଳା ସ୍ମାର୍ଟଫୋନ ଅଟେ। କେବଳ ମାତ୍ର ୧୯୨ ଗ୍ରାମ ଓଜନରେ, ଏହି ସାମଗ୍ରୀଟିକୁ ଧରିରଖିବା ଏବଂ ବ୍ୟବହାର କରିବା ପାଇଁ ଏହାକୁ ସହଜ କରାଯାଇଛି। ଗାଲାକ୍ସି ଏ୧୭ ୫ଜି ଏହାର ପୂର୍ବ ପିଢ଼ୀ ଗାଲାକ୍ସି ଏ୧୬ ୫ଜିର ସଫଳ ବଂଶଜ ଅଟେ ଯାହାକି ଭାରତରେ ସାମସଙ୍ଗର ସବୁଠାରୁ ଭଲ ବିକ୍ରୟ ହେଉଥିବା ସ୍ମାର୍ଟଫୋନ।

ଗାଲାକ୍ସି ଏ୧୭ ୫ଜି ଏହାର ଗାଲାକ୍ସି ଏ ଶୃଙ୍ଖଳ ପରମ୍ପରାକୁ ଆଗକୁ ନେଇ ଭାରତରେ ଥିବା ଏହାର ଦର୍ଶକଙ୍କ ପାଇଁ ଫ୍ଲାଗସିପ୍ ନବୀନତମତାର ବ୍ୟାପକତା ଆଣିପାରିଛି। ଗ୍ରାହକ ମାନେ ଏକ ଷ୍ଟାଇଲିଷ୍ଟ ଏବଂ ପତଳା ଡ଼ିଜାଇନ, ବିଶ୍ୱସନୀୟ ଦକ୍ଷତା ଏବଂ ଅନେକ ଗୁଡ଼ିଏ ସ୍ମାର୍ଟ ଏଆଇ ବିଶେଷତ୍ୱକୁ ନେଇ ମୂଲ୍ୟ ଦୃଷ୍ଟିରୁ ଏକ ଗ୍ରହଣଯୋଗ୍ୟ ସାମଗ୍ରୀ ପାଇବାରେ ସଫଳ ହୋଇପାରିଛନ୍ତି। ଗାଲାକ୍ସି ଏ୧୭ ୫ଜି ଏହାର ସେଗମେଂଟରେ ସବୁଠାରୁ ଉତ୍କୃଷ୍ଟ ଏଆଇ ବିଶେଷତ୍ୱ, ଡ଼ିସପ୍ଲେ, କ୍ୟାମେରା, ସୁରକ୍ଷା ବିଶେଷତ୍ୱ, କଲିଙ୍ଗ ଅଭିଜ୍ଞତା ଏବଂ ଓଏସ ଅଧୁନତମତାକୁ ନେଇ ସାମସଙ୍ଗର ସବୁଠାରୁ ଉତ୍କୃଷ୍ଟ ଉତ୍ସବ ଋତୁର ଅଫର ଗୁଡ଼ିକୁ ପ୍ରଦାନ କରିପାରିଛି। "ଗାଲାକ୍ସି ଏ ଶୃଙ୍ଖଳ ଏହାର ପାରମ୍ପରିକ ଅଧିକ ଲୋକ ପସନ୍ଦ ଯୁକ୍ତ ଫ୍ଲାଗସିପ ନବୀକରଣ ସହିତ ଗ୍ରହଣୀୟ ଯୋଗ୍ୟ ମୂଲ୍ୟକୁ ନେଇ ଆମର ସବୁଠାରୁ ଲୋକପ୍ରିୟ ସ୍ମାର୍ଟ ଶୃଙ୍ଖଳ ଅଟେ। ଗାଲାକ୍ସି ଏ୧୭ ୫ଜି ଆମର ସବୁଠାରୁ ଗ୍ରହଣଯୋଗ୍ୟ ଗାଲାକ୍ସି ଏ ଶୃଙ୍ଖଳ ଏଆଇ ସ୍ମାର୍ଟଫୋନ ଅଟେ ଏବଂ ଏହା ଫ୍ୟାନ ପସନ୍ଦକାରୀ ଏଆଇ ବିଶେଷତ୍ୱ ସହିତ ଆସିଅଛି ଯେଉଁଥିରେ ରହିଛି ସର୍କଲ ଟୁ ସର୍ଚ୍ଚ ଏବଂ ଜେମିନୀ ଲାଇଫ।

# ପ୍ରତିବାଦର ଅଧିକାର


ମୌଳିକ ଅଧିକାର ମଧ୍ୟରେ ରହିଛି ବାକ୍ ସ୍ୱାଧୀନତା, ପ୍ରତିବାଦର ଅଧିକାର। ଅନେକ ସମୟରେ ଛୋଟ ଛୋଟ ଘଟଣା ବା ଅଘଟଣକୁ ନେଇ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଆନ୍ଦୋଳନ କରନ୍ତି। ରାସ୍ତା ରୋକ, ରେଳରୋକ କରନ୍ତି। ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଇବାକୁ ନାକେଦମ ହେବାକୁ ପଡ଼ିଥାଏ। ଅନ୍ୟମାନେ ଏଥିରେ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଅର୍ଥାତ କିଛି ଲୋକ ନିଜ ଇଚ୍ଛାରେ ଅନ୍ୟର ଅଧିକାରକୁ ଅପହରଣ କରନ୍ତି। ଏହାକୁ କହନ୍ତି ବିଶୃଙ୍ଖଳା ବା ଅରାଜକତା। ଏହା ବ୍ୟତିତ ସରକାରଙ୍କ କିଛି ନିଷ୍ପତ୍ତି ବା ନିଷ୍କ୍ରିୟତା ପ୍ରତିବାଦରେ ବିରୋଧୀ ଦଳ ମଧ୍ୟ ଆନ୍ଦୋଳନକୁ ଓହ୍ଲାନ୍ତି। ବଡ଼ ଧରଣର ସମାବେଶ ଆୟୋଜିତ ହୋଇଥାଏ। ଏହା ରାଜନୈତିକ ଦଳର ଅଧିକାର। କିନ୍ତୁ ଅନେକ ସମୟରେ ଏହା ସୀମା ଟପିଟାଇଥାଏ ଏବଂ ଏହା ଦ୍ୱାରା ସାଧାରଣ ଜନତା କଷ୍ଟ ସ୍ୱୀକାର କରନ୍ତି। ବିରୋଧୀ ଦଳ ବା ସଙ୍ଗଠନର ବନ୍ଦ ଆହ୍ୱାନ ଯୋଗୁ ଦେଶର କେତେ କ୍ଷତି ହୁଏ ତାହା ଆକଳନ କରାଯାଇପାରିବନି। କିଛି ବର୍ଷ ତଳେ କେରଳ ହାଇକୋର୍ଟ ବନ୍ଦ ଉପରେ ରୋକ ଲଗାଇଥିଲେ। କିନ୍ତୁ କୌଣସି ରାଜନୈତିକ ଦଳ ଏହାକୁ ମାନିଲେ ନାହିଁ। କାରଣ ରାଜନେତାମାନେ ଲୋକଙ୍କ ସ୍ୱାର୍ଥ ପାଇଁ ନୁହେଁ, ନିଜର ଭୋଟ ପାଇଁ ଏହା କରନ୍ତି। ସମ୍ଭବତଃ ଭାରତରେ ଯେତେ ଜନଆନ୍ଦୋଳନ ହୋଇଥାଏ ତାହା ବିଶ୍ୱର ଅନ୍ୟ କେଉଁଠାରେ ଦେଖାଯାଏନି। ବଡ଼ କଥା ହେଲା ଅନେକ ସମୟରେ ଆନ୍ଦୋଳନ ନାମରେ ଅରାଜକତା ସୃଷ୍ଟି ହୋଇଥାଏ। କିଚି ବର୍ଷ ତଳେ ସିଏଏ ବିରୋଧରେ ଏଭଳି ଜନଆନ୍ଦୋଳନ ଅରାଜକତାରେ ପରିଣତ ହୋଇଥିଲା। ଏହି ଆନ୍ଦୋଳନର କୌଣସି ଯଥାର୍ଥତା ନଥିଲା। ସରକାର ବାରମ୍ବାର ସ୍ପଷ୍ଟ କଲେ ଯେ, ସିଏଏ କାହାର ନାଗରିକତା ଛିନ୍ନ କରିବାକୁ ନୁହେଁ, ଶରଣାର୍ଥୀଙ୍କୁ ନାଗରିକତା ପ୍ରଦାନ ଲାଗି ଉଦ୍ଦିଷ୍ଟ। ଅତୀତରେ ଇନ୍ଦିରା ଗାନ୍ଧି ମଧ୍ୟ ଏହା କରିଥିଲେ। କିନ୍ତୁ ଚେଇଁ ଶୋଇବ ଯିଏ ତାକୁ ଉଠାଇବ କିଏ? ସେହିପରି କେନ୍ଦ୍ର ସରକାରଙ୍କ କୃଷି ଆଇନ ବିରୋଧରେ ଏଭଳି ଆନ୍ଦୋଳନ ହୋଇଥିଲା। ମାସ ମାସ ଧରି ରାଜଧାନୀ ଦିଲ୍ଲୀର ପ୍ରବେଶ ପଥକୁ କଅଷକମାନେ ଅବରୋଧ କଲେ। ସାଧାଣତନ୍ତ୍ର ଦିବସରେ ଦିଲ୍ଲୀରେ ପଞ୍ଜାବର କୃଷକମାନେ ପଶି ହଙ୍ଗାମା କଲେ। ଏହା ଏକ ଅନ୍ତର୍ଜାତୀୟ ଷଡ଼ଯନ୍ତ୍ର ଥିଲା। ସରକାର ଚାହିଁଥିଲେ ଏହାକୁ ଦୃଢ଼ ହସ୍ତରେ ଦମନ କରିପାରିଥାଆନ୍ତେ। କିନ୍ତୁ ସମ୍ବିଧାନରେ ଥିବା ଅମୌଳିକ ଅଧିକାରକୁ ସମ୍ମାନ ଦେଇ ସରକାର ନିରବ ରହିଲେ। ଶେଷରେ ପ୍ରଧାନମନ୍ତ୍ରୀ କ୍ଷମା ମାଗିଲେ ଏବଂ କୃଷି ଆଇନକୁ ପ୍ରତ୍ୟାହାର କଲେ। କିନ୍ତୁ ବାସ୍ତବରେ ଏହି ଆଇନ ଦେଶର କୃଷି ଏବଂ କୃଷକଙ୍କ ସ୍ୱାର୍ଥ ରକ୍ଷା ଲାଗି ଉଦ୍ଦିଷ୍ଟ କଲେ। କିଛି ମୁଷ୍ଟିମେୟ ବ୍ୟକ୍ତି ନିଜ ରାଜନୈତିକ ସ୍ୱାର୍ଥ ହାସଲ ଲାଗି ଏହାକୁ ଉସୁକାଇଥିଲେ। ଏଭଳି ଅରାଜକତା ଦେଶର ସ୍ୱାର୍ଥ ବିରୋଧୀ। ଏବେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ନିର୍ବାଚନ କମିଶନ ଓ ବିଜେପି ବିରୋଧରେ ଭୋଟ ଚୋରି ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ବିଜେପି ୨୦୧୪ରୁ ଆଜି ପର୍ଯ୍ୟନ୍ତ ଯେତେ ନିର୍ବାଚନ ଜିତିଛି ତାହା ଭୋଟ ଚୋରି କରି ଜିତିଛି। ଏପରିକି ୨୦୧୪ ପୂର୍ବରୁ ଗୁଜରାଟରେ ବିଜେପି ଏଭଳି ଭୋଟ ଚୋରି କରି ବାରମ୍ବାର ବିଧାନସଭା ନିର୍ବାଚନ ଜିତିଛି। ଏହା ଏକ ଗୁରୁତର ଅଭିଯୋଗ। ନିର୍ବାଚନ କମିଶନଙ୍କ ଭଳି ଏକ ସାମ୍ବିଧାନିକ ପୀଠ ବିରୋଧରେ ଏଭଳି ଅଭିଯୋଗକୁ ହାଲୁକା ଭାବେ ନିଆଯାଇପାରିବ ନାହିଁ। ନିର୍ବାଚନ କମିଶନ ରାହୁଲଙ୍କୁ ନିଜ ଅଭିଯୋଗ ସତ୍ୟପାଠ ମାଧ୍ୟମରେ ଦାଖଲ କରିବାକୁ କହିଛନ୍ତି। କିନ୍ତୁ ରାହୁଲ ଏହାକୁ ଗ୍ରହଣ କରିବାକୁ ନାରାଜ।

# ଭିତରକନିକାର ଭିତିରି କଥା

॥ ଡ. ଗଣେଶ ଚନ୍ଦ୍ର କୁଣ୍ଡ ॥

" ;ମ୍ୟାଡାମ୍ କହିଲେ କିଛି ଦିନ ତଳେ ଟିଭିରେ ଦେଖିଥିଲି ଜଣେ ପୁରୁଷ ଏକାଧିକ ଝିଅଙ୍କୁ ଠକି ବାହା ହୋଇଛି । ସେ ଝିଅ ମାନଙ୍କ ଅବସ୍ଥା ଏବେ କ'ଣ ହେବ ? ଏତେ ଖରାପ ଲୋକ ବି ଦୁନିଆରେ ଅଛନ୍ତି ? ଛି ଛି ଏଗୁଡା ଲଜ୍ୟାକର ଘଟଣା । ମୁଁ କହିଲି ଆପଣ ଠିକ୍ କହୁଛନ୍ତି ଯେ ପୁରୁଷଟି ଦୋଷୀ କିନ୍ତୁ ସେ ଝିଅମାନଙ୍କର କ'ଣ କିଛି ଦୋଷ ନାହିଁ କି ? ବାହାଘର ପୂର୍ବରୁ ଝିଅ ଘର ତରଫରୁ କେତେ କ'ଣ ବୁଝନ୍ତି ଓ ଦେଖନ୍ତି ।

ଭିତରକନିକାର ବିଶ୍ ପ୍ରସିଦ୍ଧ କୁମ୍ଭୀର, ଡ଼ଲଫିନ, ଅଲିଭ୍ ରିଡ଼ଲେ କଇଁଛ, ହେନ୍ତାଳବଣ, ବିସ୍ତୃତ ବେଳାଭୂମି ସହିତ ଜୀବଜନ୍ତୁ ଭରା ସବୁଜ ସୁନ୍ଦର ପରିବେଶ ଦେଶ ବିଦେଶର ପର୍ଯ୍ୟଟକ ଓ ଗବେଷକଙ୍କୁ ଆକୃଷ୍ଟ କରିଥାଏ । ବିଗତ ଏକ ଦଶନ୍ଧି ହେଲା, ମୁଁ ପ୍ରତି ବର୍ଷ ଭିତରକନିକା ଭ୍ରମଣ କରିବାକୁ ଯାଇଛି । ଏମିତି ଯିବା ଆସିବା ଭିତରେ ଅନେକ ଅନୁଭୂତିର କଥା ମଧ ଅଛି । ଗତ ବର୍ଷ ମୁଁ ଓ ମୋର ଛଅ ଜଣ ବନ୍ଧୁ ଭିତରକନିକା ବୁଲିବାକୁ ଯାଇଥିଲୁ । ଭିତରକନିକା ଅଭୟାରଣ୍ୟ ମଧରେ ବୋଟରେ ବୁଲିକି କୁମ୍ଭୀର, ପଶୁପକ୍ଷୀ ତଥା ହେନ୍ତାଳ ବଣ ଦେଖିବା ଅତି ଆକର୍ଷଣୀୟ । ବୋଟ ଚାଳକ କହିଲେ ବୋଟର କ୍ଷମତା ୨୦ ଜଣ, ଜଣେ ଲୋକ ଗଲେ ଯେତିକି ଟଙ୍କା ପଡିବ, ୨୦ ଜଣ ଗଲେ ମଧ ସେତିକି ଟଙ୍କା ଲାଗିବ । ତେଣୁ ଆମେ ଚିନ୍ତା କଲୁ ଯଦି ଆଉ କିଛି ପର୍ଯଟକ ଆମ ସହିତ ମିଶିକି ବୁଲନ୍ତେ ତେବେ ଟଙ୍କା ଭାଗକରି ଦେଲେ ଖର୍ଚ୍ଚ ପରିମାଣ କମିଯାଆନ୍ତା । ଯାହା ହେଉ ଆଉ ତିନି ଜଣ ପର୍ଯ୍ୟଟକ ମିଳିଗଲେ । ସେମାନଙ୍କ ମଧରେ ୨ ଜଣ ପୁରୁଷ ଓ ଜଣେ ମ୍ୟାଡାମ୍ ଥିଲେ ।




ବୋଟରେ ଯାତ୍ରା କରୁଥିବା ସମୟରେ ବିଭିନ୍ନ କଥା ଆଲୋଚନା ଚାଲିଥାଏ କିନ୍ତୁ ସେ ମ୍ୟାଡାମ୍ ଜଣକ ଚୁପଚାପ ଥାଅନ୍ତି । କିଛି ସମୟ ପରେ ମୋର ଜଣେ ବନ୍ଧୁ କହିଲେ ସମସ୍ତେ ମିଶିକି ଗୋଟେ ଫଟୋ ଉଠେଇବା । ତା'ପରେ ବନ୍ଧୁ ପଚାରିଲେ ମ୍ୟାଡାମ୍ ଆପଣ କେଉଁଠାରୁ ଆସିଛନ୍ତି ? କ'ଣ କରନ୍ତି ଆପଣ ? ମ୍ୟାଡାମ୍ ଟିକେ ରାଗିଲା ଭଳି କହିଲେ ମୋ ବିଷୟରେ ଜାଣିବାକୁ ଆପଣ କାହିଁକି ଏତେ ବ୍ୟସ୍ତ ? ଖବର କାଗଜ ଓ ଟିଭି ମାଧମରେ ଜାଣିବାକୁ ମିଳୁଛି । ପ୍ରତିଦିନ ଠକ ଓ ଚୋରମାନେ ନୂଆ ନୂଆ ପ୍ରକାରର କୌଶଳ ଅବଲମ୍ବନ କରି ଅନେକ ଝିଅ ଓ ମହିଳା ମାନଙ୍କୁ ଅସୁବିଧାରେ ପକାଉଛନ୍ତି । ତେଣୁ ଅଜଣା ଲୋକଙ୍କ ସହିତ ବେଶି ମିଶିବା, ସେମାନଙ୍କ ସହିତ ଫଟୋ ଉଠେଇବା ଓ ବ୍ୟକ୍ତିଗତ କଥା ସେୟାର କରିବା ଠିକ ନୁହେଁ । ଏପ୍ରକାର କଥା ଶୁଣି ମୁଁ କହିଲି ମ୍ୟାଡାମ୍ ଆପଣଙ୍କୁ ଆମେ ସବୁ ଚୋର ଆଉ ଠକ ଭଳି ଦେଖାଯାଉଛୁ କି ? ମ୍ୟାଡାମ୍ କହିଲେ ଅନେକ ଅଛନ୍ତି ଭଦ୍ରଲୋକ ପରି କଥା କୁହନ୍ତି କିନ୍ତୁ ପରବର୍ତ୍ତୀ ସମୟରେ ସେମାନଙ୍କର ପ୍ରକୃତ ରୂପ ଜଣାପଡେ, ସେତେବେଳକୁ ସେମାନଙ୍କ କବଳରୁ ରକ୍ଷା ପାଇବାର ଉପାୟ ନଥାଏ । ଆଜିକାଲି ଦୁନିଆରେ ଏମିତ ସବୁ ଘଟୁଛି ଯେ ଠକମାନେ ବିଭିନ୍ନ ଉପାୟରେ ବିଶ୍ୱାସ ଜିତିବାକୁ ଚେଷ୍ଟା କରିଥାନ୍ତି ତା'ପରେ ବ୍ଲାକମେଲ୍ କରିଥାନ୍ତି । ମନ୍ଦ ଉଦେଶ୍ୟ ରଖିଥିବା ବ୍ୟକ୍ତି ଯଦି କୌଣସି ଫଟୋ ପାଇଗଲେ ତାକୁ କମ୍ପୁଟର ମାଧମରେ ପରିବର୍ତ୍ତନ କରି ଫେକ ଆକାଉ ଖୋଲି ପୋଷ୍ଟିଂ କରିଥାନ୍ତି, ଆଜିକାଲି ଏଗୁଡା ନିତି ଦିନିଆ ହୋଇଗଲାଣି । ଦୟାକରି ମୋ କଥାକୁ ଖରାପ ଭାବନ୍ତୁନି । ଯାହା କହିଲି ଆଜିକାଲିର ପରିସ୍ଥିତିକୁ ଦେଖିକି କହିଛି, କିଛି ମନ୍ଦ ଲୋକଙ୍କ କାର୍ଯ୍ୟ ପାଇଁ ଭଲ ଲୋକମାନଙ୍କୁ ମଧ ବିଶ୍ୱାସ କରି ହଉନି । ଅବିଶ୍ୱାସର ବାତାବରଣ ମଧରେ ସବୁ କିଛି ଚାଲିଛି । ଆମେ ନାରୀମାନେ ଠକ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଅସୁବିଧାରେ ପଡୁଛୁ । ମୁଁ କହିଲି ଆପଣ ଯାହା କହିଲେ ଠିକ୍ କଥା, ଆଜିକାଲିକା ପରିସ୍ଥିତି ବି ସେମିତି ହୋଇଗଲାଣି । ନିଜେ ସଚେତନ ହେଲେ, ଠକ ମାନଙ୍କ କବଳରୁ ବହୁ ପରିମାଣରେ ରକ୍ଷା ପାଇପାରିବା ।

ମ୍ୟାଡାମ୍ କହିଲେ କିଛି ଦିନ ତଳେ ଟିଭିରେ ଦେଖିଥିଲି ଜଣେ ପୁରୁଷ ଏକାଧିକ ଝିଅଙ୍କୁ ଠକି ବାହା ହୋଇଛି । ସେ ଝିଅ ମାନଙ୍କ ଅବସ୍ଥା ଏବେ କ'ଣ ହେବ ? ଏତେ ଖରାପ ଲୋକ ବି ଦୁନିଆରେ ଅଛନ୍ତି ? ଛି ଛି ଏଗୁଡା ଲଜ୍ୟାକର ଘଟଣା । ମୁଁ କହିଲି ଆପଣ ଠିକ୍ କହୁଛନ୍ତି ଯେ ପୁରୁଷଟି ଦୋଷୀ କିନ୍ତୁ ସେ ଝିଅମାନଙ୍କର କ'ଣ କିଛି ଦୋଷ ନାହିଁ କି ? ବାହାଘର ପୂର୍ବରୁ ଝିଅ ଘର ତରଫରୁ କେତେ କ'ଣ ବୁଝନ୍ତି ଓ ଦେଖନ୍ତି । ଯେମିତିକି ପୁଅଟି ଦେଖିବାକୁ କେମିତିକା, ତା'ର ବ୍ୟବହାର, ପୁଅର ଘରେ ସବୁ କିଏ କିଏ ଅଛନ୍ତି, ସେମାନେ କଣ କରୁଛନ୍ତି, ସେମାନଙ୍କ ବ୍ୟବହାର କେମିତିକା, ପୁଅ କେଉଁ ସାଙ୍ଗମାନଙ୍କ ସହିତ ମିଶୁଛି, ନିଶା ଖାଉଛି କି ନାହିଁ, କେଉଁ ଅନୁଷ୍ଠାନରେ ପଢୁଥିଲା, ଚାକିରି କରିଥିବା ଅନୁଷ୍ଠାନରେ ବୁଝନ୍ତି ପୁଅ ଚାକିରି କରିଛି କି ନାହିଁ, ସ୍ଥାୟୀ କି ଅସ୍ଥାୟୀ, କେତେ ଦରମା ପାଉଛି, ଏମିତି କେତେ କ'ଣ । ପୁଅଟି ସତ କହୁଛି କି ମିଛ କହୁଛି ତାହା ଜାଣିବା ପାଇଁ ଅନେକ ପ୍ରକାର ମାଧମ ଅବଲମ୍ବନ କରାଯାଇଥାଏ । ସେ ଝିଅମାନେ ସେ ବାବୁଙ୍କ ବିଷୟରେ ଏମିତି କ'ଣ ସବୁ ବୁଝିଲେ ଯେ ଗୋଟେ ପରେ ଗୋଟେ ବାହା ହୋଇପଡିଲେ ? ସାଧାରଣତଃ ଜଣେ ପରିବା କିଣିଲା ବେଳେ ପରିବାକୁ ହାତରେ ନେଇ ବାରମ୍ବାର ଦେଖିଥାଏ । ତା'ପରେ ମନ ନବୁଝିଲେ ଦୋକାନୀକୁ ପଚାରେ ବାଇଗଣ କେଉଁଠାରୁ ଆଣିଛ, ଶୁଖିଗଲାଣି, ଦେଶୀ ନା ବିଦେଶୀ ଏମିତି କେତେ କ'ଣ । ଯଦି ପରିବା କିଣିବାବେଳେ ଏତେ ସଚେତନ ତେବେ ଜୀବନସାଥୀ ବାଛିଲା ବେଳେ କେତେ ସଚେତନ ହେବା କଥା ? ମ୍ୟାଡାମ୍ କହିଲେ ଆପଣ ଯାହା କହୁଛନ୍ତି ସତ କଥା କିନ୍ତୁ ବଡ଼ ଦୁଃଖ ଓ ପରିତାପର ବିଷୟ ମହିଳା ଜଣକ ନା ଘରେ ନା ବାହାରେ ନା କର୍ମକ୍ଷେତ୍ରରେ, ସେ କେଉଁଠି ବି ସୁରକ୍ଷିତ ନୁହେଁ । ସମାଜିକ ହିଂସା, ବଳାତ୍କାର, ଦୁଷ୍କର୍ମ, ଯୌତୁକ ହତ୍ୟା ଓ ଘରୋଇ ହିଂସାର ଶିକାର ହେଉଛନ୍ତି । ଆଜିବି ଜଣେ ଝିଅ ଦିନରେ ହେଉ ବା ରାତିରେ ହେଉ ରାସ୍ତାରେ ସୁରକ୍ଷିତ ନୁହେଁ । ମହିଳାଙ୍କ ସୁରକ୍ଷା ପାଇଁ ବିଭିନ୍ନ ପ୍ରକାରର ଆଇନ ରହିଛି ତା'ପରେ ମଧ ଅନେକ ମହିଳା ବିଭିନ୍ନ ପ୍ରକାରର ଶୋଷଣର ଶିକାର ହେଉଛନ୍ତି । ଏଥିପାଇଁ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସିବା ଦରକାର ଏବଂ ଦୋଷୀ ମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ଯାହା ଫଳରେ ଜଣେ ଖରାପ କାର୍ଯ୍ୟ କରିବା ପୂର୍ବରୁ ବାରମ୍ବାର ଚିନ୍ତା କରିବ । ମୁଁ କହିଲି ପରିସ୍ଥିତି ଏମିତି ହୋଇଗଲାଣି ଯେ ପ୍ରତିଦିନ ନୂଆ ନୂଆ ପ୍ରକାରର ଘଟଣା ଘଟୁଛି । ପ୍ରଥମେ ନିଜେ ସଚେତନ ହେଲେ ଓ ସତର୍କତା ଅବଲମ୍ବନ କଲେ, ଆମେ ନିଜକୁ ସୁରକ୍ଷିତ ରଖିପାରିବା ।


ପଟାମୁଣ୍ଡାଇ, କେନ୍ଦ୍ରାପଡା
ମୋ : ୯୯୩୮୦୬୦୮୮୬


# ସ୍ୱାସ୍ଥ୍ୟ ମୋର ସୁସ୍ଥ ହେଉ - ସତ୍‌ସଙ୍ଗର ଆହ୍ୱାନ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ଶରୀର ଓ ମନ-ଉଭୟର ସୁସ୍ଥତା ହିଁ ଉତ୍ତମ ସ୍ୱାସ୍ଥ୍ୟର ଚାବିକାଠି । ସେଥିପାଇଁ କୁହାଯାଏ ସ୍ୱାସ୍ଥ୍ୟବାନ ବ୍ୟକ୍ତି ପରିବାର, ସମାଜ, ରାଜ୍ୟ, ଦଶ ଓ ଦେଶର ମୁଖ ଉଜ୍ଜ୍ୱଳ କରିଥାନ୍ତି । ତେଣୁ କୁହାଯାଇଛି ସ୍ୱାସ୍ଥ୍ୟ ହିଁ ସମ୍ପଦ । ସ୍ୱାସ୍ଥ୍ୟ କିଣାବିକା ହୋଇପାରିବା ଜିନିଷ ନୁହେଁ । ପିତାମାତାଙ୍କ ଜୀବନର ସଂଯମତା ଓ ନିଷ୍ଠାପରତା ଉପରେ ଭବିଷ୍ୟତ ବଂଶଧରମାନଙ୍କ ଶାରୀରିକ, ମାନସିକ ତଥା ଗୁଣାତ୍ମକ ସ୍ୱାସ୍ଥ୍ୟ ନିର୍ଭର କରିଥାଏ । ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଆମେ ହାଲୁକା ଭାବେ ଗ୍ରହଣ କରିବା ଉଚିତ ନୁହେଁ । ଏକ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟ, ପରିଷ୍କାର ପାନୀୟ, ଶୁଦ୍ଧ ପରିବେଶ, ଗୃହ ତଥା ଶଯ୍ୟା ଓ ବସ୍ତ୍ର ପ୍ରଭୃତିର ପରିଚ୍ଛନ୍ନତା ନିତାନ୍ତ ପ୍ରୟୋଜନ । ନିୟମିତ ଜୀବନଚର୍ଯ୍ୟା ଆଉ ଏକ ବଡ଼ କଥା । ଖାଦ୍ୟ ଓ ପାନୀୟ ଦୃଷ୍ଟିରୁ ତିନୋଟି ଶୁଦ୍ଧତା ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ହୋଇଥାଏ । ଖାଦ୍ୟର ପ୍ରକାର ଓ ପରିମାଣ ଆଉ ଏକ ବିଚାର୍ଯ୍ୟ ବିଷୟ । ଖାଦ୍ୟ ସାତ୍ତ୍ୱିକ ହେବା ବିଧେୟ । ମାଛ, ମାଂସ, ପିଆଜ, ରସୁଣ ଓ ମାଦକ ଦ୍ରବ୍ୟ ସର୍ବଦା ବର୍ଜନୀୟ। ରାଜସିକ ଓ ତାମସିକ ଖାଦ୍ୟ ଦେହ ତଥା ମନ ପ୍ରତି ଭଲ ନୁହେଁ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ ନିରାମିଷ ଭୋଜନ କରୁଥିବା ଲୋକମାନେ ନିରୋଗୀ ଓ ଦୀର୍ଘାୟୁ ବୋଲି ମତବ୍ୟକ୍ତ କରିଛନ୍ତି। ଏଠାରେ ପରିମାଣ କଥା ଭୁଲିଗଲେ ହେବ ନାହିଁ । ସାତ୍ତ୍ୱିକ ଖାଦ୍ୟ ହେଲେ ବି ଯଦି ଅଧିକ ପରିମାଣରେ ଗ୍ରହଣ କରାଯାଏ, ତେବେ ତାହା ତାମସିକତା ବା ଆଳସ୍ୟ ଭାବ ସୃଷ୍ଟି କରିଥାଏ । ତେଣୁ ମିତାହାର ଭୋଜନ କରିବା ସବୁବେଳେ ଭଲ । ମିତାହାରକୁ ଭଲ ଭାବେ ବୁଝାଇ କୁହାଯାଇଛି ଯେ, ପାକସ୍ଥଳୀର ଶତକଡ଼ା ପଚାଶ ଭାଗ ଖାଦ୍ୟରେ ପୂରଣ କରିବା ଉଚିତ୍, ଶତକଡ଼ା ପଚିଶ ଭାଗ ଜଳ ପାଇଁ ଓ ଶତକଡ଼ା ପଚିଶ ଭାଗ ପବନ ପାଇଁ ରଖାଯିବା ଉଚିତ । ଯେତେବେଳେ ଖାଇବ ଅଧାପେଟ ତାହା ମଣିଷକୁ କାର୍ଯ୍ୟକ୍ଷମ ରଖେ । ପ୍ରତ୍ୟେକ ଦିନ ନିର୍ଦ୍ଦିଷ୍ଟ ସମୟରେ, ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ଖାଦ୍ୟ ଗ୍ରହଣ କରାଗଲେ ସର୍ବୋତ୍ତମ ଫଳ ମିଳିଥାଏ ।

ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼ କଣ୍ଠରେ ଘୋଷଣା କଲେ - ମାନସିକ ସ୍ୱାସ୍ଥ୍ୟ ହିଁ ଶାରୀରିକ ସ୍ୱାସ୍ଥ୍ୟର ପ୍ରଥମ ପାହାଚ। ଦୟାଲ ଦେଶରୁ ନିର୍ଗତ ଭାଷାରେ ପ୍ରକାଶ କଲେ - ମନଟା ଦୁଷ୍ଟ ହେଲେ ହିଁ ଜାଣିବ ରୋଗର ଆସ୍ଥାନ ହୁଏ, ଏଇଟାକୁ ତୁମେ ଏଡ଼ାଇ ଚାଲିବ କରିବ ବ୍ୟାଧିର ଜୟ। ପୁଣି ସେହି କମ୍ବୁକଣ୍ଠରୁ ଉଦ୍‌ଘୋଷିତ ହେଲା - ସ୍ୱାସ୍ଥ୍ୟଟିକୁ ନିୟନ୍ତ୍ରଣ କରି ଦୃଢ଼ତର, ରୁହ ତୁମେ ସୁଜାଗ୍ରତ ଓହେ ଅନୁକ୍ଷଣ, ପୂଜିବାରେ ଇଷ୍ଟଦେବେ ସାର୍ଥକ ଆଚାରେ, ନୀଚ ବୁଦ୍ଧି ଅହମିକା କରିବା ବର୍ଜନ। ସର୍ବ କାରଣ କାରଣ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଲୋଚନା ଛଳରେ ପ୍ରକାଶ କଲେ - ମନୁଷ୍ୟର ସ୍ୱାସ୍ଥ୍ୟର କଥା ଭାବିବାକୁ ଗଲେ ଜନ୍ମଦାତ୍ରୀ ମାତୃଗର୍ଭକୁ ଆସିବାର ପୂର୍ବ ଠାରୁ ଭାବିବାକୁ ହୁଏ। ପ୍ରଥମେ ଆବଶ୍ୟକ ଉପଯୁକ୍ତ ବିବାହ ଓ ଉପଯୁକ୍ତ ଦାମ୍ପତ୍ୟ ଜୀବନ। ପିତାମାତାଙ୍କର ବିବାହ ଓ ଦାମ୍ପତ୍ୟ ଜୀବନରେ ଯଦି ଅସଙ୍ଗତି ରହେ ତାହାହେଲେ ପିଲାପିଲିଙ୍କର ଶରୀର ଓ ମନ ସୁସ୍ଥ ହୋଇପାରେନାହିଁ। ମା'ମାନଙ୍କୁ ଜାଣିବା ଆବଶ୍ୟକ - ଗର୍ଭାବସ୍ଥାରେ କିଭଳି ଚାଲିବାକୁ ବା ରହିବାକୁ ହୁଏ। ସ୍ୱାମୀ-ସ୍ତ୍ରୀ ଉଭୟଙ୍କ ମଧ୍ୟରେ ଆଦର୍ଶପ୍ରାଣତା, ଇଷ୍ଟାନୁରାଗ, ପ୍ରୀତିପରାୟଣତା, ସଂଯମ, ସାଧନା, ଇଷ୍ଟ-କୃଷ୍ଟି-ଧର୍ମ ଓ ପୂର୍ବ ପୁରୁଷଙ୍କ ସ୍ମୃତି ମାଧ୍ୟମରେ ଯେଉଁ ସନ୍ତାନ ଜନ୍ମଲାଭ କରେ ସେମାନେ ସାଧାରଣତଃ ଶାରୀରିକ ଓ ମାନସିକ ଦିଗରେ ସ୍ୱାସ୍ଥ୍ୟବାନ ହୁଅନ୍ତି। ଏହିପରି ପିତାମାତାଙ୍କ ଠାରୁ ସନ୍ତାନ ସୁଷ୍ଠ ଜୈବୀ ସଂସ୍ଥିତିର ଅଧିକାରୀ ହୋଇଉଠେ ଓ ଜୈବୀ ସଂସ୍ଥିତି ହେଉଛି ଜୀବନର ଆକର। ଜାତକର ରୋଗ-ନିରୋଧ କ୍ଷମତା, ଆୟୁ ଓ ବର୍ଦ୍ଧନ ତତ୍ପରତା ଏହି ଜୈବୀ ସଂସ୍ଥିତି ଉପରେ ହିଁ ନିର୍ଭର କରେ। ଉତ୍ସ ବିମୁଖ ହେଲେ ମନୁଷ୍ୟର ଜୈବୀ ସଂସ୍ଥିତି ଧିରେ ଧିରେ ହ୍ରାସ ହୋଇଆସେ।

ଖାଦ୍ୟ ଗ୍ରହଣ କରିବା କର୍ମ ହେଉଛି ଏକ ଉପାସନା। ଏଥିପାଇଁ ଦରକାର ଏକ ଉପଯୁକ୍ତ ଭାବ । ଆମ ପାକସ୍ଥଳୀରେ ଏକ ପ୍ରକାର ଅଗ୍ନି ଅଛି ବୋଲି ଆଧାତ୍ମିକବାଦୀମାନେ କହିଥାନ୍ତି । ସେହି ଅଗ୍ନି, କ୍ଷୁଧା ସୃଷ୍ଟି କରେ ଓ ସେ କ୍ଷୁଧାକୁ ସନ୍ତୁଷ୍ଟ କରିବା ପାଇଁ ଆମେ ସେ ଅଗ୍ନି କୁଣ୍ଡରେ ଖାଦ୍ୟ ଅର୍ପଣ କରିଥାଉ । ଏହି ଅଗ୍ନି ଆମ ଠାରେ ସମ୍ଭବ ହୋଇଛି କେବଳ ପରବ୍ରହ୍ମ ପରମାତ୍ମାଙ୍କ ଅଂଶ ଆତ୍ମାର ସ୍ଥିତି ଯୋଗୁ । ଆତ୍ମା ବାହାରି ଯାଇଥିବା ଦେହ ବା ଶବଠାରେ କ୍ଷୁଧା ସୃଷ୍ଟି ହୋଇପାରେ ନାହିଁ । ଏହି କ୍ଷୁଧାକୁ ତୁଷ୍ଟ କରିବା ଅର୍ଥ ବୈଶ୍ୱାନରଙ୍କୁ ସନ୍ତୁଷ୍ଟ କରିବା । ଭଗବତ ଗୀତାରେ ଉଲ୍ଲେଖ ଅଛି 'ଅହଂ ବୈଶ୍ୱାନରୋ ଭୂତ୍ୱା ପ୍ରାଣିନାମ୍ ଦେହ ମାଶ୍ରିତଃ, ପ୍ରାଣପାନ ସମାଯୁକ୍ତପଚାମ୍ୟନ୍ନଂକମ୍ ଚତୁର୍ବିଧମ୍ ।' ଏ ଦୃଷ୍ଟିରୁ କ୍ଷୁଧାକୁ ସନ୍ତୁଷ୍ଟ କରିବା ଅର୍ଥ ଭଗବାନଙ୍କୁ ସନ୍ତୁଷ୍ଟ କରିବା, ଯାହାର ପ୍ରକୃତ ଅର୍ଥ ହେଉଛି - ଉପାସନା । ଭୋଜନ କରିବା କେବଳ ଜିହ୍ୱା ଲାଳସାର ସନ୍ତୁଷ୍ଟି ନୁହେଁ ବା ସେ ଉଦ୍ଦେଶ୍ୟରେ ହେବା ଉଚିତ ନୁହେଁ । ଖାଦ୍ୟ ଗ୍ରହଣ କରିବା ଏକ ଯଜ୍ଞ ସହ ତୁଳନୀୟ । ଯଜ୍ଞାଗ୍ନିକୁ ଯେଭଳି ନାନା ବିଧ ଦ୍ରବ୍ୟ ଅର୍ପଣ କରାଯାଏ, ଖାଦ୍ୟ ଗ୍ରହଣ କରିବା ସେହିଭଳି ଏକ ଯଜ୍ଞକର୍ମ, ଦେବକର୍ମ ଓ ଉତ୍ତମ ଉପାସନା । ବେଳେ ବେଳେ ନାନା କାରଣବଶତଃ ମଣିଷ ଅଭିମାନ, ଅଜ୍ଞତା ଓ କ୍ରୋଧର ବଶବର୍ତ୍ତୀ ହୋଇ ବା ଅନ୍ୟ କାହା ଉପରେ ଦାଉ ସାଧିବାକୁ ଯାଇ, ନଖାଇ ନପିଇ ନିଜ ଦେହକୁ କଷ୍ଟ ଦେଇଥାଏ । ବେଳେ ବେଳେ ଓଳିଏ ପାଇଁ ପାକସ୍ଥଳୀକୁ ପରିଷ୍କାର କରିବା ପାଇଁ ଖାଦ୍ୟ ଗ୍ରହଣ କରିବାରେ ବିରତି ଦିଆଯାଇପାରେ । ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ସୁସ୍ଥତା ଓ ସର୍ବୋପରି ଆଧାତ୍ମିକ ସ୍ୱାସ୍ଥ୍ୟ ପାଇଁ ସଠିକ୍ ପ୍ରକାର ଓ ସଠିକ୍ ଭାବର ସହ ଖାଦ୍ୟ ଗ୍ରହଣ କରିବା କେତେ ବେଶୀ ତାତ୍ପର୍ଯ୍ୟପୂର୍ଣ୍ଣ ତାହା ସମସ୍ତଙ୍କର ଅନୁଧ୍ୟାନର ବିଷୟ । ଆଧାତ୍ମିକ ସ୍ୱାସ୍ଥ୍ୟ ନିମିତ୍ତ ନିୟମିତ ପୂଜା ପ୍ରାର୍ଥନା, ଧ୍ୟାନ ଓ ଗୁରୁଦୀକ୍ଷା ଏକାନ୍ତ ପ୍ରୟୋଜନ - ଏହି ମତବ୍ୟକ୍ତ କରିଛନ୍ତି ଯୁଗାବତାର ମହାପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର। ନିଜ ସ୍ୱାସ୍ଥ୍ୟ ପ୍ରତି ନିଜେ ନିଜେ ସଚେତନ ହୋଇ ସମସ୍ତେ ଯଦି ସ୍ୱାସ୍ଥ୍ୟ ନୀତି ଓ ନିୟମ ପାଳନ ପୂର୍ବକ ସୁସ୍ଥ ଜୀବନଯାପନ କରନ୍ତେ ତାହା ନିଜ ପ୍ରତି, ନିଜ ପରିବାର ପ୍ରତି ଓ ସର୍ବୋପରି ସମାଜ ତଥା ଦେଶ ପ୍ରତି ଆଶୀର୍ବାଦ ହୋଇଯାଆନ୍ତା । ସୁସ୍ଥ ଶରୀର ଓ ସୁସ୍ଥ ମନ ଉନ୍ନତ ବିଚାରର ଜନକ ଓ ଉନ୍ନତ ବିଚାର ବିବେକର ସମର୍ଥକ। ବିବେକାନୁମୋଦିତ ଜୀବନ ହିଁ ସର୍ବୋତ୍ତମ ଫଳଦାୟୀ ଜୀବନ । ଆଜି ଲୋକମାନଙ୍କ ଶାରୀରିକ ସୁସ୍ଥତା ପାଇଁ ସରକାରୀ ଚିକିତ୍ସାଳୟରେ ଆବଶ୍ୟକୀୟ ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି। ମାନସିକ ସ୍ୱାସ୍ଥ୍ୟ ନିମିତ୍ତ ଆବଶ୍ୟକୀୟ ମନ୍ଦିର, ମଠ, ମସଜିଦ୍ ଓ ଗୀର୍ଜା ମାନଙ୍କରେ ସଦ୍‌ଗୁରୁ, ସତ୍‌ଦୀକ୍ଷା ଓ ସତ୍‌ସଙ୍ଗର ପ୍ରଭୂତ ଆବଶ୍ୟକତା ରହିଛି। ତେବେ ଅନେକକ୍ଷେତ୍ରରେ ଦେଖାଯାଏ ଲୋକମାନଙ୍କ ଅସଚେତନତାରୁ ନିଜେ ନିଜର ସ୍ୱାସ୍ଥ୍ୟହାନିର କାରଣ ହୋଇଥାନ୍ତି । ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ସଚେତନତା କ୍ଷେତ୍ର ଠାରୁ ଆଧାତ୍ମିକ ନିରାମୟ ଜୀବନ ଗଠନ ପାଇଁ ନିଜ ଦାୟିତ୍ୱ ପ୍ରତି ସଚେତନ ରହିବାର ଉପଯୁକ୍ତ ଦିବସ । ସ୍ୱାସ୍ଥ୍ୟ ହିଁ ସମ୍ପଦ ଏବଂ ଏକ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନରେ ସମସ୍ତଙ୍କ ଐକାନ୍ତିକ ନିଃସ୍ୱାର୍ଥପର ଦାୟିତ୍ୱ ସମ୍ପନ୍ନ ଦ୍ୱାରା ସମାଜ ଓ ରାଷ୍ଟ୍ରର ବିକାଶ ସମ୍ଭବ ।


ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭


# ନିରାପଦ ମାତୃତ୍ୱ : ଆଜିର ଆହ୍ୱାନ

॥ ଡାକ୍ତର କାନ୍ତୀ ନାୟକ ॥

ସୁରକ୍ଷିତ ଗର୍ଭଧାରଣ, ପ୍ରସବକାଳୀନ ନିରାପତ୍ତା, ଶିଶୁ ଜନ୍ମ ପରେ ମାଆର ସ୍ୱାସ୍ଥ୍ୟ ବାବଦରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ଏପ୍ରିଲ ୧୧ ତାରିଖ କସ୍ତୁରବା ଗାନ୍ଧୀଙ୍କ ଜନ୍ମଦିନ ଏହାକୁ ମାତୃତ୍ୱ ଦିବସ ଭାବେ ପାଳନ କରିବା ଲାଗି ଭାରତ ସରକାର ୨୦୦୩ରେ ନିଷ୍ପତ୍ତି ନେଇଥିଲେ। ଏହି ଦିବସ ପାଳନରେ ଭାରତ ବିଶ୍ୱରେ ପ୍ରଥମ ରାଷ୍ଟ୍ର ନିରାପଦ ମାତୃତ୍ୱ କହିଲେ ଉଭୟ ମାଆ ଓ ଶିଶୁର ସୁରକ୍ଷାକୁ ବୁଝାଏ। ଗର୍ଭଧାରଣ ଓ ପ୍ରସବ ବାବଦରେ ଉପଯୁକ୍ତ ଜ୍ଞାନ ହାସଲ ଏବଂ ଠିକ୍ ପଦକ୍ଷେପ ଦ୍ୱାରା ନିରାପଦ ମାତୃତ୍ୱ ଲାଭ ସମ୍ଭବ। ଏହାଦ୍ୱାରା ମାଆ ଓ ଶିଶୁ ମୃତ୍ୟୁହାର କମିବ। ସୁଷମ ଓ ପୁଷ୍ଟିକର ଆହାର ସହ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ରୋଗ ପ୍ରତିଷେଧକ ଟିକା ଗ୍ରହଣ, ପ୍ରସବ ସମୟରେ ତାଲିମପ୍ରାପ୍ତ ଧାତ୍ରୀଙ୍କ ସାହାଯ୍ୟ ନେବା ଉଚିତ। ଏହାଦ୍ୱାରା ମାଆ-ଶିଶୁଙ୍କ ଜୀବନ ସୁରକ୍ଷିତ ରହିବ। ଆଜିକା ସମୟରେ ମହିଳାମାନେ ନିଜ କର୍ମ ସଂସ୍ଥାନର ଦାୟିତ୍ୱ କୁହନ୍ତୁ ବା ଘର ସଂସାରର ବୋଝ, ସବୁଠି ନିଜକୁ ନିଜେ ହିଁ ଅବହେଳିତ କରୁଛନ୍ତି। ଯାହାପାଇଁ ଦିନକୁ ଦିନ ଉଦ୍‌ବେଗଜନକ ଭାବେ ମହିଳାଙ୍କର ଶାରୀରିକ ଅସୁସ୍ଥତା ଦେଖାଯାଉଛି। ନିରାପଦ ମାତୃତ୍ୱ କ୍ଷେତ୍ରରେ ବଡ଼ ପ୍ରତିବନ୍ଧକ ହେଉଛି ଅସଚେତନତା, ଦାରିଦ୍ର୍ୟ, କୁପୋଷଣ ଓ ଅଶିକ୍ଷା। ଖୁବ୍ କମ ବୟସ ବେଳୁ ବିବାହ କରିବା ସମସ୍ୟା ଭାରତର ଅନେକ ସ୍ଥାନରେ ଦେଖିବାକୁ ମିଳୁଛି। ଅଳ୍ପ ବୟସରୁ ବିବାହ କରି ସଂସାରକୁ ନ ବୁଝିଥିବା ଝିଅଟି ଖୁବ୍ ଶୀଘ୍ର ଗର୍ଭଧାରଣ କରିବା ଦ୍ୱାରା ଏହା ଉଭୟ ମାଆ ଓ ଶିଶୁ ଉପରେ ଭୟଙ୍କର ପ୍ରଭାବ ପକାଇଥାଏ। ଅନେକ କ୍ଷେତ୍ରରେ ମାତୃ ମୃତ୍ୟୁହାରର ଏହା ବଡ଼ କାରଣ ପାଲଟିଥାଏ। କେବଳ ମାତୃ ମୃତ୍ୟୁହାର ନୁହେଁ କେତେକ କ୍ଷେତ୍ରରେ ପିଲାଟି ଜନ୍ମ ହେବାପୂର୍ବରୁ ବା ଜନ୍ମ ହେବାର କିଛି ଦିନ ପରେ ମୃତ୍ୟୁବରଣ କରିଥାଏ। ଅନେକ କ୍ଷେତ୍ରରେ ଦୁର୍ବଳିଆ ଶିଶୁ ଜନ୍ମ ନେଇ ସାରା ଜୀବନ ବିଭିନ୍ନ ରୁଗ୍ଣ ସମସ୍ୟାକୁ ସାମ୍ନା କରିଥାଏ। ସେହିପରି ନିରାପଦ ମାତୃତ୍ୱ କ୍ଷେତ୍ରରେ କୁପୋଷଣ ଅନ୍ୟ ଏକ ସମସ୍ୟା। ସନ୍ତାନଟି ଗର୍ଭସ୍ଥ ହେବାପରେ ସଠିକ୍ ଭାବେ ଖାଦ୍ୟ, ବିଶ୍ରାମ, ଡାକ୍ତରୀ ପରାମର୍ଶ ଓ ନିର୍ଦ୍ଦିଷ୍ଟ ଔଷଧ ଓ ଟୀକା ଗ୍ରହଣ ଜରୁରୀ। ଗର୍ଭବତୀ ମାଆଟି ପାଇଁ ତା ଶରୀର ଓ କାର୍ଯ୍ୟ ତୁଳନାରେ ପୌଷ୍ଟିକ ଓ ସୁଷମ ଖାଦ୍ୟ ତା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହିପରି ଅନେକ ସମୟରେ ଡାକ୍ତରୀ ଚିକିତ୍ସା ବା ପରାମର୍ଶ ଅପେକ୍ଷା ଘର ବଇଦ ଚିକିତ୍ସାକୁ ଆପଣାଇ ଅନେକ କ୍ଷେତ୍ରରେ ଗର୍ଭବତୀମାନେ ଗୁରୁତର ହୋଇପଡ଼ିଥାନ୍ତି।

ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ମହିଳା ଶିଶୁ କଲ୍ୟାଣ ବିଭାଗ ଏ ଦିଗଟିକୁ ଅତ୍ୟନ୍ତ ଗୁରୁତ୍ୱ ବିଚାର କରି ସରକାରୀ ଭାବେ ଗର୍ଭବତୀ ମାଆଙ୍କୁ ପ୍ରାଥମିକ ଅବସ୍ଥାରୁ ସେମାନଙ୍କ ପାଖରେ ଡାକ୍ତରୀ ପରାମର୍ଶ, ଉତ୍ତମ ସୁଷମ ଖାଦ୍ୟ ଓ ଆନୁସଙ୍ଗିକ ସହାୟତା ଯୋଗାଇ ଦିଆଯାଉଛି। ସରକାରୀ ବ୍ୟବସ୍ଥାରେ ନିକଟସ୍ଥ ଯେକୌଣସି ଡାକ୍ତରଖାନାରେ ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଚିକିତ୍ସା ପ୍ରଦାନ କରାଯାଉଛି। ସେମାନଙ୍କର ସମସ୍ତ ପ୍ରକାର ପରୀକ୍ଷା ନିରୀକ୍ଷା, ଔଷଧପତ୍ର, ଡାକ୍ତରୀ ପରାମର୍ଶ ଓ ସମସ୍ତ ପ୍ରକାର ସୁବିଧା ସୁଯୋଗ ଉପଲବ୍ଧ କରାଯାଉଛି ଯାହାଦ୍ୱାରା ନିରାପଦ ମାତୃତ୍ୱ ଏକ ବଡ଼ ସୁନିଶ୍ଚିତ ହୋଇପାରୁଛି। ସରକାରୀ ବ୍ୟବସ୍ଥାରେ ରାଜ୍ୟରେ ଅଗମ୍ୟ, ଉପାନ୍ତ ଓ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଭ୍ରାମ୍ୟମାଣ ଚିକିତ୍ସା ପ୍ରଦାନ କରାଯାଉଛି। ଗର୍ଭବତୀ ମାନଙ୍କ ପାଖରେ ଡାକ୍ତରୀଦଳ ଓ ପରୀକ୍ଷା ନିରୀକ୍ଷା ଟିମ୍ ଉପଲବ୍ଧ କରାଯାଉଛି। ତେବେ ଏତେ ସବୁ ଭିତରେ ମଧ କେତେକ ସ୍ଥାନରେ ନିରାପଦ ମାତୃତ୍ୱ ଅପହୃତ ହୋଇଯାଉଛି ତ କେଉଁଠି ଗର୍ଭବତୀଙ୍କ ନିକଟ ସମ୍ପର୍କୀୟ ମାନଙ୍କ ସଠିକ ତଥ୍ୟ ଅଭାବରୁ ପରିସ୍ଥିତି ଜଟିଳ ହୋଇଯାଉଛି। କେନ୍ଦ୍ର ସରକାର ମଧ କେତେକ କ୍ଷେତ୍ରରେ ନିରାପଦ ମାତୃତ୍ୱକୁ ସୁନିଶ୍ଚିତ ସୁରକ୍ଷିତ କ୍ଷେତ୍ର ଭାବେ ଅଗ୍ରାଧିକାର ଦେଇ ବିଭିନ୍ନ ବେସରକାରୀ ସ୍ୱେଚ୍ଛାସେବୀ ସଙ୍ଗଠନ ମାଧ୍ୟମରେ ଅନେକ ସହାୟତା ପ୍ରଦାନ କରୁଛନ୍ତି। ଆଜି ଜାତୀୟ ନିରାପଦ ମାତୃତ୍ୱ ଦିବସ ଅବସରରେ କେବଳ ଦାୟିତ୍ୱ ସରକାର ବା ଗର୍ଭବତୀଙ୍କ ଉପରେ ଛାଡ଼ିଦେଲେ ଚଳିବ ନାହିଁ। ଆମ୍ଭ ମାନଙ୍କ ଭିତରେ ସଚେତନତା ଏ କ୍ଷେତ୍ରରେ ଅତ୍ୟନ୍ତ ଜରୁରୀ। ଜଣେ ନିଜର କେହି ନ ହେଲେ ବି ପଡ଼ୋଶୀଟିଏ ହେଉ ବା ଅପରିଚିତ ସେମାନଙ୍କୁ ସରକାରୀ ବ୍ୟବସ୍ଥାର ସମସ୍ତ ସୁବିଧା ସୁଯୋଗ ଓ ସ୍ୱାସ୍ଥ୍ୟଜନିତ ସଚେତନତା ସେମାନଙ୍କ ପାଖରେ ପହଞ୍ଚିବାର ଗୁରୁଦାୟିତ୍ୱ ନିର୍ବାହ କଲେ ନିଜକୁ ଜଣେ ସମାଜର ଯଥାର୍ଥ ଜାଗ୍ରତ ପ୍ରହାରୀ ଓ ଉପଯୁକ୍ତ ନାଗରିକ ଭାବେ ଦାୟିତ୍ୱ ନିର୍ବାହ କରିପାରିବା। ଆସନ୍ତୁ ଆଜିପରି ଏକ ସ୍ମରଣୀୟ ଦିନରେ ଏହି ଦାୟିତ୍ୱର ସହଭାଗୀତାରେ ସମସ୍ତଙ୍କୁ ସାମିଲ କରି ଏକ ସୁନ୍ଦର ଓ ଉତ୍ତମ ଶିଶୁ ଯେ କି ଆଗାମୀ ଭବିଷ୍ୟତର ପ୍ରତୀକ ଏହାକୁ ବିବେଚନା କରି ଏହି ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟକୁ ବଜାୟ ରଖିପାରିବା।


ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ,
ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ

## ମଧ୍ୟାହ୍ନ ଭୋଜନ ଓ ଆଶ୍ରମ ଖାଦ୍ୟପେୟ ଅନିୟମିତତା ଅଭିଯୋଗ



କେନ୍ଦୁଝର, (ମହାଭାରତ):କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅନ୍ତର୍ଗତ ଦାନ୍ତିଆ ଗ୍ରାମର ଆଶ୍ରମ ସ୍କୁଲ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଓ ଆଶ୍ରମ ଖାଦ୍ୟପେୟ ଅନିୟମିତତା ଅଭିଯୋଗ ନେଇ ଆଜି ଅଭିଭାବକମାନେ ଜିଲ୍ଲାପାଳ ଙ୍କୁ ଦାବିପତ୍ର ଦେଇଛନ୍ତି ।ଯୋଜନାରେ ଛାତ୍ରଛାତ୍ରୀମାନଙ୍କୁ ପୁଷ୍ଟିକର ଆହାର ଯୋଗାଇବା ଏବଂ ସେମାନଙ୍କର ଉପସ୍ଥାନ ବୃଦ୍ଧି କରିବା ସରକାର ଙ୍କ ଲକ୍ଷ ।ମାତ୍ର ବିଦ୍ୟାଳୟରେ ଖାଦ୍ୟର ପରିମାଣ ପ୍ରତିଦିନ ସମସ୍ତ ଛାତ୍ରଛାତ୍ରୀଙ୍କୁ ଆବଶ୍ୟକୀୟ ପରିମାଣରେ ଖାଦ୍ୟ ମିଳୁନଥିବା ଅଭିଯୋଗ ହୋଇଛି । ଖାଦ୍ୟ ପ୍ରସ୍ତୁତି ସ୍ଥାନ ଓ ଖାଦ୍ୟ ପରଷିବା ସ୍ଥାନରେ ସ୍ୱଚ୍ଛତା ଓ ପରିଚ୍ଛନ୍ନତା ଅଭାବ ରହିଥିବା ଜଣାପଡିଛି । ପିଲାଙ୍କ ସଂଖ୍ୟାରେ ଜାଲିଆତି ଅନେକ ସମୟରେ ବିଦ୍ୟାଳୟରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଠାରୁ ଅଧିକ ୫୦/୭୦ ସଂଖ୍ୟା ଦର୍ଶାଯାଇ ଅଧିକ ଖାଦ୍ୟ ସାମଗ୍ରୀ ପ୍ରଧାନ ଶିକ୍ଷୟତ୍ରୀ ଲିପ୍ସା ଜେନା ହଡପ କରୁଛନ୍ତି ବୋଲି ଅଭିଯୋଗରେ ଦର୍ଶା ଯାଇଛି । ଆଶ୍ରମରେ ଖାଇବା ପିଇବା ଠିକ ଭାବରେ ଦିଆଯାଇ ନଥିବେଳେ ଦିନବେଳା ୧୧୦ ଛାତ୍ରୀଙ୍କୁ ୨ କିଲୋ ଡ଼ିଲି ରାତିରେ ୧.୫ କିଲୋ ଡାଲି ଖାଦ୍ୟରେ ଦିଆଯାଉଛି । ଗ୍ରାମବାସୀ ଓ ଅଭିଭାବକ ଜାଣିବା ପରେ ଗତମାସ ୨୦ ତାରିଖ ବିଇଓ ଙ୍କ ନିକଟରେ ଅଭିଯୋଗ କରିଥିଲେ । ସେ ସିଆରସିସି ଙ୍କୁ ଦାନ୍ତିଆ ଆଶ୍ରମ ସ୍କୁଲରେ କେତେ ପିଲା ଉପସ୍ଥିତ ଅଛନ୍ତି କିଛି ଅଭିଭାବକଙ୍କ ସହ ଯାଇ ଗଣିକରି ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସିଆରସିସି ଙ୍କ ତଥ୍ୟ ଅନୁଯାୟୀ ୧୬୭ ପିଲା ଉପ ?ସ୍ଥିତ ଥିବାବେଳେ ପ୍ରଧାନ ଶିକ୍ଷୟତ୍ରୀ ୨୧୧ ପିଏମପି ପୋଷଣ ଆପରେ ଦର୍ଶାଯାଇଥିବା ସୂଚନା ଦେଇଛନ୍ତି । ଦ୍ୱିତୀୟ ଥର ମେ ୨୫ରେ ଡବ୍ଲୁଇଓ,ଏଡିଡବ୍ଲୁ ଘସିପୁରା ତଦନ୍ତ ପାଇଁ ଆସିଥିବାବେଳେ ତଥ୍ୟ ଅନୁସାରେ ପ୍ରଧାନ ଶିକ୍ଷୟତ୍ରୀ ଲିପ୍ସା ଜେନା ଙ୍କ ବିପକ୍ଷରେ ଯାଇଛି ।ତେବେ ସବୁ ରିପୋର୍ଟ କପି ଅଛି ଏବଂ ଏ ବିଷୟରେ ଖବର କାଗଜରେ ଓ ଅନଲାଇନ ଏକ୍ସ ପୋଷ୍ଟ ଅଧିକାରୀ ଙ୍କ ନିକଟରେ ଅଭିଯୋଗ ବିଷୟରେ ଅବଗତ କରାଯାଇଛି ।ମାତ୍ର ଆଜକୁ ୨୦ ଦିନ ବିତିଲାଣି ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିବାରୁ ଅଗଷ୍ଟ ୮ରେ ହରିଚନ୍ଦନପୁର ଯାଉଁଳିପୋଖରୀ ଉପ୍ରାସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅହଲ୍ୟା ରାଉତଙ୍କୁ ଛାତ୍ରଛାତ୍ରୀଙ୍କୁ ସଠିକ୍ ଭାବେ ମଧ୍ୟାହ୍ନଭୋଜନ ନଦେବା ଓ ମଧ୍ୟାହ୍ନଭୋଜନ ପାଇଁ ଆସୁଥିବା ଚାଉଳ ହେର୍ଫେର୍ କରୁଥିବା ନେଇ ବିଇଓଙ୍କ ନିକଟରେ ଅଭିଯୋଗ କରିଥିଲେ । ହରିଚନ୍ଦନପୁର ବିଇଓ ଚିନ୍ମୟ କୁମାର ରାଉତ ତାଙ୍କୁ ନିଲମ୍ବନ କରିଥିଲେ । ସେହିପରି ଗତ ୧୨ ତାରିଖରେ ପାଟଣା ବ୍ଲକ କେଦେଇପୋଶି ପଞ୍ଚାୟତ ଖୁଣ୍ଟାପଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୌଜିରାମ ମଧ୍ୟାହ୍ନ ଭୋଜନରେ ଜାଲିଆତି କରି ଦୁଇ ଜଣ ପିଲା ଅଧିକ ପକାଇବାର ଜିଲ୍ଲାପାଳ ଦେଖୁବାକୁ ପାଇଥିଲେ । ପାଟଣା ବିଇଓ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୭୧୨/୨୫ରେ ପ୍ରଧାନ ଶିକ୍ଷକପାତ୍ରଙ୍କୁ ନିଲମ୍ବିତ କରାଯାଇଥିଲା । ଦାନ୍ତିଆ ଆଶ୍ରମ ସ୍କୁଲ୍ ରେ ପ୍ରତିଦିନ ୫୦/୬୦ ପିଲା ଅଧିକ ପକାଯାଉଛି । ହେଲେ ଏଯାଏ ପ୍ରଧାନ ଶିକ୍ଷୟତ୍ରୀ ଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଜନସାଧାରଣ ଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି ।ଜିଲ୍ଲା ପ୍ରଶାସନ କାହାଚାପରେ ଚୁପ୍ ରହିଛି ବୋଲି ଲୋକେ ପ୍ରଶ୍ନ କରିଛନ୍ତି । ତୁରନ୍ତ ପ୍ରଧାନ ଶିକ୍ଷୟତ୍ରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଶାନ୍ତନୁ ସ୍ୱାଇଁ, ପ୍ରଣବ ଦାସ, ରମାକାନ୍ତ ଜେନା, ମାଜର ସ୍ୱାଇଁ, ଚଗଲୁ ମଲ୍ଲିକ, ଅଗସ୍ତି ମଲ୍ଲିକ, ଦୁର୍ଯ୍ୟୋଧନ ମଲ୍ଲିକ, ମଳୟ ମଳିକ, ଗୋପିନାଥ ମଳିକ ପ୍ରମୁଖ ଗ୍ରାମବାସୀ ଦାବିପତ୍ର ଦେଇଥିଲେ ।

## ସାରସ୍ୱତ ସାଧକ ରାମଚନ୍ଦ୍ର ମହାନ୍ତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ



ପାରାଦୀପ, (ମହାଭାରତ): ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରଖ୍ୟାତ ସାରସ୍ୱତ ସାଧକ ରାମଚନ୍ଦ୍ର ମହାନ୍ତି ଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ପାରାଦୀପ ର ପୋର୍ଟ କ୍ଲବ ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି । ଏହି ଅବସରରେ ସାହିତ୍ୟିକ ଡ଼ଃ.ରଘୁନାଥ ସାହୁ ଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ସ୍ତମ୍ଭକାର ସୁଧାଂଶୁ ମୋହନ ଶତପଥୀ,ସାହିତ୍ୟିକ ଓ ସ୍ତମ୍ଭକାର ସରୋଜକାନ୍ତ ଚୌଧୁରୀ, ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କବି ପିତାମ୍ବର ତରାଇ,ସାହିତ୍ୟିକ ଡ଼ଃ.କେଶବ ଚନ୍ଦ୍ର ଦଳାଇ ଏବଂ ଲେଖକ ରାମଚନ୍ଦ୍ର ମହାନ୍ତି ଙ୍କ ସୁପୁତ୍ର ରାଜେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ସାରସ୍ୱତ ସାଧକ ରାମଚନ୍ଦ୍ର ମହାନ୍ତି ଙ୍କ ଜୀବନୀ ଉପରେ ଆଲୋଚନା କରି ଓଡିଶା ସାହିତ୍ୟ ଜଗତରେ ତାଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ । ଏଥିରେ ପ୍ରାକ୍ତନ ଶିକ୍ଷାବିତ ନଗେନ୍ଦ୍ର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କବି ତଥା କାର୍ଯ୍ୟକ୍ରମର ଆୟୋଜକ କବି ପିତାମ୍ବର ତରାଇ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଦି କର୍ମଯୋଗୀ ଅଭିଯାନ ସଂପର୍କୀତ ଜିଲ୍ଲାସ୍ତରୀୟ ତାଲିମ ଶିବିର ଉଦଘାଟିତ

କଳାହାଣ୍ଡି, (ମହାଭାରତ): ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ଅନୁସୁଚିତ ଜନଜାତି ଓ ଅନୁସୁଚିତ ଜାତି ଉନ୍ନୟନ ବିଭାଗ, ସଂଖ୍ୟାଲଘୁ ସଂପ୍ରଦାୟ ଏବଂ ପଛୁଆ ବର୍ଗକଲ୍ୟାଣ ବିଭାଗ ଆନୁକୁଲ୍ୟରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଥୁଆମୂଳ ରାମପୁର ଦ୍ୱାରା ଆୟୋଜିତ ଆଦି କର୍ମଯୋଗୀ ଅଭିଯାନ କାର୍ଯ୍ୟକ୍ରମରେ ବକ୍ଲ ସ୍ତରୀୟ ପ୍ରଶିକ୍ଷକ ମାନଙ୍କ ନିମନ୍ତେ ତିନି ଦିନିଆ ଜିଲ୍ଲାସ୍ତରୀୟ ତାଲିମ ଶିବିର ର ଶୁଭଉଦ୍‌ଘାଟନ ହୋଇଯାଇଅଛି । ସ୍ଥାନୀୟ ହୋଟେଲ ଭାରତ ପ୍ୟାଲେସ ରେ ଆଜିଠାରୁ ଆଗାମୀ ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ତାଲିମ ଶିବିର କୁ ଜିଲ୍ଲାପାଳ ପାଣ୍ଡ୍ୱାର ସଚିନ ପ୍ରକାଶ ଶୁଭ ଉଦ୍ଘାଟନ କରି ଆଦି କର୍ମ ଯୋଗୀ ଅଭିଯାନ ଓ ତାଲିମ୍ ଶିବିରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।

## ଚାରୋଟି ପଞ୍ଚାୟତର ଅଞ୍ଚଳ ବାସୀଙ୍କ ସ୍ୱପ୍ନ ହେବାକୁ ଯାଉଛି ସାକାର



ଦଶପଲ୍ଲା, (ମହାଭାରତ): କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଙ୍କ ଅନୁମୋଦନ କ୍ରମେ ମଧଖଣ୍ଡ ଗ୍ରାମରୁ ଦାମୋଦରପୁରକୁ ଯାଉଥିବା କୁଆଁରିଆ ନାଳ ଉପରେ ସଡ଼କ ସେତୁ ନିର୍ମାଣ ପାଇଁ ଆରଡି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିବା ଖବର ସ୍ଥାନୀୟ ଲୋକଙ୍କ ମଧ୍ୟରେ ଖୁସି ଖେଳିଯାଇଛି । ବର୍ଷା ହେଲେ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଏହି ସଡ଼କ ହୋଇଯାଏ ଜୀବନରେ ଅତ୍ୟନ୍ତ କଷ୍ଟଦାୟକ । କୁଆଁରିଆ ନାଳ ଉପରେ ସେତୁ ନଥିବାରୁ ପ୍ରତିଦିନୀୟ ଯାତାୟାତ, ଛାତ୍ରଛାତ୍ରୀଙ୍କ ପାଠଶାଳା ଯିବା, ରୋଗୀଙ୍କୁ ହସ୍ପିଟାଲ୍ ?କୁ ପହଞ୍ଚାଇବା ସବୁକିଛିରେ ଅସୁବିଧା ସୃଷ୍ଟି ହୋଇଆସୁଥିଲା । ବର୍ଷା ହେଲେ ପାଣି ରାସ୍ତା ଉପରେ ଢ଼େଉ ଖେଳୁଥିବାରୁ ଗ୍ରାମବାସୀ ଅନେକ ସମୟରେ ବିପଦକୁ ମୁହାଁ ହେବାକୁ ବାଧ ହୁଅନ୍ତି । ସେପରି ପରିସ୍ଥିତିରେ ଏକ ସ୍ଥାୟୀ ସେତୁର ଆବଶ୍ୟକତା ଥିବାରୁ ଦୀର୍ଘଦିନ ଧରି ଦାବିହୋଇଆସୁଥିଲା । ସାଂସଦଙ୍କ ଅନୁମୋଦନରେ ଏବେ ଯେତେବେଳେ ଆରଡି ବିଭାଗ ସେତୁ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଯାଉଛି, ସେଥିରୁ ନିଶ୍ଚିତଭାବେ ଗ୍ରାମବାସୀଙ୍କୁ ଅନେକ ରାହତ ମିଳିବ । ତେଣୁ ସାଂସଦଙ୍କ ପ୍ରୟାସ ପ୍ରଶଂସନୀୟ ହେଲେ ମଧ, ଆରଡି ବିଭାଗର କର୍ତ୍ତବ୍ୟ ହେଉଛି କାର୍ଯ୍ୟକୁ ଦୃତଗତିରେ, ଗୁଣଗତାୟୁକ୍ତ ଭାବେ ଓ ସମୟସୀମାରେ ସମାପ୍ତ କରିବା । ଗ୍ରାମୀଣ ଅଞ୍ଚଳର ସୁବିଧା, ଯାତାୟାତ ଓ ନିରାପତ୍ତାରେ ସଡ଼କ ଓ ସେତୁର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ପ୍ରକଳ୍ପ ସତ୍ୟରେ ସଫଳ ହେଲେ, କେବଳ ମଧଖଣ୍ଡ ଓ ଦାମୋଦରପୁର ନୁହେଁ, ସମଗ୍ର ଅଞ୍ଚଳରେ ସୁସଂଯୋଗ ଓ ଉନ୍ନୟନର ଏକ ନୂଆ ଦ୍ୱାର ଖୋଲିବ ।ଏହାଦ୍ୱାରା ଚାରିଗୋଟି ପଂଚାୟତର ଅଂଚଳ ବାସୀ ଖୁସି ବ୍ୟକ୍ତ କରିବା ସହିତ ସାଂସଦ ଙ୍କୁ ଧନ୍ୟବାଦ ଜଣାଇଥିଲେ । ଏଥିସହ ସାଂସଦ ଙ୍କ ବ୍ଲକ ପ୍ରତିନିଧି କିଶୋର ଦଳବେହେରା, ମଧ୍ୟଖଣ୍ଡ ମଣ୍ଡଳ ସଭାନେତ୍ରୀ ଭାଗ୍ୟଲକ୍ଷ୍ମୀ ଦାଶ, ଆନନ୍ଦ ବେହେରା, ପ୍ରାଣକୃଷ୍ଣ ଦାଶ, ଅନିରୁଦ୍ଧ ସାହୁ, ବିଦେଶୀ ମଳିକଙ୍କ ସହିତ ବହୁ କାର୍ଯ୍ୟକର୍ତ୍ତା ସାଂସଦଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ପ୍ରଶାସନ ଓ ପୋଲିସ ମିଳିତରେ ଜନସମ୍ପର୍କ ଅଭିଯାନ



କନ୍ଧମାଳ, (ମହାଭାରତ) : କନ୍ଧମାଳ ଜିଲ୍ଲା କନ୍ଦୂଆଗାଁ ବ୍ଲକ ଅନ୍ତର୍ଗତ ମହାସିଂଙ୍ଗ ପଞ୍ଚାୟତ ଠାରେ ଉପଖଣ୍ଡ ସାଧାରଣ ପ୍ରଶାସନ ଓ ପୋଲିସ୍ ର ଜନସମ୍ପର୍କ ଅଭିଯାନ କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହି ଜନସମ୍ପର୍କ ଅଭିଯାନରେ ବାଲିଗୁଡା ଉପଜିଲ୍ଲାପାଳ ଶ୍ରୀମତି ଆଇଏଏସ୍ ପ୍ରଣିତା ଦାସ ମୂଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।ମଞ୍ଚାସିନ ଅତିଥି ଭାବେ ବାଲିଗୁଡା ଏସଡିପିଓ ରାମେନ୍ଦ୍ର ପ୍ରସାଦ,କନ୍ଦୂଆଗାଁ ବିଡିଓ ଶ୍ରଦ୍ଧାଞ୍ଜଳୀ ପ୍ରଧାନ,କନ୍ଦୂଆଗାଁ ତହସିଲଦାର ଆନନ୍ଦ କୁମାର ପଣ୍ଡା ,ବିଜେପି ଜିଲ୍ଲା ସଭାପତି ପଣ୍ଡିତ ବିଶି ମାଝୀ ,କନ୍ଦୂଆଗାଁ ବ୍ଲକର ଅଧକ୍ଷା ସୁଲୋଚନା ଦଳବେହେରା, ଉପଧକ୍ଷ ଧବଳେଶ୍ୱର ପାତ୍ର, ଜିଲ୍ଲା ପରିଷଦ ଅନୀତା ନାୟକ, ସମେତ କନ୍ଦୂଆଗାଁ ବ୍ଲକର ସମସ୍ତ ଜନ ପ୍ରତିନିଧି ଯୋଗଦାନ କରିଥିଲେ ।କିନ୍ତୁ ଏହି କାଯ୍ୟକ୍ରମକୁ ସ୍ଥାନୀୟ ବିଧାୟକଙ୍କୁ ନିମନ୍ତ୍ରଣ କରାଯାଇନଥିବା ହେତୁ ଜନ ଅସନ୍ତୋଷ ଦେଖାଦେଇଥିଲା ।ଏ ବିଷୟରେ ବିଧାୟକଙ୍କ ଫୋନ ଯୋଗେ ପ୍ରତିକ୍ରିୟା ନେଇଥିଲୁ ପ୍ରଶାସନ ଓ ପୋଲିସର ଜନସମ୍ପର୍କ କାର୍ଯକ୍ରମ ବିଷୟରେ ମୁଁ କୌଣସି ନିମନ୍ତ୍ରଣ ପାଇନାହିଁ ବୋଲି ବିଧାୟକ ପ୍ରକାଶ କରିଥିଲେ । ଏହି ଜନସମ୍ପର୍କ ଅଭିଯାନର ମୁଳ ଉଦେଶ୍ୟ ହେଲା କନ୍ଧମାଳ ର ଜନସାଧାରଣ ଗଞ୍ଜେଇ ଚାଷ ଛାଡି କିପରି ଅନ୍ୟ ଲାଭଦାୟକ ଫସଲ ତଥା କୁକୁଡା ଚାଷ,ଷ୍ଟ୍ରବେରି ଚାଷ,ମାଛ ଚାଷ,ଛତୁଚାଷ ଭଳି ବିଭିନ୍ନ ରକମର ଚାଷ କରିପାରିବେ ତାହା ଉପରେ ଉପ ଜିଲ୍ଲାପାଳ ଓ ବାଲିଗୁଡା ଏସଡିପିଓ ଜନସାଧାରଣଙ୍କୁ ବୁଝାଇଥିଲେ ।ସେଥିପାଇଁ ବିଭିନ୍ନ ବିଭାଗରୁ ଆସିଥିବା ଉଚ୍ଚପଦସ୍ତ ଅଧିକାରୀମାନେ ଜନସମ୍ପର୍କ ଅଭିଯାନରେ ଯୋଗଦେଇଥିବା ଜନସାଧାରଣ ମାନଙ୍କୁ ସରକାରଙ୍କ ବିଭିନ୍ନ ଚାଷ ଯୋଜନା ଉପରେ ବୁଝାଇଥିଲେ ।ଦପ୍ତରର ବିଭିନ୍ନ ବିଭାଗକୁ ଯାଇ କେଉଁ ଚାଷ କଲେ ଅଧିକ ଲାଭବାନ ହୋଇପାରିବେ, ସହଜରେ କିପରି ଏହି ଚାଷ କରିପାରିବେ ,ଏହି ଚାଷ ପାଇଁ କିପରି ଲୋନର ଲାଭ ଉଠାଇ ସବସିଡର ଲାଭ ଉଠାଇ ପାରିବେ ତାହା ତନ୍ନ,ତନ୍ନ କରି ଅଧିକାରୀ ମାନେ ମଚଂ ଉପରେ ଜନସାଧାରଙ୍କୁ ବୁଝାଇଥିବା ଦେଖିବାକୁ ମିଳିଥିଲା ।

## ଗୋଲାମୁଣ୍ଡା ବ୍ଲକରେ ୪୪୬ ନୂତନ ଭତ୍ତା ବଣ୍ଟନ

ଗୋଲାମୁଣ୍ଡା, (ମହାଭାରତ): ଆଜି ଗୋଲାମୁଣ୍ଡା ବ୍ଲକ ସଭାଗୃହ ଠାରେ ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦଙ୍କ ନେତୃତ୍ୱରେ ବ୍ଲକର ୨୮ ଗୋଟି ଗ୍ରାମ ପଞ୍ଚାୟତର ୪୪୬ ଜଣ ହିତାଧିକାରୀଙ୍କୁ ମଧୁବାବୁ ଓ ଇନ୍ଦିରା ଗାନ୍ଧୀ ପେନସନ ଯୋଜନାରେ ଭତ୍ତା ବଣ୍ଟନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବିଡ଼ିଓ ତ୍ରିପୁରା ମହାନନ୍ଦ, ଏବିଡ଼ିଓ ବିଜୟ ନାୟକ, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ କୁମାର ବିହାରୀ, ଗୋଲାମୁଣ୍ଡା ସରପଞ୍ଚ ପୁରୁଷୋତ୍ତମ ରାଉତ, ମାନଝରି ସରପଞ୍ଚ ଜଗୁଜିବନ ଅଗ୍ରିଆ, ନୂଆଗାଁ ସରପଞ୍ଚ ଦୁଷ୍ମନ୍ତ ଭୋଇ, କେଗାଁ ସମିତି ସଭ୍ୟ ଲକ୍ଷ୍ମଣ ସାହୁ, ସିନାପାଲି ସମିତି ସଭ୍ୟ ଲୋଚନ ସାହୁ, ଉଦେଶୃଙ୍ଗ ସମିତି ସଭ୍ୟ ଚୈତନ୍ୟ ମାଝୀ ପ୍ରମୁଖ ଉପସ୍ଥିତ ରହି ଭତ୍ତା ବଣ୍ଟନ କରିଥିଲେ । ପୂର୍ବରୁ କଳାହାଣ୍ଡି ଜିଲ୍ଲାରେ ଗୋଲାମୁଣ୍ଡା ବ୍ଲକ ଭତ୍ତା ପ୍ରଦାନରେ ବହୁ ପଛରେ ଥିବାବେଳେ ବ୍ଲକ ଅଧକ୍ଷ ଭାବେ ଶ୍ରୀ ମହାନନ୍ଦ ଯୋଗଦାନ ପରେ ଗାଁ ଗାଁ ବୁଲି ଲୋକଙ୍କ ଅଭିଯୋଗ ଶୁଣି ବହୁ ବାଦ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କୁ କ୍ରମଶଃ ଭତ୍ତା ପ୍ରଦାନ କରି ଆଜି ଗୋଲାମୁଣ୍ଡା ବ୍ଲକ ଭତ୍ତା ପ୍ରଦାନ କରିବାରେ ଜିଲ୍ଲାର ଶୀର୍ଷ ସ୍ଥାନରେ ପହଞ୍ଚି ପାରିଛି । ଆଜି ବ୍ଲକକୁ ଆସି ପାରିନଥିବା ହିତାଧିକାରୀଙ୍କୁ ତାଙ୍କ ଘରକୁ ଯାଇ ଭତ୍ତା ପ୍ରଦାନ କରିବାକୁ ବ୍ଲକ ଅଧକ୍ଷ ଶ୍ରୀ ମହାନନ୍ଦ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ପ୍ରକାଶ ଥାଉକି ସର୍ବ ପ୍ରଥମେ ଦିବ୍ୟାଙ୍ଗ ଓ ବିଧବା ମାଁ ମାନଙ୍କୁ ଗୁରୁତ୍ୱ ଦେଇ ଭତ୍ତା ଅନୁମୋଦନ କରାଯାଇଛି । ଜିଲ୍ଲା ରେ ସର୍ବାଧିକ ଗୋଲାମୁଣ୍ଡା ବ୍ଲକ ରେ ଅନୁମୋଦନ ହୋଇଥିବା ଯୋଗୁଁ ବ୍ଲକ ପ୍ରଶାସନ, ଉପ ଜିଲ୍ଲାପାଳ ଧର୍ମଗଡ଼, ଜିଲ୍ଲାପାଳ କଳାହାଣ୍ଡି,ପୂର୍ବତନ ମନ୍ତ୍ରୀ ପ୍ରଦୀପ୍ତ ନାଏକ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ, ଧର୍ମଗଡ଼ ବିଜେପି ବିଧାୟକ ପ୍ରାର୍ଥୀ ମନୋଜ ମେହେର ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଙ୍କୁ ଧନ୍ୟବାଦ ଦେଇଛନ୍ତି ବ୍ଲକ ଅଧକ୍ଷ ଶ୍ରୀ ମହାନନ୍ଦ ।

## ରାସ୍ତା ଅତି ଶୋଚନୀୟ: ମରାମତି କେବେ ସାଧାରଣରେ ଦାବି



ପାଟଣା, (ମହାଭାରତ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ମଲ୍ଲିପଶି ଠାରୁ ଚିନାମାଳିପଶି ପଞ୍ଚାୟତ ପର୍ଯ୍ୟନ୍ତ ୪ କିଲୋମିଟର ରାସ୍ତା ଅତି ଶୋଚନୀୟ ହୋଇ ପଡିରହି ଛି । ପ୍ରତି ଦିନ ଏହି ରାସ୍ତା ଦେଇ ଶହ ଶହ ଲୋକେ ଯାତାୟାତ କରୁଥିବା ବେଳେ ରାସ୍ତା ର ବିଭିନ୍ନ ସ୍ଥାନ ରେ ଖାଲଖମା ହେବା ସହ ବର୍ଷା ପାଣି ଖାଲଖମା ରେ ପାଣି ଜମି ରହୁ ଥିବା ଲୋକ ମାନେ ଖସିପଡି ଖଣ୍ଡିଆ ଖାବରା ହେଉଥିବା ସହିତ ଏ ରାସ୍ତା ରେ ଆମ୍ବୁଲାନ୍ସ ରୋଗୀ ପାଖ କୁ ପହଞ୍ଚି ପାରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ରାସ୍ତା ନିର୍ମାଣ ୨୦୧୯ମସିହା ରୁ ହୋଇ ଥିବା ବେଳେ ୫ ବର୍ଷା ନ ହେଉଣୁ ରାସ୍ତା ସଂପୂର୍ଣ୍ଣ ଖାଲଖମା ହେବା ସହ ଲୋକ ମାନଙ୍କ ପାଇଁ ବିପଦ ଓ ମରଣାଯନ୍ତା ପାଲଟି ଛି । ଏପଟେ ରାସ୍ତା ମରାମତି ନ ହେଉ ଥିବା ଲୋକେ ବିପଦ ସମ୍ମୁଖୀନ ହେଉ ଥିବା ଗ୍ରାମବାସୀ ଦେଖି ନିଜେ ରାସ୍ତା ମରାମତି କରୁଥିବା ଦେଖିବାକୁ ମିଳୁ ଛି । ଠିକାଦାର ର ରାସ୍ତା ନିର୍ମାଣ ସହ ୫ବର୍ଷ ଧରି ରାସ୍ତା ର ମରାମତି ପାଇଁ ଚୁକ୍ତିନାମା ରହିଥିବା ବେଳେ ଠିକାଦାର ମନମୁଖୀ କାମ ସହ ରାସ୍ତା ମରାମତି ପ୍ରତି ଦୃଷ୍ଟି ଆକର୍ଷଣ କରୁନାହିଁ । ଏ ଭଳି ରାସ୍ତା ଖାଲଖମା ଓ ରାସ୍ତା ର ମରାମତି କୁ ନେଇ ସାହାରପଡା ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ ଅଧିକାରୀ ବିଶ୍ୱଜିତ୍ ସିଂ ଙ୍କୁ ପଚାରି ବାରୁ ସେ ରାସ୍ତା ଅନୁଧ୍ୟାନ କରିବା ସହ ରାସ୍ତା ମରାମତି ପାଇଁ ଠିକାଦାର ର ସିକ୍ୟୁରିଟ୍ ଟଙ୍କା କାଟି ରାସ୍ତା ମରାମତି କରାଯିବ ବୋଲି କହିଛନ୍ତି । ତେବେ ରାସ୍ତା ମରାମତି କାମ ଠିକାଦାର କେବେ କରୁଛି । ତାହା ଦେଖିବାକୁ ବାକି ରହିଲା ।

## ଶ୍ରମିକ ଛଟେଇ ପ୍ରତିବାଦରେ ଶ୍ରମିକ ସଙ୍ଘ ପକ୍ଷରୁ ପିଆଇସିଟି କମ୍ପାନୀ ଫାଟକ ଠାରେ ଶ୍ରମିକଙ୍କ ଧାରଣା



ପାରାଦୀପ, (ମହାଭାରତ): ପାରାଦୀପ ଇଣ୍ଟରନ୍ୟାସନାଲ କାର୍ଗୋ ଟର୍ମୀନାଲ (ପିଆଇସିଟି) ର ଦୁଇଶହ ରୁ ଉର୍ଦ୍ଧ ଶ୍ରମିକ ୫ ଦଫା ଦାବୀ ପୂରଣ ପାଇଁ ବନ୍ଦରର ୫ ନମ୍ବର କମ୍ପାନୀ ଫାଟକ ନିକଟରେ ମଙ୍ଗଳବାର ଦିନ ଠାରୁ ଶାନ୍ତିପୂର୍ଣ୍ଣ ଭାବେ କାର୍ଯ୍ୟ ବନ୍ଦ କରି ଅନିର୍ଦ୍ଦିଷ୍ଟ ଧର୍ମଘଟ ଓ ଧାରଣା ଦେଇଛନ୍ତି । ପାରାଦୀପ ଶ୍ରମିକ କର୍ମଚାରୀ ୟୁନିଅନ ର ଅଭିଯୋଗ ଅନୁଯାୟୀ ପିଆଇସିଟି କମ୍ପାନୀ ଶ୍ରମ ଆଇନ ଉଲଂଘନ କରି ୩୨ ଜଣ ଶ୍ରମିକଙ୍କୁ କାର୍ଯ୍ୟରୁ ବେଆଇନ ଭାବେ ଛଟେଇ କରିଛି ।ଏହାର ପ୍ରତିବାଦରେ ଗତ ଜୁଲାଇ ୯ ତାରିଖରେ ୟୁନିଅନ ପକ୍ଷରୁ ପିଆଇସିଟି କର୍ତ୍ତୃପକ୍ଷଙ୍କୁ ଧର୍ମଘଟ ନୋଟିସ ଦିଆଯାଇଥିଲା ଏବଂ କେନ୍ଦ୍ର ଶ୍ରମ ବିଭାଗ ଅଧିକାରୀ ଙ୍କ ପକ୍ଷରୁ ଏହା ଉପରେ ବାରମ୍ବାର ଆଲୋଚନା କରାଯାଇ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ପିଆଇସିଟି କର୍ତ୍ତୃପକ୍ଷ ଙ୍କ ଅସହଯୋଗ ନୀତି ଯୋଗୁଁ କୌଣସି ସୁଫଳ ମିଳିନଥିଲା । ଏବଂ ଅତୀତରେ କମ୍ପାନୀ ପକ୍ଷରୁ ବିଭିନ୍ନ ମିଥ୍ୟା ଅଭିଯୋଗରେ ଅନେକ ନିରୀହ ଶ୍ରମିକ ଓ ନେତାଙ୍କ ବିରୁଦ୍ଧରେ ଥାନାରେ ମାମଲା ରୁଜୁ କରାଯାଇ ସେମାନଙ୍କୁ ଜେଲ ଯିବାକୁ ପଡିଥିଲା ବୋଲି ୟୁନିଅନ ପକ୍ଷରୁ ଅଭିଯୋଗ କରାଯାଇଛି ।ଶେଷରେ ୟୁନିଅନ ପକ୍ଷରୁ ଛଟେଇ ଶ୍ରମିକଙ୍କୁ ପୁନଃ ନିଯୁକ୍ତି, ଅନ୍ୟ ଶ୍ରମିକଙ୍କ ପରି ସମାନ କାମକୁ ସମାନ ମଜୁରୀ ପ୍ରଦାନ, ପାରାଦୀପ ବନ୍ଦର ସହ କମ୍ପାନୀର ଚୁକ୍ତି ରଦ୍ଦ ଇତ୍ୟାଦି ୫ ଦଫା ଦାବୀ ପୂରଣ ପର୍ଯ୍ୟନ୍ତ ଏହି ଅନିର୍ଦ୍ଦିଷ୍ଟ ଧର୍ମଘଟ ଓ ଧାରଣା ଚାଲୁ ରହିବ ବୋଲି ୟୁନିଅନ ର କାର୍ଯ୍ୟକାରୀ ସଭାପତି ତଥା ବରିଷ୍ଠ ଶ୍ରମିକ ନେତା ସୁଧାକର ମନ୍ତ୍ରୀ ଙ୍କ ପକ୍ଷରୁ ପ୍ରକାଶ ।

## ନର୍ଲା ସହରରେ ସଡ଼କ ଦୁର୍ଘଟଣା ଜଣେ ମୃତ

ନର୍ଲା , ( ମହାଭାରତ ) : ଆଜି ଦିନ ଦୁଇଟା ସମୟରେ ଭବାନୀପାଟଣା ରୁ ଭୁବନେଶ୍ୱର କୁ ସଂଯୋଗ କରୁଥିବା ୨୬ ନମ୍ବର୍ ରାଜ୍ୟ ରାଜପଥ ର ନର୍ଲା ସହର ର ଗ୍ୟାସ୍ ଅଫିସ୍ ସମ୍ମୁଖରେ ଏକ ସଡ଼କ ଦୁର୍ଘଟଣା ଘଟିଛି ଭବାନୀପାଟଣା ରୁ ମ ରାମପୁର ଅଭିମୁଖେ ଯାଉଥିବା ଏକ ବାଇକ୍ ଆରୋହୀ କୁ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ ଚାପି ଦେବା ଫଳରେ ବାଇକ୍ ଚାଳକ ର ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି । ବାଇକ୍ ଚାଳକ ଙ୍କ ମୁଣ୍ଡ ଟ୍ରକ୍ ଚକ ତଳେ ଚାପି ହେବା ଫଳରେ ବାଇକ୍ ଚାଳକ ଙ୍କ ପରିଚୟ ମିଳିପାରି ନାହିଁ । ଟ୍ରକ୍ ଚାଳକ ଦୁର୍ଘଟଣା ଘଟାଇ ଫେରାର୍ ମାରୁଥିବା ବେଳେ ନର୍ଲା ପୋଲିସ୍ ତାକୁ କାବୁ କରି ଅଧିକ ତଦନ୍ତ ଜାରି ରଖିଛ ।

## ପଞ୍ଜୀକରଣରୁ ବାଦ ପଡିଥିବା ଚାଷୀଙ୍କ ଦ୍ୱାରା ଜିଲାପାଳଙ୍କୁ ଦାବୀ ପତ୍ର ପ୍ରଦାନ



କେନ୍ଦୁଝର, (ମହାଭାରତ): କେନ୍ଦୁଝର ଜିଲ୍ଲାରେ ଚାଷୀପଞ୍ଜିକରଣ ସମୟ ପୁନଃ ନିର୍ଦ୍ଧାରଣ ପାଇଁ ଏଥିରୁ ବାଦ ପଡିଥିବା ଚାଷୀ ଙ୍କ ଦ୍ୱାରା ଜିଲାପାଳଙ୍କୁ ଦାବୀ ପତ୍ର ପ୍ରଦାନ । ଚାଷୀ ଧାନଚାଷ କରିଥାଏ ନିଜର ବର୍ଷକର ଖାଇବା ସହ ଏହାକୁ ବିକି ଦିପଇସା ରୋଜଗାର କରିବାପାଇଁ କିନ୍ତୁ ଅନେକ କ୍ଷେତ୍ରରେ ସେ ତାର ନ୍ୟାର୍ଯ୍ୟ ପ୍ରାପ୍ୟ ରୁ ବଞ୍ଚିତ ହୋଇଥାଏ ।ଏହାକୁ ନଜର ରେ ରଖି ସରକାର ଚାଷୀପଞ୍ଜିକରଣ କରି ତାଙ୍କୁ ପ୍ରକୃତ ପ୍ରାପ୍ୟ ୩୧୦୦ ଯୋଗାଇ ଦେବାପାଇଁ ବନ୍ଦୋବସ୍ତ କରିଥିବା ବେଳେ କିଛି ବୈଷୟିକ ତୃଟି ପାଇଁ ଚଳିତବର୍ଷ ଅନେକ ଚାଷୀ ନିର୍ଦ୍ଧାରିତ ସମୟ ମଧ୍ୟରେ ସେମାନଙ୍କ କେୟାଇସି ଦେଇ ନପାରିବାରୁ ଏହିଶୁବିଧାରୁ ବଞ୍ଚିତ ହେବା ଆଶଙ୍କାରେ ଏହାର ସମୟ ସୀମା ବୃଦ୍ଧି ପାଇଁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଜିଲା ବିଜେପିର ବରିଷ୍ଠ ନେତା ରାଧାକାନ୍ତ ମହାନ୍ତଙ୍କ ନେତୃତ୍ୱରେ ପଞ୍ଜିକରଣ କରିପାରିନଥିବା ଜିଲାର ବିଭିନ୍ନ ଅଞ୍ଚଳର ଚାଷୀ ଆଜି ଏକତ୍ରୀତ ହୋଇଥିଲେ । ତାଙ୍କର କହିବା ଅନୁଶାରେ ସର୍ଭେୟର ଡାଉନ୍ ରହିବାରୁ ସେମାନେ ତାଙ୍କର ପଞ୍ଜିକରଣ କରିବାରୁ ବଞ୍ଚିତ ହୋଇଛନ୍ତି । ରାତି ଅନିଦ୍ରା ରହି ଲମ୍ବା ଧାଡିରେ ରହି ନିଜର ନାମ ପଞ୍ଜୀକରଣ ନକରିପାରିବା ହେତୁ ଚିନ୍ତା ରେ ଅଛନ୍ତି ଏହି ଚାଷୀ ମାନେ ଯାହା ଫଳରେ ସେମାନେ ଚଳିତ ଖରିଫ ଋତୁରେ ସରକାର ଧାର୍ଯ୍ୟ କରିଥିବା ଧାନ ର ମୂଲ୍ୟ ୩୧୦୦ ଟଙ୍କା ପାଇବାରୁ ବଞ୍ଚିତ ହେବେ ଯାହା ଦ୍ୱାରା ତାଙ୍କ ମୁଣ୍ଡରେ ଋଣ ଭାର ବଢିଯିବ ଏହା ଫଳରେ ଜିଲ୍ଲାର ପ୍ରାୟ ୩୦୦୦ ରୁ ୪୦୦୦ ଚାଷୀ ପ୍ରଭାବିତ ହେବେ । ରାଧାକାନ୍ତ ମହାନ୍ତ କେବଳ ରାଜନଗର ଲ୍ୟାମ୍ପର ଉଦାହରଣ ଦେଇ କହିଛନ୍ତି ଯେ ଯଦି ସମୟ ସୀମା ବୃଦ୍ଧି କରା ନ ଯାଏ ତେବେ ଏହି ଲ୍ୟାମ୍ପ ଉପରେ ନିର୍ଭର କରୁଥିବା ୮୨୧ ଜଣ ଚାଷୀ ସରକାରଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା ଦାମ ପାଇବାରୁ ବଞ୍ଚିତ ହେବେ । ତେଣୁ ଆଜି ସମୟ ସୀମା ବୃଦ୍ଧି ପାଇଁ ଜିଲ୍ଲାପାଳଙ୍କୁ ଦାବୀ ପତ୍ର ଦେବା ପରେ ଜିଲ୍ଲାପାଳ ଆସ୍ୱାସନା ଦେବାପରେ ଚାଷୀ ମାନେ ଆଶ୍ୱସ୍ତ ଦେବା ସହ ଯେହେତୁ ରାଜ୍ୟ ଓ କେନ୍ଦ୍ରରେ ବିଜେପିର ଡବଲ ଇଞ୍ଜିନ ସରକାର ରହିଛ ଓ ଏହା ଲୋକପ୍ରିୟ ମୂଖ୍ୟମନ୍ତ୍ରୀଙ୍କ ଜିଲା ତେଣୁ ସେ ସମୟ ସୀମା ବୃଦ୍ଧିକୁ ନେଇ ଆଶାବାଦୀ ଥିବା କଥାହିଛନ୍ତି ରାଧାକାନ୍ତ ମହାନ୍ତକ୍ଷ ଏହା ସହ କେନ୍ଦୁଝର ବିଭାଜନ ସମବାୟ ସମିତି ସମୁହ ର ଉପନିବନ୍ଧକ ମଧ ଆଶ୍ୱାସନା ଦେଇଚନ୍ତି । ଶୂଚନା ଅନୁଶାରେ ଜିଲ୍ଲାର ୩ଟି ଉପଖଣ୍ଡ ଆନନ୍ଦପୁର, କେନ୍ଦୁଝର ଓ ଚମ୍ପୁଆ ଅଞ୍ଚଳରୁ ଶତାଧିକ ଚାଷୀ ଜିଲ୍ଲାପାଳଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି । ଜିଲ୍ଲାର ତରା ସେବା ସମବାୟ ସମିତିରେ ୧୦୨, ପଣ୍ଡପଡ଼ାରେ ୪୨ ଜଣ ଚାଷୀ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ସେହିପରି ପାଟଣା ଅଞ୍ଚଳରେ ୮୨୧ ଜଣ ଚାଷୀ ସମାନ ସମସ୍ୟାରେ ପଡ଼ିଛନ୍ତି । ହାଟଡିହି ବ୍ଲକ୍ ପଞ୍ଚୁଗୋଛିଆ, ମରେଇଗାଁରେ ଏଭଳି ସ୍ଥିତି ଉପୁଜିଛି । ଫଳରେ ଆବେଦନ କରିଥିଲେ ମଧ ଜିଲ୍ଲାର ୩ ହଜାରରୁ ଅଧିକ ଚାଷୀ ସରକାରଙ୍କୁ ଧାନ ବିକ୍ରୀ କରି ନପାରିବା ଭଳି ସ୍ଥିତି ଉପୁଜିଛି । ତେଣୁ ଧାର୍ଯ୍ୟ ସମୟରେ ଆବେଦନ କରିଥିବା ସମସ୍ତ ଚାଷୀଙ୍କ ଆଖି ସ୍କାନ କରାଯାଇ ନ୍ୟାୟ ପ୍ରଦାନ କରାଯାଉ ବୋଲି ଦାବି ହୋଇଛି । ନଚେତ୍ ସମସ୍ୟାରେ ପଡ଼ିଥିବା ଚାଷୀ ନିଜର ଧାନକୁ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ବଦଳରେ ଦଲାଲଙ୍କୁ ୨ ହଜାର ଟଙ୍କାରେ ବିକିବାକୁ ବାଧ ହେବେ ବୋଲି ଅନେକ କହିଛନ୍ତି । ଦାବିପତ୍ର ପ୍ରଦାନ ପାଇଁ ପୂର୍ବତନ ଜିଲ୍ଲା ବିଜେପି ସଭାପତି ତଥା ବିଶିଷ୍ଟ କୃଷକ ନେତା ରାଧାକାନ୍ତ ମହାନ୍ତ, ଯୁବନେତା ଯଜ୍ଞ ପ୍ରସାଦ ସାହୁ, ଦୁର୍ଯ୍ୟୋଧନ ମହାନ୍ତ, ନିନି ଚକ୍ର, ଦିଲ୍ଲୀପ ମହାନ୍ତ, ଟିକାୟତ ମହାନ୍ତ, କରୁଣାକର ମହାନ୍ତ ପ୍ରମୁଖ ଆଜି ଜିଲ୍ଲାପାଳଙ୍କୁ ଭେଟି ଏହାର ସମାଧାନ ପାଇଁ ଦାବି କରିଥିଲେ । ଲୋକନାଥ ପାତ୍ର, ମଳୟ ନାୟକ, ତ୍ରିଲୋଚନ ନାୟକ, ମମତା ମଞ୍ଜରୀ ନାୟକ, ତପସ୍ୱିନୀ ନାୟକ, ଗାୟତ୍ରୀ ମହାନ୍ତ, ସାବିତ୍ରୀ ନାୟକ, ଧନୁର୍ଜୟ ମହାନ୍ତ, ବିନୋଦ ମହାନ୍ତ, କୁଳମଣି ମହାନ୍ତଙ୍କ ସମେତ ଶତାଧିକ ଚାଷୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଆସିଥିଲେ ।

## ପାରାଦୀପରେ ବର୍ଷା କବିତା ଆସର




ପାରାଦୀପ , (ମହାଭାରତ): ସମାଜର ତଳ ସ୍ତରରେ ଅତ୍ୟନ୍ତ ଅସହାୟ ଭାବରେ ଜୀବନ ଯାପନ କରୁଥିବା ବେଳେ ଏମାନଙ୍କ ପ୍ରତି କବିତା ସମ୍ବେଦନ ଶୀଳ ଭାବରେ ଦୃଷ୍ଟି ଦେବାର ଆବଶ୍ୟକ ଅଛି ବୋଲି ମହ୍ଲାର ଓ ମୋନାଲିସା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ବର୍ଷା କବିତା ଅସରରେ ମତ ପ୍ରକାଶ ପାଇଛି । ପାରାଦୀପ ପୋର୍ଟ କ୍ଲବ ପରିସରରେ ମଙ୍ଗଳବାର ଦିନ ସାରସ୍ୱତ ଆସରରେ ସବିତା ମହାପାତ୍ର ଙ୍କ ପୌରହିତ୍ୟରେ ମୂଖ୍ୟ ଅତିଥି ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ ଡ଼ଃ.ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ସାହିତ୍ୟ ବିନା ସୁନ୍ଦର ଓ ସାମ୍ୟ ସମାଜର ପରିକଳ୍ପନା କରାଯାଇ ପାରିବନାହିଁ । ଏଥିପ୍ରତି ସାହିତ୍ୟିକ ମାନେ ଦୃଷ୍ଟି ଦେଇ ସାହିତ୍ୟ ସର୍ଜନା କରିବାର ଆବଶ୍ୟଜ ଅଛି ବୋଲି ଶ୍ରୀ ଆଚାର୍ଯ୍ୟ କହିଥିଲେ । ମୂଖ୍ୟ ବକ୍ତା ଓଡିଶା ସାହିତ୍ୟ ଏକାଡେମୀ ର ପୂର୍ବତନ ସଦସ୍ୟ କବି ସୁରେଶ କୁମାର ନାୟକ ସମାଜର ନିମ୍ନ ସ୍ତରରେ ଅତ୍ୟନ୍ତ ଅସହାୟ ଭାବରେ ବସବାସ କରୁଥିବା ସାଧାରଣ ଜନ ମାନଙ୍କର ସ୍ୱର ସହିତ କବିତା ଜଡିତ ହୋଇପାରିଲେ କବି ସିଦ୍ଧିପ୍ରାପ୍ତ ହୋଇପାରିବେ ବୋଲି କହିଥିଲେ । ସଭାପତି ଶ୍ରୀମତୀ ମହାପାତ୍ର ସଭାପତିତ୍ୱ ଅଭିଭାଷଣରେ କହିଥିଲେ କବିତା ହେଉଛି ମାନବ ସମାଜର ସହଯାତ୍ରୀ ଓ ସବୁ ଯୁଗରେ ମଣିଷ ସହିତ କବିତା ଘନିଷ୍ଠ ଭାବରେ ଯୋଡି ହୋଇ କାଳଖଣ୍ଡ ଅତିକ୍ରମ କରିଥାଏ ବୋଲି କହିଥିଲେ । ଓଡିଶା ସାହିତ୍ୟ ଏକାଡେମୀ ର ପୁରସ୍କୃତ କବି ପିତାମ୍ବର ତରାଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ କବିତା ହେଉଛି ଆମ୍ଭର ଆହାର ବୋଲି କହିଥିଲେ ।ପ୍ରାରମ୍ଭରେ ପଣ୍ଡିତ ବାସବ କୁମାର ନନ୍ଦ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ତୁଳସୀ ବରାଳ ଓ କବି ପ୍ରଭାତୀ ମାଝି ଙ୍କ ସଂଯୋଜନାରେ ପ୍ରାୟ ୭ଦ୍ଧ ପାଖାପାଖି କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ଏହି କାର୍ଯ୍ୟକ୍ରମକୁ ମୋନାଲିଶା ସାହିତ୍ୟ ସଂସଦ ର ସଭାନେତ୍ରୀ ସଂଘମିତ୍ରା ସ୍ୱାଇଁ ପରିଚାଳନା କରିଥିବା ବେଳେ ଶେଷରେ ପ୍ରକାଶ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରିୟଦର୍ଶିନୀ କ୍ଲବରେ ପାରମ୍ପରିକ ଭାବେ ବିଦାୟ ନେଲେ ଗଜାନନ

ବାଲିପାଟଣା:(ମହାଭାରତ) ଗତ ମାସ ୨୭ ତାରିଖରେ ସାରା ରାଜ୍ୟରେ ପୂଜା ପାଇଥିଲେ ବିଘ୍ନ ବିନାଶକ ପ୍ରଭୁ ଗଜାନନଙ୍କ ପୂଜା କରାଯାଇଥିଲା। ସେହିପରି ବାଲିପାଟଣା ବ୍ଲକ ଭାରତସାହି ପ୍ରିୟଦର୍ଶିନୀ କ୍ଲବ ରେ ମଧ୍ୟ ବିଧି ଅନୁସାରେ ପୂଜା ପାଇଥିଲା ଗଜାନନ। ଏହାର ୧୧ ଦିନ ପରେ ଅର୍ଥାତ ଶନିବାର ଦିନ ମହାପ୍ରଭୁ ଙ୍କୁ ବିସର୍ଜନ କରାଯାଇଅଛି।ପାରମ୍ପରିକ ବାଦ୍ୟ, ଘଣ୍ଟ, ଗୋଟିପୁଅ ନାଚ ଅନୁଯାୟୀ ପାରମ୍ପରିକ ଭାବରେ ଖୁବ୍ ଶାନ୍ତି ଶୃଙ୍ଖଳାରେ ଭଷାଣି କରାଯାଇଅଛି। ପ୍ରିୟଦର୍ଶିନୀ କ୍ଲବ ର ସଭାପତି ଗୌତମ ଚରଣ ପ୍ରହରାଜ ଓ ସମ୍ପାଦକ ଅରବିନ୍ଦ ସାହୁଙ୍କ ଦ୍ୱାରା ସମସ୍ତ କାର୍ଯ୍ୟ ସୁରୁଖୁରୁରେ ଅନୁଷ୍ଠିତ ହୋଇଥିଲା।

## ମାଲକାନଗିରି ଜିଲ୍ଲାର କୃଷିଭିତ୍ତିକ କାର୍ଯ୍ୟକ୍ରମ ପରିଦର୍ଶନ କଲେ କୃଷି ଅତିରିକ୍ତ ସଚିବ



ମାଲକାନଗିରି(ମହାଭାରତ): ଓଡ଼ିଶା ସରକାରଙ୍କ ତରଫରୁ କୃଷି ଅତିରିକ୍ତ ସଚିବ ଶୁଭାଂଶୁ ମିଶ୍ର ମାଲକାନଗିରି ଜିଲ୍ଲାର କୃଷିଭିତ୍ତିକ କାର୍ଯ୍ୟକ୍ରମ ପରିଦର୍ଶନ କରିଥିଲେ। ଯେଉଁଥିରେ ସେ କ୍ଷୁଦ୍ର ଶସ୍ୟ ଚାଷ ପ୍ରଦର୍ଶନ କ୍ଷେତ୍ର ପରିଭ୍ରମଣ କରିଥିଲେ ଏବଂ ଏମ ଭି ୭ ର ଉଚ୍ଚ ବିଦ୍ୟାଳୟରେ ଶ୍ରୀ ଅନ୍ନ ଯୋଜନା, ଜିଲ୍ଲା କୃଷି ବିଭାଗ ମାଲକାନଗିରି ତରଫରୁ ଆୟୋଜିତ ପାରମ୍ପରିକ କ୍ଷୁଦ୍ର ଶସ୍ୟ ଯୁକ୍ତ ଖାଦ୍ୟ ମେଳା ପରିଭ୍ରମଣ କରି ଏହାର ଉଦ୍ଘାଟନ କରିଥିଲେ ଏବଂ ଏହାର ଉପାଦେୟତା ଏବଂ ପୁଷ୍ଟିଶସ୍ୟ ଗୁଣବ□ ବିଷୟରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରିଥିଲେ। ତା ସହିତ କ୍ଷୁଦ୍ର ଶସ୍ୟ ଓ ବୈଜ୍ଞାନିକ ପଦ୍ଧତିରେ ଉତ୍ପାଦନ ଏବଂ ଏହି ବ୍ୟବସାୟ ର ସମ୍ପ୍ରସାରଣ ବିଷୟରେ ମଧ୍ୟ ଅବଗତ କରାଇଥିଲେ। ଖାଦ୍ୟ ମେଳା ରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା ମୁଖ୍ୟ ଉଦ୍ୟାନ ଅଧିକାରୀ, ଶ୍ରୀ ଅନ୍ନ ଯୋଜନା ର ଜିଲ୍ଲା ସଂଯୋଜକ ଓ ଆ□ଳିକ ସଂଯୋଜକ, ଜିଲ୍ଲା ମୁଖ ଯନ୍ତ୍ରୀ, କୃଷି ବିଜ୍ଞାନ କେନ୍ଦ୍ର ର ମୁଖ୍ୟ ବୈଜ୍ଞାନିକ, ଅନ୍ୟାନ୍ୟ କୃଷି ଅଧିକାରୀ ସହିତ ଏମ ଭି ୭ ବିଦ୍ୟାଳୟ ର ଶିକ୍ଷକ ଏବଂ ଶତାଧିକ ଛାତ୍ର ଏହି ଖାଦ୍ୟ ମେଳା ରେ ଅଂଶଗ୍ରହଣ କରିଥିଲେ। ଏହି ଖାଦ୍ୟ ମେଳା ରେ ଗୋପବନ୍ଧୁ ବିକାଶ ସଂସ୍ଥା ର ସହାୟୋଗରେ ମା ସନ୍ତୋଷି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ର ମାଁ ମାନେ କ୍ଷୁଦ୍ର ଶସ୍ୟ ରେ ଅନେକ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନ ଯେପରି ମାଣ୍ଡିଆ ମିଶ୍ରିତ ସୁପ, ଲଡୁ, ଆରିସା, ଖାଖରା, ଗଜା, ଖିରି, ଇତ୍ୟାଦି ଖାଦ୍ୟ ପ୍ରସ୍ତୁତ କରିଥିଲେ। କାର୍ଯ୍ୟକ୍ରମ ପରିଦର୍ଶନ ପର୍ଯ୍ୟାୟରେ କୃଷି ଅତିରିକ୍ତ ସଚିବ, ଓଡ଼ିଶା ସରକାର ଶୁଭାଂଶୁ ମିଶ୍ର ମାଣ୍ଡିଆ ରେ ପ୍ରସ୍ତୁତ ଖାଦ୍ୟ ଗ୍ରହଣ କରି ଶ୍ରୀ ଅନ୍ନ ଯୋଜନାର ସଫଳ ହୋଇଛି ବୋଲି ପ୍ରତିକ୍ରିୟା ରଖିଥିଲେ।

## ପୁରାତନ ମଧୁସୂଦନ ପାଠାଗାରର ପୁନରୁଦ୍ଧାର

ବାଲିପାଟଣା (ମହାଭାରତ)ଗୁରୁଦିବସ ଦିନଟି ଯାଜପୁର ଜିଲ୍ଲାର ଐତିହାସିକ ସଂସ୍କୃତିସମ୍ପନ୍ନ କଲଣ ଗାଁ ପାଇଁ ଥିଲା ଗୁରୁତ୍ୱପୂର୍ଣ୍ଣ ଦିନ। ଗ୍ରାମରେ ବହୁ ପ୍ରତିଭାଶ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ଉଦ୍ୟୋଗ ରେ ସୁଦୀର୍ଘ ୧୯୫୫ ମସିହାରେ ସ୍ଥାପିତ ଐତିହାସିକ ମଧୁସୂଦନ ପାଠାଗାରର ପୁନର୍ନିର୍ମାଣ କରାଯାଇଥିଲା। ଏକ ମନୋଜ୍ଞ ପରିବେଶରେ ଓଡ଼ିଆ ଅସ୍ମିତାର ବାର୍ତ୍ତାବହ ଅନ୍ତରଙ୍ଗ କଳିଙ୍ଗ ଫାଉଣ୍ଡେସନର ସହଭାଗିତା ଓ ସହାୟତାରେ ପୁନଃ ସ୍ଥାପିତ ମଧୁସୂଦନ ପାଠାଗାରକୁ ସ୍ଥାନୀୟ ସମାଜସେବୀ ଶ୍ରୀମତି ମିନତି ସାହୁ ଏବଂ ଅଞ୍ଚଳର ବିଶିଷ୍ଟ ବୁଦ୍ଧିଜୀବୀ ତଥା ଶିକ୍ଷାବିତ ବିଦ୍ୟାଧର ସାହୁ ଉଦଘାଟନ କରିଥିଲେ।ପ୍ରଥମେ ଗ୍ରାମ ମଧ୍ୟସ୍ଥ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଶ୍ରୀମତି ସାହୁଙ୍କ ସମେତ ଅନ୍ୟାନ୍ୟ ଅତିଥି ଏବଂ ଗ୍ରାମର ବରିଷ୍ଠ ନାଗରିକ ମାନଙ୍କୁ ସ୍ୱାଗତ କରାଯାଇଥିଲା। ମଧୁବାବୁ ଓ ଜଗନ୍ନାଥଙ୍କୁ ପୁଷ୍ପାର୍ଘ୍ୟ ଅର୍ପଣ ପରେ ଫାଉଣ୍ଡେସନ ତରଫରୁ ପାଠାଗାରକୁ ଯୋଗାଇ ଦିଆଯାଇଥିବା ୬୦୦ ରୁ ଉର୍ଦ୍ଧ୍ୱ ପୁସ୍ତକକୁ ଶ୍ରୀମତି ସାହୁ ଲୋକାର୍ପିତ କରିଥିଲେ ଏବଂ ମଧୁପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରଦୀପ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା।ରଶ୍ମିରଞ୍ଜନ ସାହୁଙ୍କ ନେତୃତ୍ୱରେ ବେଦପାଠ ମଧ୍ୟରେ କାର୍ଯ୍ୟକ୍ରମର ଆରମ୍ଭ ପରେ ମହାବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ଅତିଥି ଏବଂ ବରିଷ୍ଠ ନାଗରିକମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ଗ୍ରାମର ସମାଜସେବୀ ପୁରୁଷୋତ୍ତମ ଖୁଣ୍ଟିଆ ଏବଂ ଫାଉଣ୍ଡେସନର ସଦସ୍ୟ ଡ. ସତ୍ୟପ୍ରିୟ ସାହୁଙ୍କ ସଂଯୋଜନାରେ ପରିଚାଳିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଶ୍ରୀମତି ସାହୁ ବରିଷ୍ଠ ନାଗରିକ ମଞ୍ଚକୁ ଆନ୍ତରିକ ଶୁଭେଚ୍ଛା ଜ୍ଞାପନ ସହିତ ପାଠାଗାରର ପୁନରୁଦ୍ଧାର ନିମନ୍ତେ ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ ସହିତ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।

## ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ମହା ବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟ ର ମାନ୍ୟତା ମିଳିବ କେବେ ?

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ରପ ଗଜପତି ସ୍ୱୟଂ ଶାସିତ ମହା ବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟର ମାନ୍ୟତା ମିଳିବ କେବେ।୧୦୦ ବର୍ଷ ରୁ ଊର୍ଦ୍ଧ୍ୱ ହେବ ଏହି ମହାବିଦ୍ୟାଳୟ ଟି ନିର୍ମାଣ ହୋଇ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ଏହି ବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟ କରିବା ପାଇଁ ସାଧାରଣରେ ଦାବୀ ହେଉଛି। ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ପୁରାତନ ଛାତ୍ର ସଂସଦ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ମାନେ ଏହି ପୁରାତନ ଶିକ୍ଷା ଅନୁଷ୍ଠାନ କିପରି ବିଶ୍ୱ ବିଦ୍ୟାଳୟ ହେବ ସେଥିପାଇଁ ନୂତନ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଉଚ୍ଚ ଶିକ୍ଷାର ବିକାଶ ପାଇଁ ମହାରାଜା ଗୌରଚନ୍ଦ୍ର ଗଜପତି ନାରାୟଣ ଦେବ ଓ ତାଙ୍କ ପୁଅ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରଚେଷ୍ଟାରେ ୧୮୯୬ ମସିହାରେ ଏହି ମହା ବିଦ୍ୟାଳୟ ଟି ଗଢି ଉଠିଥିଲା। ଆଜିର ଓଡ଼ିଶାର ଦ୍ୱିତୀୟ ସ୍ନାତକ ମହାବିଦ୍ୟାଳୟ ଏହି ଅନୁଷ୍ଠାନ ରେ ଶିକ୍ଷା କରିଥିବା ଛାତ୍ର ଛାତ୍ରୀ ମାନେ ବିଭିନ୍ନ ଉଚ୍ଚ ପଦ ପଦବୀ ମଣ୍ଡନ କରିଛନ୍ତି। ଏଠାରୁ ଶିକ୍ଷା ଲାଭ କରି ଡକ୍ଟର, ଇଂଜିନିୟର ପ୍ରଫେସର ତଥା ଅନ୍ୟାନ୍ୟ ପଦ ପଦବୀରେ ଦେଶ ବିଦେଶରେ କାର୍ଯ୍ୟରତ ଓଡ଼ିଶାର ଏକ ଐତିହ୍ୟ ମହାବିଦ୍ୟାଳୟ ଭାବେ ନିଜର ପରିଚୟ ପ୍ରତିଷ୍ଠା କରି ପାରିଛି। ଏହି ମହାନ ଶିକ୍ଷା ଅନୁଷ୍ଠାନର ଆକର୍ଷଣୀୟ କୋଠା ସହ ପାଠ ପାଗାର, ପରୀକ୍ଷାଗାର ,ପ୍ରଯୋଗ୍ୟ ନିଜସ୍ୱ ଜାଗା ରହିଛି। ତେଣୁ ରାଜ୍ୟ ସରକାର ଏହି ଶିକ୍ଷା ଅନୁଷ୍ଠାନ କୁ ବିଶ୍ୱ ବିଦ୍ୟାଳୟ ମାନ୍ୟତା ଦେବା ପାଇଁ ସାଧାରଣ ରେ ଦାବୀ ହେଉଛି।

### ଯାଆଁଳ ଧରା ଓ ଚିଙ୍ଗୁଡ଼ି ଘେରି ରାସାୟନିକ ପ୍ରଭାବ

# ହଜି ଯିବାକୁ ବସିଲେଣି ଇଲିସି ଓ ପାରମ୍ପରିକ ମାଛ

ଅସ୍ତରଙ୍ଗ (ମହାଭାରତ): ଓଡିଶାର ଭୌଗୋଳିକ ଦୃଷ୍ଟିକୋଣରୁ ପୂର୍ବଭାରତ ର ଉପକୂଳ ରାଜ୍ୟ ଭାବେ ପରିଚିତ।ଓଡ଼ିଶାର ଦୀର୍ଘ ୪୮୦ କିଲୋମିଟର ଉପକୂଳ ଅଞ୍ଚଳ କୁ ବଙ୍ଗୋପ ସାଗର ଘେରିରହିଛି। ସେହିଭଳି ଓଡିଶା ମଧ୍ୟରେ ଅନେକ ଛୋଟ ବଡ଼ ନଦୀ ପ୍ରବାହିତ ହେଉଛି।ତାଭିତରୁ ମହାନଦୀ ହେଉଛି ଓଡ଼ିଶାର ସବୁଠାରୁ ବଡ଼ନଦୀ ହୋଇଥିବା ବେଳେ ସେଥିରୁ ଅନେକ ଉପନଦୀ ସୃଷ୍ଟି ହୋଇ ବଙ୍ଗୋପ ସାଗରରେ ମିସିଛନ୍ତି ସେଥିମଧ୍ୟରୁ ଦେବିନଦୀ ହେଉଛି ଅନ୍ୟତମ ଦେବିନଦୀ ମହାନଦୀରୁ ବାହାରି କଟକ ଜଗତସିଂହପୁର ଏବଂ ପୁରୀ ଏହି ତିନୋଟି ଜିଲ୍ଲା ଅତିକ୍ରମ କରି ପ୍ରାୟ ୯୦ କିଲୋମିଟର ପ୍ରବାହିତ ହେଲାପରେ ପୁରୀଜିଲ୍ଲା ର ଅସ୍ତରଙ୍ଗ ନିକଟ ଦେବିମୁହାଣ ଦେଇ ବଙ୍ଗୋପ ସାଗର ରେ ମିଶିଛି। ଏହି ଦେବିନଦୀ ଅବବାହିକାରେ କାହିଁ କେଉଁ ଆବାହନ କାଳରୁ ଅନେକ ଜାନସତି ଗଢିଉଠିବା ସହିତ ହଜାର ହଜାର ଲୋକମାନେ ଦେବିନଦୀ ଉପରେ ର୍ନିଭରକରି ସେମାନଙ୍କ ଜୀବିକା ର୍ନିବାହ କରିଥାନ୍ତି। କିଛି ଲୋକ ଦେବିନଦୀ ର ବିର୍ସ୍ତିଣ ପଠାରେ ପରିବା ଚାଷ କରିବା ସହିତ ଦେବିନଦୀ ରୁ ମାଛ ଧରି ସେମାନଙ୍କ ଗୁଜୁରାଣ ମେଣ୍ଟାଇଥାନ୍ତି। ଦେବିନଦୀ ର ମୁହାଣ ଠାରୁ ଉପରମୁଣ୍ଡର ଶିଖରଘାଟ ପର୍ଯ୍ୟନ୍ତ ପ୍ରାୟ ୨୦ କିଲୋମିଟର ପର୍ଯ୍ୟନ୍ତ ସମୁଦ୍ରର ଜୁଆର ଏବଂ ଭଟା ସମୟରେ ଲୁଣାଜଳ ପ୍ରବାହିତ ହୋଇଥାଏ ଦେବିନଦୀ ର ଏହି ସବୁଅଞ୍ଚଳରେ ଅନେକ ପ୍ରଜାତିର ବଡ଼ ସାନ ମାଛ ପ୍ରଚୁର ପରିମାଣ ରେ ମିଳିଥାନ୍ତି। ବିଶେଷ କରି ନୂଆପାଣି ବର୍ଷା ହୋଇ ନଦୀରେ



ଗୋଳିପାଣି ଆସିବା ସମୟରେ ଇଲିସି ମାଛ ପ୍ରଚୁରପରିମାଣ ରେ ଦେଖାଦେଇଥାନ୍ତି, ଇଲିଶି ମାଛ ଭଳି ଖଇଙ୍ଗା, ପୋଟେଇ, ଖୁରା□, ବେକ୍ଟି, ଚିତଳ ଭଳି ସୁଆଦିଆ ମାଛ ମାନଙ୍କ ଭଣ୍ଡାର ଭାବେ ଦେବିନଦୀ ବେଶ ଜଣାଶୁଣା, ଦେବିନଦୀରୁ ସ୍ଥାନୀୟ ମତ୍ସ୍ୟଜିବି ମାନେ ଏହିସବୁ ମାଛ କୁ ଡ଼ଙ୍ଗା ଜାଲରେ ଧରି କୁଇଣ୍ଟାଲ କୁଇଣ୍ଟାଲ ଓଜନର ସ୍ଥାନୀୟ ବଜାର ସହିତ ବାହାର ଜିଲ୍ଲାମାନଙ୍କରେ ବିକ୍ରିକରି ବେଶ ଅର୍ଥ ରୋଜଗାର କରି ସେମାନଙ୍କ ପରିବାର ପ୍ରତିପୋଷଣ କରିଥାନ୍ତି। କିନ୍ତୁ ବିଗତ କିଛିବର୍ଷ ହେବ ଦେବୀ ନଦୀରେ ଇଲିସି ଭଳି ସୁଆଦିଆ ଆଉ ଦାମିକା ମାଛ ସ୍ୱପ୍ନ ହୋଇଯାଇଥିବା ବେଳେ ତେଲିଆ ବୋରେହି, ଖଇଙ୍ଗା, ପୋଟେଇ, ଖୁରା□, ବେକ୍ଟି, ସୋରଡ଼ି ଭଳି ମାଛ ର ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି। ଯାହାଫଳରେ ସ୍ଥାନୀୟ ମତ୍ସ୍ୟଜିବି ମାନଙ୍କ ଜାଲରେ ଆଉ ପୂର୍ବଭଳି ଏ ସବୁ ମାଛ ସବୁଙ୍କୁ କମ ସଂଖ୍ୟାରେ ଦେଖିବାକୁ ମିଳୁଛି।ପୂର୍ବରୁ ମତ୍ସ୍ୟଜୀବୀ ମାନେ ଏହିନଦୀରୁ ଥରକେ ବୁହାଣକୁ ଯାଇ କୁଇଣ୍ଟାଲ କୁଇଣ୍ଟାଲ ଇଲିଶି, ଖଇଙ୍ଗା, ଜଗର ମାଛ ଧରୁଥିବା ବେଳେ ଏବେ ସମାନ ଭାବରେ ମତ୍ସ୍ୟଜୀବୀମାନେ ନଦୀକୁ ଥରେ ବୁହାଣ କରିବାକୁ ଗଲେ ମାତ୍ର ୨୦ ରୁ ୩୦ କିଲୋ ମାଛ ଧରୁଛନ୍ତି ବୋଲି ସହନ ଗ୍ରାମର ବାବୁ ବେହେରା, କୌଶିକ ବେହେରା, ଅଣକଣା ଗ୍ରାମର ସନିଆ ବେହେରା ପାଟଳଦା ଗ୍ରାମର ରବି ବେହେରା କହିଛନ୍ତି। ମତ୍ସ୍ୟଜୀବୀ ଙ୍କ ଜୀବିକା ଏବେ ବିପଦରେ ପଡିଛି।ଦେବିନଦୀ ରେ ମାଛ ମାନଙ୍କ ସଂଖ୍ୟା କମିବା ଏବଂ ଲୋପ ହେବାର ଅନେକ କାରଣ ଏବେ ସାମ୍ନାକୁ ଆସିଛି। ରାଜ୍ୟପାରମ୍ପରିକ ମତ୍ସ୍ୟଜୀବି ୟୁନିୟନ ର ରାଜ୍ୟସଭାପତି ପ୍ରଶନ କୁମାର ବେହେରା ଦେବିନଦୀ ରେ ମତ୍ସ୍ୟସମ୍ପଦ ଲୋପ ହେବାର ଅନେକ କାରଣ ରହିଥିବା ବେଳେ ପରିବେଶ ପ୍ରଦୂଷଣ, ବିଭିନ୍ନ କାରଖାନାରୁ ର୍ନିଗତ ବର୍ଜ୍ୟବସ୍ତୁ କୁ ସିଧାସଳଖ ନଦୀ ଏବଂ ସମୁଦ୍ର କୁ ଛାଡ଼ିବା ଏବଂ ଦେବିନଦୀ ର ମୁହାଣ ପୋତିହୋଇଜିବା କୁ ମୁଖ୍ୟ କାରଣ ଭାବରେ ଦାଇକରିଛନ୍ତି। ଆଗାମୀ ଦିନରେ ରାଜ୍ୟ ସରକାର ଏହିସବୁ ଦିଗଉପରେ ନଜରରଖି ଦେବିନଦୀ ମୁହାଣ କୁ ଖୋଳିବା, କାରଖାନା ର ବର୍ଜ୍ୟବସ୍ତୁ କୁ ନଦୀ ସମୁଦ୍ର କୁ ଛାଡ଼ିବା ଉପରେ ରୋକ ଲଗାଇବା, ଏବଂ ବେନିୟମ ଭାବରେ ନଦୀ ସମୁଦ୍ର ରୁ ଧରାଯାଉଥିବା ମାଛ ଜାଆଁଳ ଉପରେ କଟକଣା ଲଗାଇବା ସହିତ ଏହିସବୁ କାର୍ଯ୍ୟ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମତ୍ସ୍ୟଜିବି ମାନେ ଦାବିକରିଛନ୍ତି।

## ଜୟପୁର ଗ୍ରାମରେ ସାପ କାମୁଡାରେ ମହିଳା ମୃତ

ଆସିକା (ମହାଭାରତ): ଆସିକା ବ୍ଲକ ଅନ୍ତର୍ଗତ କୋଟି ନଡା ଥାନା ଅନ୍ତର୍ଗତ ଜୟପୁର ଗ୍ରାମ ରେ ଜଣେ ମହିଳା ଙ୍କ ସାପ କାମୁଡା ରେ ମୃତ ହୋଇଥିବା ନେଇ ଅଭିଯୋଗ ହୋଇଛି । ମୃତ ମହିଳା ଜଣଙ୍କ ହେଲେ ଜୟପୁର ଗ୍ରାମର ଜୟଦେବ ଲେଙ୍କାଙ୍କ ପତ୍ନୀ ଲକ୍ଷ୍ମୀ ଲେଙ୍କା (୫୨) ।ସବୁଦିନ ଭଳି ଆଜି ମଧ ଲକ୍ଷ୍ମୀ ଓ ତାଙ୍କ ସ୍ୱାମୀ ଜୟଦେବ ନିଜ ଚାଷ କାର୍ଯ୍ୟ ନିମନ୍ତେ ବିଲ କୁ ଯାଉଥିବା ବେଳେ ଲକ୍ଷ୍ମୀ ଙ୍କ ଡାହାଣ ପାଦକୁ ଏକ ବିଷଧର ସାପ ଦଂଶନ କରିଥିଲା ।ଏହାପରେ ଜୟଦେବ ଓ ତାଙ୍କ ପରିବାର ଲୋକ ନିକଟସ୍ଥ ଆସିକା ଉପଖଣ୍ଡ ଚିକିତ୍ସାଳୟ କୁ ଆଣିଥିଲେ।

## ଠାକୁରମୁଣ୍ଡା ରେଞ୍ଜ ରେ ଭ୍ରାମ୍ୟମାଣ ଚାରା ବିତରଣ ରଥ ଶୁଭାରମ୍ଭ

କରଞ୍ଜିଆ,(ମହାଭାରତ) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ୭୫ ତମ ଜନ୍ମ ଦିବସ ଅବସର ରେ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ମା ପାଇଁ ଗଛ ଟିଏ ଯୋଜନା ପରିପ୍ରେକ୍ଷୀରେ ସୋମବାର ଦିନ ଠାକୁରମୁଣ୍ଡା ବନାଞ୍ଚଳ ପକ୍ଷରୁ ଭ୍ରାମ୍ୟମାଣ ଚାରା ବିତରଣ ରଥ ଶୁଭାରମ୍ଭ ହୋଇ ଯାଇଛି ।କାର୍ଯ୍ୟକ୍ରମ ଅବସର ରେ ମୁଖ୍ୟ ଅତିଥି ଭାବରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ ଯୋଗ ଦେଇଥିଲେ ।ଏଥି ସହିତ ପ୍ରବେଶନର ଆଇଏସ କୋଶିଷ ବକ୍ସି, କରଞ୍ଜିଆ ଡ଼ିଏଫଓ ବୈଦ୍ୟନାଥ ମାଝୀ,ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା, ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା, ତହସିଲଦାର ସମ୍ବିତ କୁମାର କର ,ସାଂସଦ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ, ଆଶିଷ



କୁମାର ମହାନ୍ତ, ବ୍ଲକ ଉପାଧକ୍ଷ ସନ୍ତୋଷ କୁମାର ମହାନ୍ତ, ଏ ସିଏଫ ପ୍ରଭାତ କୁମାର କୁଅଁର, ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା,ଠାକୁରମୁଣ୍ଡା ଫୋରେଷ୍ଟର ବିଦ୍ୟାଧର ମହାନ୍ତ ଙ୍କ ସମେତ ଓ ଅନ୍ୟ ବନ କର୍ମଚାରୀ ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭ ରେ ଶରତ ତ୍ରିପାଠୀ ଅତିଥି ପରିଚୟ ସହ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ। ସୁସଜ୍ଜିତ ୨ ଟି ଭ୍ରାମ୍ୟମାଣ ସବୁଜ ରଥ କୁ ଉପସ୍ଥିତ ଅତିଥି ମାନେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଠାକୁରମୁଣ୍ଡା ରେଞ୍ଜ ଅଧିନ ରେ ଥିବା ୧୮ ଗୋଟି ଗ୍ରାମପଞ୍ଚାୟତ କୁ ଶୁଭାରମ୍ଭ ହୋଇଥିବା ୨ ଟି ସବୁଜ ରଥ ପରିକ୍ରମା କରି ବୃକ୍ଷ ରୋପଣ ନିମନ୍ତେ ଲୋକ ମାନଙ୍କୁ ସଚେତନତା କରିବା ସହିତ ଚାରା ଲୋକ ମାନଙ୍କୁ ବଣ୍ଟନ କରିବ। ପ୍ରତି ଗ୍ରାମପଞ୍ଚାୟତ ଅଞ୍ଚଳ ରେ ୫୦୦ ଚାରା ରୋପଣ କରାଯିବ ବୋଲି ଡିଏଫଓ ଏହି ଅବସର ରେ ସୂଚନା ଦେଇଥିଲେ।

## ୩୯ ଅଭିଯୋଗର ଶୁଣାଣି କଲେ ଉପ ଜିଲ୍ଲାପାଳ



ଗଣିଆ,(ମହାଭାରତ) : ଗଣିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲ୍ଲାପାଳଙ୍କ ଏହି ଜନ ଅଭିଯୋଗ ଶୁଣାଣୀ ଶିବିରରେ ମୋଟ ୩୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ।ଉପଜିଲାପାଳ କର୍ନଦେବ ସମାଦ୍ଧାର, ଏହି ଅଭିଯୋଗର ଶୁଣାଣି କରି ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମୁଦାୟ ୩୯ ଗୋଟି ଅଭିଯୋଗ ପଂଜିକୃତ ହୋଇଥିବାବେଳେ ୨୨ଗୋଟି ବ୍ୟକ୍ତିଗତ ଓ ସାମୁହିକ ୧୩ଗୋଟି ଅଭିଯୋଗ ଓ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡପାଇଁ ୪ଗୋଟି ଅଭିଯୋଗ ପଂଜିକୃତ ହୋଇଥିଲା । ଆଦର୍ଶ ବିଦ୍ୟାଳୟରେ ଗ୍ରୁପ ମାଧ୍ୟମରେ ରାତ୍ରୀ ଜଗୁଆଳ ଓ ଝାଡୁଦାର ନିଯୁକ୍ତି ପାଇଁ ଜୟ ଜଗନ୍ନାଥ ସ୍ୱୟଂ ସହାୟକ ଗୋଷ୍ଠୀ, କେନ୍ଦୁଆବିଡ଼ାର ମହିଳାମାନେ ଉପଜିଲାପାଳଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ସମାଧାନ ପାଇଁ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ , ଗଣିଆରେ । ସାମାଜିକ ସୁରକ୍ଷା ତରଫରୁ ସ୍ୱାବଲମ୍ବୀ ହେବା ପାଇଁ କଳାଶିମିଳି ଗ୍ରାମର ପ୍ରତାପ କୁମାର ବେହେରାଙ୍କୁ ଡିଜିଟାଲ ଓଜନ ମେସିନ, ୫କିଲୋ ଗ୍ୟାସ ଟାଙ୍କି, ସସପେନ୍, କେଟିଲ, ଯୋଗାଇ ଦେଇଥିବାବେଳେ ଗଣିଆ ଗ୍ରାମର ଶ୍ରିନିବାସ ସାହୁଙ୍କୁ ଗୋଟିଏ ଫ୍ରିଜ ଓ ଡଙ୍କାରିସାହି ଗ୍ରାମର ମାନସ କୁମାର ମାଟିଙ୍କୁ ଗାଡ଼ିମଟରର ପମ୍ପଦିଆ ମେସିନ, ନୂଆପଡ଼ାର ଚନ୍ଦ୍ରକାନ୍ତ ପଟନାୟକଙ୍କୁ ମାଟିଚକଟା ମେସିନ, ବସନ୍ତପୁର ଗ୍ରାମର ଜ୍ୟୋତିରଂଜନ ବାରିକଙ୍କୁ ଗୋଟିଏ ଅଲ ଇନ ୱାନ ପ୍ରିଂଟର ମେସନ ପ୍ରଦାନ କରାଯାଇଛି। ଏହି ଶିବିରରେ ପି.ଡି ଲଗ୍ନଜିତ ରାଉତ, ଅତିରିକ୍ତ ଜିଲା ଆରକ୍ଷୀ ଅଧିକ୍ଷକ ସୁବାଷ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଖଣ୍ଡପଡା ଏସଡିପିଓ ମଦନ ମୋହନ ପ୍ରଧାନ, ଏଡିଏମ ପୁଷ୍ପ ଲିଲିମା ଲାକ୍ରା, ବ୍ଲକ ଅଧକ୍ଷା ଝୁନା ଜେନା, ତହସିଲଦାର ତଥା ଭାରପ୍ରାପ୍ତ ବିଡିଓ ପ୍ରିତିବାଳା ରଣା, ଉପାଧକ୍ଷ ରାଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଆୟୋଜିତ ଶିବିରରେ ବ୍ଲକର ରାଜସ୍ୱ, ଶିକ୍ଷା, ସ୍ୱାସ୍ଥ୍ୟ, ଶ୍ରମ, ଜଙ୍ଗଲ, କୃଷି, ଉଦ୍ୟାନକୃଷି, ଜଳ ଓ ପରିମଳ, ମହିଳା ଓ ଶିଶୁ ବିକାଶ, ପ୍ରାଣୀସମ୍ପଦ ପରି ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ ।

## ୩୦ଜଣ ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କୁ ଉପକରଣ ପ୍ରଦାନ

ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷ ରୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସମଗ୍ର ଭିନ୍ନକ୍ଷମ ବିଦ୍ୟାର୍ଥୀ ମାନଙ୍କୁ ସହାୟକ ଉପକରଣ ପ୍ରଦାନ କରାଯାଇଛି। ଏହି ଉପକରଣ ପ୍ରଦାନ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପାଟଣା ବ୍ଲକ ଅଧକ୍ଷା ବୀଣାପାଣି ନାଏକ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପାଟଣା ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ,ଗୋଷ୍ଠି ସମ୍ବଳ ଶିକ୍ଷକ ମୀନକେତନ ପାତ୍ର, ଜିଲ୍ଲା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ସଂପାଦକ କମଳାକାନ୍ତ ପତି ସି.ଆର.ସି. ଜ୍ୟୋତିର୍ମୟ ତ୍ରିପାଠୀ ଓ ରଜନୀ ନାଏକ ଙ୍କ ଉପସ୍ଥିତ ରେ ହୁଇଲ୍ ଚେୟାର ଟ୍ରାଇ ସାଇକେଲ ଓ ଟ୍ରଲି ବ୍ୟାଗ୍ ୩୦ଜଣ ଭିନ୍ନକ୍ଷମ ବିଦ୍ୟାର୍ଥି ଙ୍କୁ ପ୍ରଦାନ କରିଛନ୍ତି।

## ଚାଉଳ ଗାଡ଼ି ଚକା ତଳେ ସୁରଜ ଜୀବନ ଅସ୍ତ ହୋଇଗଲା

ହାଟଡିହ(ମହାଭାରତ): ହାଟଡିହି ସୋମବାର ସକାଳ ଥିଲା ଜୀବନ ର ଶେଷ ଦିନ ପ୍ରତିଦିନ ଭଳି ଘରୁ ସକାଳୁ ଉଠି ବାହାରି ପଡେ ପିଲାଙ୍କୁ ଶାରୀରିକ ଗଠନ ଶିକ୍ଷା ପ୍ରଶିକ୍ଷଣ ଦେବାକୁ। ଆଉ ସୋମବାର ସକାଳ କୁ ଠିକ୍ ସେମିତି ଘରୁ ବାହାରି ଛେନାପଦି ଛକ ଆସିବା ରାସ୍ତା ରେ ଆମ୍ବଗାଡ଼ିଆ ଛକ ରେ ବସିଥିଲା କାଳ ନେଇଗଲା ଜୀବନ। ୫୩ ନମ୍ବର ରାଜ୍ୟ ରାଜପଥ ଆନନ୍ଦପୁର - ଭଦ୍ରକ ରାସ୍ତା ରେ ଭଦ୍ରକ ପଟୁ ଆସୁଥିବା ଓଆର- ଡି-୮୩୦୮ ନମ୍ବର ବିଶିଷ୍ଟ ଟ୍ରକ ଗାଡ଼ି ଆମ୍ବଗଡ଼ିଆ ଛକ ନିକଟରେ ସୈଲଙ୍ଗ ଗ୍ରାମ ର ସୁରଜ କୁମାର ବିଶ୍ୱାଳ ଙ୍କୁ ଧକା ଦେଇ ଘୋଷାରି ନେଇ ରାସ୍ତା କଡ ରେ ପକାଇ ଦେଇଥିଲା। ତାଙ୍କୁ ପ୍ରଥମେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ନେବା ପରେ ସ୍ୱାସ୍ଥ୍ୟ ଗୁରୁତର ହେବା ରୁ କଟକ ମେଡିକାଲ କୁ ସ୍ଥାନାନ୍ତର କରାଯାଇଥିଲା। ଯାହାକି ଯୁବକ କୁ ନେବା ସମୟରେ କଟକ ପହଞ୍ଚିବା ବେଳକୁ ଜୀବନ ଆଉ ନଥିଲା। ଏହାକୁ ନେଇ ପିଲା ମାନେ କ୍ଷତି ପୂରଣ ଦାବିରେ କିଛି ସମୟ ରାସ୍ତା ଅବରୋଧ କରିଥିଲେ। ଘଟଣା ସ୍ଥଳରେ ଚାପା ଉତ୍ତେଜନା ଦେଖାଯାଇ ଥିଲା।

## ଶିକ୍ଷକ ଅଭାବ ପାଇଁ ବିଦ୍ୟାଳୟ ରେ ତାଲା

ହାଟଡିହ(ମହାଭାରତ): ହାଟଡିହି ସାତୋ ଟି କ୍ଲାସ ପାଇଁ ଚାରି ଜଣ ଶିକ୍ଷକ। ଏପରି ଅବସ୍ଥା ଦେଖିବାକୁ ମିଳିଥିଲା ହାଟଡିହି ବ୍ଲକ ଢେଙ୍କା ପଞ୍ଚାୟତ ବାରିଗାଁ



ଗାଁ ପ୍ରାଥମିକ ବିଦ୍ୟାଳୟରେ। ସୂଚନା ଅନୁଯାୟୀ ସାତଟି ଶ୍ରେଣୀ ରେ ପ୍ରାୟ ୧୦୦ରୁ ଅଧିକ ଛାତ୍ର ଛାତ୍ରୀ ପଢୁଥିବା ବେଳେ ମାତ୍ର ଚାରି ଜଣ ଶିକ୍ଷକ ରହିଥିଲେ। ସେଥିରେ କଷ୍ଟେ ମଷ୍ଟେ ସ୍କୁଲ ଚାଲିଥିଲା ହେଲେ ଏବେ ଜଣେ ଶିକ୍ଷକ ବଦଳି ହୋଇଯାଇଥିବା ବେଳେ ସ୍ଥିତି ବିଗିଡି ଯାଇଛି। ଯାହାର ପ୍ରତିବାଦ ସ୍ୱରୂପ ପିଲା ମାନେ ଆଜି ପୋଖରୀ କୁଳ ରେ ବସି ପ୍ରତିବାଦ କରିବା ସହ ଅଭିଭାବକ ମାନେ ବିଦ୍ୟାଳୟ ରେ ତାଲା ପକାଇ ଦେଇଥିଲେ। ଏହି ଅଭିଯୋଗ ଗ୍ରାମବାସୀ ମାନେ ଏକତ୍ରିତ ହୋଇ ବିଦ୍ୟାଳୟ ବନ୍ଦ କରିଥିଲେ। ଏମାନଙ୍କ ମଧ୍ୟରେ ହିମାଂଶୁ ଦାସ, ଅର୍ଜୁନ ନାୟକ, ଦୀପକ ବେହେରା, ତାରା କାନ୍ତ ସାହୁ, ଭାରତ ବିଶ୍ୱାଳ, ରାଜେଶ ସାହୁ, ଫିନା ଦାସ ପ୍ରମୁଖ ଦାବି କରିଥିଲେ।

# ପୁଣି ଲାଞ୍ଜିଗଡ ଦୁର୍ଗମ ଅଞ୍ଚଳରେ ଜଙ୍ଗଲୀ ହାତୀଙ୍କ ଉପଦ୍ରବ

## ଅଳ୍ପକେ ବର୍ତ୍ତିଲେ ୨ ପରିବାର

ଲାଞ୍ଜିଗଡ଼,(ମହାଭାରତ ଖସଙ୍ଗର):କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ଅଞ୍ଚଳରେ ବର୍ଷ ସାରା ଜଙ୍ଗଲୀ ହାତୀ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ଦିନକୁ ଦିନ ଜଙ୍ଗଲୀ ହାତୀପଲ ଗାଁ ମୁହାଁ ହୋଇ ଫସଲ ନଷ୍ଟ କରିବା ସହ ଅନେକ ଲୋକଙ୍କ ଘରଦ୍ୱାର ଭଙ୍ଗାରୁଜା କରୁଛନ୍ତି ହାତୀପଲ ।ହାତୀ ମଣିଷ ଲଢ଼େଇ ଭିତରେ ଦୁର୍ଗମ ଅଞ୍ଚଳରେ ଲୋକେ ତ୍ରାହିତ୍ରାହି ଡାକୁଥିବା ବେଳେ ଚୁପଚାପ ନିନ୍ଦାବିଷ୍ଣୁ ସାଜିଛି ବନ ବିଭାଗ। ଏହି ଭଳି ଏକ ଅଭାବନୀୟ ଘଟଣା ଘଟିଛି ମୂଷାନାଲ ସେକ୍ସନ ବେନଗାଁ ପଞ୍ଚାୟତ ଅନ୍ତର୍ଗତ ଢୋଡ଼ୱାଲୀ ଗାଁରେ। ସୂଚନା ମତେ ପାହାଡ ପଦର ପଞ୍ଚାୟତ ଅନ୍ତର୍ଗତ ପଟାଙ୍ଗ ପଦର ଗାଁର ଦୁଇ ପରିବାର କିଛି ବର୍ଷ ହେବ ବେନଗାଁ ପ□ାୟତ ଅନ୍ତର୍ଗତ ଢୋଡ଼ୱାଲୀ ଗାଁରେ ରହି ପୋଡୁ ଚାଷ କରି ରହି ଆସୁଥିଲେ ।ହେଲେ ରବିବାର ବିଳମ୍ବିତ ରାତିରେ ୨୨ଟିକିଆ ହାତୀ ପଲ ଝିମିରି ଜଙ୍ଗଲରୁ ଗାଁ ମୁହାଁ ହୋଇ ଗାଁ ନିକଟରେ ଭୀଷଣ ଗର୍ଜନ କରିଥିଲେ ।ଗର୍ଜନ ଶୁଣି ଦୁଇ ପରିବାର ଜୀବନ ବିକଳରେ ଘର ଛାଡି ନିକଟସ୍ଥ ଘୋଡ଼ାପୋଖରୀ ଗାଁକୁ ପଳାଇବାରୁ ଅଳ୍ପକେ ଦୁଇ ପରିବାର ବର୍ତ୍ତୀ ଯାଇଥିଲେ ହେଲେ ସକାଳୁ ଗାଁକୁ ଆସିକି ଦେଖିଲା ବେଳକୁ ଏପଟେ ସର୍ବସ୍ୱାନ୍ତ କରି ଦୁଗୀ ମାଝୀ ଓ ପୁରାଣା ମାଝୀ ଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିବା ସହିତ ଧାନ,ଚାଉଳ, ମାଣ୍ଡିଆ, ବିରି ଓ ଆସବା ପତ୍ରକୁ ମାଡି ଚକଟି ଦେଇଥିବା ଦେଖିବାକୁ ମିଳିଛି । ବର୍ତମାନ ହାତୀପଲ ଗାଁ ନିକଟରେ ଥିବା ଝିମିରି ଜଙ୍ଗଲରେ ରହିଥିବା ବେଳେ ଲୋକେ ଲାଞ୍ଜିଗଡ ଠାରୁ ବେନଗାଁ ଦେଇ ସେହି ରାସ୍ତାରେ ଯାତାୟାତ ପାଇଁ ଭୟଭୀତ ହୋଇପଡିଛନ୍ତି । ଏନେଇ ଖବର ପାଇ ମୂଷାନାଲ ସେକ୍ସନ ଭାରପ୍ରାପ୍ତ ବନପାଳ ମହେଶ କୁମାର ମହାପାତ୍ର, ବନରକ୍ଷୀ ସୁରେନ୍ଦ୍ର ସବର, ନିରାକାର ଦାସ, ଗଜସାଥି ସୁରେନ୍ଦ୍ର ପୂଝରୀ ଘଟଣା ସ୍ଥଳରେ ପହଂଚି ତଦନ୍ତ କରୁଛନ୍ତି ।ତେବେ ଉକ୍ତ ଅ□ଳରେ ଏହି ଭଳି ଘଟଣା ବାରମ୍ବାର ଘଟୁଥିବା ବେଳେ କ୍ଷତିଗ୍ରସ୍ତ ପରବାର କୁ ସରକାର ପକ୍ଷରୁ କ୍ଷତିପୂରଣ ଦେବାକୁ ଦୁଇ ପରିବାର ଆକୁଳ ନିବେଦନ କରିଛନ୍ତି।

## ବାଂଲାଦେଶ ଭଳି ନେପାଳ ବି ଜଳୁଛି: ଇସ୍ତଫା ଦେଲେ ପ୍ରଧାନମନ୍ତ୍ରୀ



ନେପାଳ : ବାଂଲାଦେଶ ପରି ଏବେ ନେପାଳରେ ସ୍ଥିତି ଭୟଙ୍କର ହେବାରେ ଲାଗିଛି । ରାସ୍ତାରେ ନିଆଁ ଜଳୁଛି, ଟେକା ପଥର ମାଡ଼ ହେଉଛି । ଦୋକାନ ବଜାର ଭାଙ୍ଗି ଚାଲିଛି ଲୁଟ୍‌ପାଟ । ଯାହା ମନକୁ ଯାହା ଆସିଲା ତାହା କଲା । ନେପାଳ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ପରେ ସ୍ଥିତି ସଙ୍ଗୀନ ହୋଇ ଉଠିଛି ।

ଗତକାଲି ନେପାଳର ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ସେନା ମୁଖ୍ୟ ଜେନେରାଲ ଅଶୋକ ରାଜ ସିଗଡେଲ ଓଲିଙ୍କୁ ପଦ ଛାଡିବାକୁ ପରାମର୍ଶ ଦେଇଥିଲେ । ସେ କହିଥିଲେ ଯେ ଇସ୍ତଫା ଦେବା ପରେ ହିଁ ପରିସ୍ଥିତିରେ ଉନ୍ନତି ହେବ । ନେପାଳରେ ସୋସିଆଲ ମିଡିଆ ଆପ୍ ଉପରେ ପ୍ରତିବନ୍ଧକ ଲଗାଇବା ବିରୋଧରେ ଜେନେରାଲ-ଜେଡ୍ ପ୍ରତିବାଦ କରୁଛନ୍ତି । ପ୍ରତିବାଦକାରୀମାନେ ରାଷ୍ଟ୍ରପତିଙ୍କ ଗୃହରେ ନିଆଁ ଲଗାଇ ଦେଇଥିଲେ । ଦେଶର ପରିସ୍ଥିତି ଖରାପ ହେଉଥିବା ମଧ୍ୟରେ, ରାଷ୍ଟ୍ରପତି ରାମଚନ୍ଦ୍ର ପାଉଡେଲ ମଧ୍ୟ ପ୍ରଧାନମନ୍ତ୍ରୀ ଓଲିଙ୍କ ଇସ୍ତଫା ଗ୍ରହଣ କରିଛନ୍ତି । ସୁରକ୍ଷା ଦୃଷ୍ଟିରୁ ଓଲି ବର୍ତ୍ତମାନ ନେପାଳ ସେନା ବଳୟରେ ଅଛନ୍ତି ।

କେପି ଶର୍ମା ଓଲି ତାଙ୍କ ଇସ୍ତଫାପତ୍ରରେ ଲେଖିଛନ୍ତି, 'ମାନ୍ୟବର ରାଷ୍ଟ୍ରପତି, ନେପାଳ ସମ୍ବିଧାନର ଧାରା ୭୬ (୨) ଅନୁଯାୟୀ ୩୧ ଆସାଦ ୨୦୧୮ ମସିହାରେ ପ୍ରଧାନମନ୍ତ୍ରୀ ଭାବରେ ନିଯୁକ୍ତ ହେବା ପରେ ଏବଂ ଦେଶରେ ବର୍ତ୍ତମାନ ଦେଖାଦେଇଥିବା ଅସାଧାରଣ ପରିସ୍ଥିତିକୁ ଦୃଷ୍ଟିରେ ରଖି, ମୁଁ ସମ୍ବିଧାନର ଧାରା ୭୭ (୧) (ଇ) ଅନୁଯାୟୀ ଆଜିଠାରୁ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଉଛି, ଯାହା ଦ୍ୱାରା ମୁଁ ସମ୍ବିଧାନ ଅନୁଯାୟୀ ରାଜନୈତିକ ସମାଧାନ ଏବଂ ସମସ୍ୟାର ସମାଧାନ ଦିଗରେ ଆହୁରି ପଦକ୍ଷେପ ନେଇପାରିବି ।'

କେପି ଶର୍ମା ଓଲି ୨୦୧୫ ମସିହାରେ ପ୍ରଥମ ଥର ପାଇଁ ନେପାଳର ପ୍ରଧାନମନ୍ତ୍ରୀ ହୋଇଥିଲେ । ସେ ଅକ୍ଟୋବର ୨୦୧୫ ରୁ ଅଗଷ୍ଟ ୨୦୧୬ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ପଦବୀରେ ରହିଥିଲେ । ଏହା ପରେ, ସମର୍ଥନ ହରାଇବା ଯୋଗୁଁ ତାଙ୍କୁ ଇସ୍ତଫା ଦେବାକୁ ପଡିଲା । ୨୦୧୮ ମସିହାରେ ଓଲି ଦ୍ୱିତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ହୋଇଥିଲେ । ସେ ଫେବୃଆରୀ ୨୦୧୮ ରୁ ମେ ୨୦୨୧ ପର୍ଯ୍ୟନ୍ତ ଏହି ପଦବୀରେ ରହିଥିଲେ । ଓଲିଙ୍କୁ ପୁଣି ଥରେ ଇସ୍ତଫା ଦେବାକୁ ପଡିଲା । ସେ ଦ୍ୱିତୀୟ ଥର ପାଇଁ ୩ ବର୍ଷ ୮୮ ଦିନ ପାଇଁ ଏହି ପଦବୀରେ ରହିଥିଲେ । ଓଲି ଜୁଲାଇ ୨୦୨୪ ରୁ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଥିଲେ ।

ସେନା ମୁଖ୍ୟ ଜେନେରାଲ ଅଶୋକ ରାଜ ସିଗଡେଲ ପୂର୍ବରୁ ଓଲିଙ୍କୁ ଇସ୍ତଫା ଦେବାକୁ ପରାମର୍ଶ ଦେଇଥିଲେ । ନେପାଳୀ ଗଣମାଧ୍ୟମ ଅନୁସାରେ, ସେ କହିଥିଲେ, 'ଯଦି ଆପଣ କ୍ଷମତା ଛାଡିବେ, ତେବେ ପରିସ୍ଥିତିରେ ଉନ୍ନତି ହେବ ।' ଏବେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ଓଲି ।

## ସିଆଚିନରେ ହିମସ୍ଖଳନ: ଦୁଇ ଅଗ୍ନିବୀରଙ୍କ ସମେତ ୩ ଯବାନ ସହିଦ



ଲଦାଖ : ଲଦାଖର ସିଆଚିନ୍ ଗ୍ଲେସିୟରରେ ଏକ ବିରାଟ ହିମସ୍ଖଳନ ହୋଇଛି, ଯେଉଁଥିରେ ତିନି ଜଣ ଭାରତୀୟ ସୈନିକ ସହିଦ ହୋଇଛନ୍ତି । ତେବେ ଏହା ହେଉଛି ବିଶ୍ୱର ସର୍ବୋଚ୍ଚ ଯୁଦ୍ଧକ୍ଷେତ୍ର, ଯେଉଁଠି କି ସୈନିକମାନେ -୬୦ ଡିଗ୍ରୀ ଥଣ୍ଡା, ପ୍ରବଳ ପବନ ଏବଂ ବରଫ ଭିତରେ ଦେଶର ସୁରକ୍ଷା କରନ୍ତି । ଆଉ ସେମିତି ଏକ ଜାଗାରେ ହିମସ୍ଖଳନ ଘଟିବା ସହିତ ଦେଶର ଯବାନ ସହିଦ ହୋଇଛନ୍ତି । ସୂଚନା ମୁତାବକ, ଏହି ତିନି ଜଣ ସୈନିକ ମହାର ରେଜିମେଣ୍ଟର ଥିଲେ । ସେମାନଙ୍କ ଭିତରୁ ଜଣେ ଗୁଜୁରାଟ ହୋଇଥିବାବେଳେ ଅନ୍ୟ ଦୁଇ ଜଣ ଉତ୍ତର ପ୍ରଦେଶ ଏବଂ ଝାଡ଼ଖଣ୍ଡର ଥିଲେ । ତେବେ ହିମସ୍ଖଳନରେ ପାଞ୍ଚ ଜଣ ସୈନିକ ଫସି ରହିଛନ୍ତି, ଆଉ ଜଣେ କ୍ୟାପଟେନଙ୍କୁ ଉଦ୍ଧାର କରାଯାଇଛି । ଜାଣିରଖିବା ଉଚିତ ଯେ, ବର୍ତ୍ତମାନର ସମୟରେ ସିଆଚିନରେ ହିମସ୍ଖଳନ ସାଧାରଣ କଥା । ୧୯୮୪ ମସିହାର ଅପରେସନ ମେଘଦୂତ ପରଠାରୁ ଆଜି ଭିତରେ ଖରାପ ପାଗ ଯୋଗୁଁ ସେଠାରେ ପ୍ରାୟ ୧,୦୦୦ ରୁ ଅଧିକ ସୈନିକ ସହିଦ ହୋଇଛନ୍ତି । ଜାଣିରଖିବା ଉଚିତ ଯେ, କରାକୋରମ୍ ପର୍ବତମାଳାର ୨୦,୦୦୦ ଫୁଟ ଉଚ୍ଚତାରେ ଅବସ୍ଥିତ ଅଛି ସିଆଚିନ୍ ଗ୍ଲେସିୟର୍ । ତେବେ ଏଥର ହିମସ୍ଖଳନର ଖବର ପାଇବା ମାତ୍ରେ, ଭାରତୀୟ ସେନା ଏବଂ ବାୟୁସେନା ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ବିଶେଷଜ୍ଞଙ୍କ ଟିମ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ, ଯେଉଁମାନେ କି ବର୍ତ୍ତମାନ ପର୍ଯ୍ୟନ୍ତ ବରଫରେ ପୋତି ହୋଇଥିବା ସୈନିକମାନଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରୁଛନ୍ତି ।

## ଭାରତ-ନେପାଳ ସୀମାରେ ହାଇ ଆଲର୍ଟ

କାଠମାଣ୍ଡୁ : ନେପାଳରେ ସୋସିଆଲ ମିଡିଆ ଆପ୍ ବନ୍ଦ ହେବା ପରେ ଜେନ-ଜି ପିଢି ଭୟଙ୍କର ବିକ୍ଷୋଭ କରୁଛନ୍ତି । ଫଳରେ ଅଶାନ୍ତ ନେପାଳ ପାଇଁ ଓ କାଠମାଣ୍ଡୁ ସାରା ହିଂସା ଲାଗି ରହିଥିବାରୁ ତ୍ରିଭୁବନ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଉଡାଣ ବନ୍ଦ କରାଯାଇଛି । ଭାରତରୁ ନେପାଳ ଯାଉଥିବା ୨ଟି ବିମାନ ମଧ୍ୟ ଅଧାରୁ ଫେରି ଆସିଛି । ଦିଲ୍ଲୀ ଓ ମୁମ୍ବାଇରୁ କାଠମାଣ୍ଡୁ ଯାଉଥିବା ୨ଟି ଇଣ୍ଡିଗୋ ବିମାନ ଫେରି ଆସିଛି । ତ୍ରିଭୁବନ ବିମାନବନ୍ଦରରେ ଅବତରଣ ଅନୁମତି ନମିଳିବାରୁ ବିମାନ ଫେରିଆସିଛି । ଏହାସହ ଦିଲ୍ଲୀରୁ କାଠମାଣ୍ଡୁ ଯିବାକୁ ଥିବା ଏୟାର ଇଣ୍ଡିଆର ୩ଟି ବିମାନ ଉଡାଣ ମଧ୍ୟ ବାତିଲ ହୋଇଛି । ସୁରକ୍ଷା ଦୃଷ୍ଟିରୁ ଟିଆଇଏରୁ ସମସ୍ତ ବିମାନର ଉଡାଣ ବାତିଲ କରାଯାଇଛି । ଭାରତ-ନେପାଳ ସୀମାରେ ହାଇ ଆଲର୍ଟ । ପ୍ରବଳ ବିକ୍ଷୋଭ ଓ ହିଂସାକାଣ୍ଡ ପରେ ଦାର୍ଜିଲିଂକୁ ଲାଗିଥିବା ସୀମାନ୍ତରେ ସେନାକୁ ଆଲର୍ଟ ରଖାଯାଇଛି । ପରିସ୍ଥିତି ଉପରେ ତୀକ୍ଷଣ୍ ନଜର ରଖାଯାଇଛି ବୋଲି କହିଛନ୍ତି ସ୍ଥାନୀୟ ଏସ୍ପି ପ୍ରବୀଣ ପ୍ରକାଶ । ନେପାଳ ପାଇଁ ହେଲପଲାଇନ ନଂ ଜାରି ହୋଇଛି । +୯୭୭ – ୯୮୦୮୬୦ ୨୮୮୧, +୯୭୭ – ୯୮୧ ୦୩୨ ୬୧୩୪ ନମ୍ବର ଜାରି ହୋଇଛି । ସେପଟେ ନେପାଳ ଅର୍ଥମନ୍ତ୍ରୀଙ୍କୁ ଗୋଡାଇ ଗୋଡାଇ ପିଟିଛନ୍ତି ବିକ୍ଷୋଭକାରୀ । ନେପାଳ ଅର୍ଥମନ୍ତ୍ରୀ ଏକ ଗଳି ରାସ୍ତାରେ ଲୁଚି ପଳାଉଥିବା ସମୟରେ ଲୋକମାନେ ତାଙ୍କୁ ଘେରି ଯାଇଛନ୍ତି । ଲୋକଙ୍କୁ ଠେଲି ଅର୍ଥମନ୍ତ୍ରୀ ଚାଲିଯାଉଥିବା ବେଳେ ଲୋକେ ତାଙ୍କୁ ବିଧା ଗୋଇଠା ମାରି ଚାଲିଛନ୍ତି । ପୂର୍ବତନ ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ପତ୍ନୀଙ୍କ ସହିତ ମାରପିଟ ହୋଇଛି । ବିକ୍ଷୋଭକାରୀ ରାଷ୍ଟ୍ରପତିଙ୍କ ଭବନରେ ନିଆଁ ଲଗାଇଛନ୍ତି । ନେପାଳ ସଂସଦ ଭବନରେ ମଧ୍ୟ ନିଆଁ ଲଗାଇଦେଇଛନ୍ତି । ପୂର୍ବତନ ପ୍ରଧାନମନ୍ତ୍ରୀ ପ୍ରଚଣ୍ଡଙ୍କ ଘରେ ନିଆଁ ଲଗାଇଛନ୍ତି ।

## ଶକ୍ତିଶାଳୀ ଭୂକମ୍ପ ଝଟକାରେ ଥରିଲା ଗ୍ରୀସ

ଗ୍ରୀସ୍: ଗ୍ରୀସ୍ ରେ ଭୟଙ୍କର ଭୂକମ୍ପ ଝଟକା ଅନୁଭୂତ ହୋଇଛି । ସକାଳୁ ୫.୨ ତୀବ୍ରତାର ଭୂମିକମ୍ପ ସହ ଥରିଲା ରାଜଧାନୀ ଆଥେନ୍ସ । ଏଭିଆର ନେଆ ଷ୍ଟିରା ନିକଟରେ ୫.୨ ତୀବ୍ରତାର ଏକ ଭୂମିକମ୍ପ ହୋଇଛି । ଭୂମିକମ୍ପ ଆଥେନ୍ସର ପ୍ରାୟ ୫୦ କିଲୋମିଟର ଉତ୍ତର-ପୂର୍ବରେ, ନେଆ ଷ୍ଟିରା ଅଞ୍ଚଳ ନିକଟରେ ୧୦ କିଲୋମିଟର ଗଭୀରତାରେ ହୋଇଥିଲା । ଏପର୍ଯ୍ୟନ୍ତ କ୍ଷୟକ୍ଷତିର କୌଣସି ରିପୋର୍ଟ ମିଳିପାରିନାହିଁ । ଉଦ୍ଧାର କାରୀ ଦଳ ଭୂକମ୍ପ ଅଞ୍ଚଳରେ ପହଞ୍ଚି ଯାଞ୍ଚ କରୁଛନ୍ତି । ଭୂମିକମ୍ପର କେନ୍ଦ୍ରସ୍ଥଳ ଗ୍ରୀସ୍ ର ଦ୍ୱିତୀୟ ବୃହତ୍ତମ ଦ୍ୱୀପ ୟୁବୋଇଆ ର ଦକ୍ଷିଣ-ପଶ୍ଚିମରେ ଥିବା ନିଆ ଷ୍ଟାଇରାର ସମୁଦ୍ର କୂଳ ରିସର୍ଟଠାରୁ ୪ କିଲୋମିଟର ଦୂରରେ ଥିବା ଜଣାପଡ଼ିଛି । ପୂର୍ବରୁ ଗ୍ରୀସର କାସୋସ ଦ୍ୱୀପରେ ଶକ୍ତିଶାଳୀ ଭୂକମ୍ପ ଅନୁଭବ ହୋଇଥିଲା । ଯାହାର ତୀବ୍ରତା ୬.୧ ରହିଥିଲା । ୟୁନାଇଟେଡ ଷ୍ଟେଟସ ଜିଓଲୋଜିକାଲ ସର୍ଭେ ଅନୁସାରେ, ଭୂକମ୍ପ ଝଟକା ସ୍ଥାନୀୟ ସମୟାନୁସାରେ ରାତି ୧.୫୧ରେ ହୋଇଥିଲା । ଭୂକମ୍ପ ଝଟକା ଅନୁଭୂତ ହେବା ପରେ ଲୋକ ନିଜ ନିଜ ଘରୁ ବାହାରକୁ ଚାଲିଆସିଥିଲେ । ଭୂକମ୍ପର କେନ୍ଦ୍ର ଏଲାଉଣ୍ଡା ଠାରୁ ୫୮ କିମି ଉତ୍ତର-ପୂର୍ବ ସମୁଦ୍ରରେ ରହିଥିଲା । ଯାହା ଏଲାଉଣ୍ଡା, କ୍ରିଟ ଦ୍ୱୀପ ଉତ୍ତର ତଟରେ ରହିଛି ।

## ଗୁରୁଦ୍ୱାରାକୁ ବୋମାରେ ଉଡ଼ାଇବାକୁ ଆସିଲା ଇମେଲ



ବିହାର: ବିହାରର ରାଜଧାନୀ ପାଟନାରେ । ତଖ୍ତ ଶ୍ରୀ ହରମନ୍ଦିର ଜୀ ପାଟନା ସାହିବ ଗୁରୁଦ୍ୱାରାକୁ ବୋମାରେ ଉଡ଼ାଇଦେବାକୁ ଧମକ । ଏହି ଧମକ ଇମେଲ୍ ମାଧ୍ୟମରେ ଦିଆଯାଇଛି । ଗୁରୁଦ୍ୱାରର ସରକାରୀ ଇମେଲକୁ ପଠାଯାଇଥିବା ଇମେଲରେ ସ୍ପଷ୍ଟ ଭାବରେ ଲେଖାଯାଇଥିଲା, ଲଙ୍ଗର ହଲରେ ୪ଟି ଜଉଡ ରଖାଯାଇଛି । ଏହା ସହିତ ଏହି ଇମେଲରେ ପାକିସ୍ତାନ ଜିନ୍ଦାବାଦ ଏବଂ ଓଝଓ ଜିନ୍ଦାବାଦ ଭଳି ସ୍ଲୋଗାନ ମଧ୍ୟ ଲେଖାଯାଇଥିଲା । ଏହି ଧମକ ଗୁରୁଦ୍ୱାରା ପରିସରରେ ଭୟର ବାତାବରଣ ଖେଳିଯାଇଛି । ଧମକରେ ଠଓଚ ଏବଂ କର୍ମଚାରୀମାନଙ୍କୁ ତୁରନ୍ତ ସେଠାରୁ ଚାଲିଯିବାକୁ ଚେତାବନୀ ଦିଆଯାଇଥିଲା । ବୋମା ନିଷ୍କ୍ରିୟକାରୀ ଦଳ ଏବଂ ଡଗ ସ୍କ୍ୱାଡ୍ ଟିମ୍ ଗୁରୁଦ୍ୱାରରେ ପହଞ୍ଚିଥିଲେ। ବହୁତ ଖୋଜାଖୋଜି କରାଯାଇଥିଲା, କିନ୍ତୁ କୌଣସି ବିସ୍ଫୋରକ ସାମଗ୍ରୀ ମିଳିନଥିଲା । ତେବେ ସମଗ୍ର ଗୁରୁଦ୍ୱାର ପରିସରରେ ହାଇ ଆଲର୍ଟ ଜାରି କରାଯାଇଛି । ସୂଚନାଯୋଗ୍ୟ, ପୂର୍ବରୁ ପାଟନା ସିଭିଲ୍ କୋର୍ଟକୁ ମଧ୍ୟ ବୋମା ଧମକ ମିଳିଥିଲା । ଏହି ଧମକ ମେଲରେ ଦିଆଯାଇଥିଲା । ବିଚାରପତିଙ୍କ ରୁମ୍ ଏବଂ କୋର୍ଟ କ୍ୟାମ୍ପସରେ ୪ଟି ଜଉଡ ଓଖରଉ ଲଗାଯାଇଛି । ସୂଚନା ପାଇବା ପରେ, ପାଟନା ସିଭିଲ୍ କୋର୍ଟ କ୍ୟାମ୍ପସ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

## ତୁରନ୍ତ ଗାଜା ଛାଡିବାକୁ ଲୋକଙ୍କୁ କହିଲେ ବେଞ୍ଜାମିନ ନେତାନ୍ୟାହୁ


ଇସ୍ରାଏଲ: ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ ବଡ଼ ଘୋଷଣା । ତୁରନ୍ତ ଗାଜା ଛାଡିବାକୁ ଲୋକଙ୍କୁ କହିଲେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ । ଗାଜାରେ ବଡ଼ ସୈନ୍ୟ ଅପରେସନ ଆରମ୍ଭ ହେବ । ଗାଜା ସିଟି ଓ ଶରଣାର୍ଥୀ ଶିବିର ଗୁଡିକୁ ଲକ୍ଷ୍ୟ କରାଯିବ । ତେଣୁ ତୁରନ୍ତ ଗାଜା ଛାଡିବାକୁ କହିଛନ୍ତି ନେତାନ୍ୟାହୁ । ହମାସଙ୍କୁ ଚିହ୍ନଟ କରିବା ସହ ତୁରନ୍ତ ବନ୍ଦୀଙ୍କୁ ମୁକ୍ତ କରାଯିବ । ଜେରୁଜେଲମରେ ଏକ ବସ୍ ଉପରେ ଦୁଇଜଣ ପାଲେଷ୍ଟାଇନୀୟ ବନ୍ଧୁକଧାରୀ ଆକ୍ରମଣ କରି ୬ ଜଣଙ୍କୁ ହତ୍ୟା କରିବା ପରେ ନେତାନ୍ୟାହୁଙ୍କ ଏଭଳି ଘୋଷଣା ସାମ୍ନାକୁ ଆସିଛି । ବାରମ୍ବାର ଆକ୍ରମଣ ଯୋଗୁ ଗାଜାର ୯୦ ପ୍ରତିଶତ ଲୋକ ବିସ୍ଥାପିତ ହୋଇଛି । ଦୁଇଲକ୍ଷ ଲୋକ ବାରମ୍ବାର ବିସ୍ଥାପିତ ହୋଇଛନ୍ତି । ଗାଜାରେ ଏପର୍ଯ୍ୟନ୍ତ ୬୧ ହଜାରରୁ ଅଧିକ ପାଲେଷ୍ଟାଇନୀୟଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ହଜାର ହଜାର ଶିଶୁ ମଧ୍ୟ ଅଛନ୍ତି ।

## ହିମାଚଳ ପ୍ରଦେଶର କୁଲୁରେ ପୁଣି ଭୂସ୍ଖଳନ, ୫ ନିଖୋଜ



ହିମାଚଳ ପ୍ରଦେଶ : ହିମାଚଳ ପ୍ରଦେଶର କୁଲୁରେ ପୁଣି ଭୂସ୍ଖଳନ । ଆନି ବିକାଶ ଖଣ୍ଡ ନିରମଣ୍ଡ ପଞ୍ଚାୟତ ଘାଟୁର ଶର୍ମଣୀ ଗାଁରେ ଭୋରୁ ଭୋରୁ ଭୂସ୍ଖଳନ ହୋଇଥିଲା । ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଗୋଟିଏ ପରିବାରର ୫ ଜଣ ନିଖୋଜ ଅଛନ୍ତି । ଖବର ମୁତାବକ, ଭୂସ୍ଖଳନ ଯୋଗୁଁ ଗୋଟିଏ ପରିବାରର ୫ ଜଣ ନିଖୋଜ ରହିଥିବା ବେଳେ ଘଟଣାସ୍ଥଳରୁ ଜଣଙ୍କର ମୃତଦେହ ଉଦ୍ଧାର ହୋଇଛି । ପ୍ରବଳ ବର୍ଷା ଯୋଗୁଁ ପରିସ୍ଥିତି ଆହୁରି ଗମ୍ଭୀର ହୋଇପଡ଼ିଛି । ପ୍ରଶାସନ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ଏବଂ ସତର୍କ ରହିବାକୁ ଅପିଲ୍ କରିଛି । ଭୂସ୍ଖଳନ ପରେ ଅନେକ ଲୋକ ଭଗ୍ନାବଶେଷ ତଳେ ପୋତି ହୋଇଯାଇଥିଲେ ଯେଉଁମାନଙ୍କୁ ଉଦ୍ଧାର କରାଯାଇ ବାହାରକୁ ନିଆଯାଇଥିଲା । ଆହତମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ନିର୍ମାନ୍ଦ ହସ୍ପିଟାଲକୁ ପଠାଯାଇଛି । ପାଞ୍ଚ ଜଣ ଲୋକ ଏବେ ବି ନିଖୋଜ ଅଛନ୍ତି । ସେମାନଙ୍କୁ ଖୋଜିବା ପାଇଁ ସନ୍ଧାନ ଅଭିଯାନ ଜାରି ରହିଛି । ପୋଲିସ ପ୍ରଶାସନ, ରାଜସ୍ୱ ବିଭାଗ, ପୂର୍ତ୍ତ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗର ଦଳ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ପ୍ରଭାବିତ ହୋଇଥିବା ଚମ୍ବା-ଭରମୋର ଜାତୀୟ ରାଜପଥ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି ।

## ଡବଲ୍-ଡେକର ବସକୁ ଧକ୍କା ଦେଲା ମାଲବାହୀ ଟ୍ରେନ୍ ,୧୦ ମୃତ



ମେକ୍ସିକୋ: ସୋମବାର ସକାଳେ ଅର୍ଥାତ୍ ଗତକାଲି ମେକ୍ସିକୋ ସିଟିର ଉତ୍ତର-ପଶ୍ଚିମରେ ଏକ ବଡ଼ ଦୁର୍ଘଟଣା ଘଟିଛି । ଏକ କ୍ରସିଂରେ ମାଲବାହୀ ଟ୍ରେନ୍ ଏକ ଡବଲ୍-ଡେକର ବସ୍ କୁ ଧକ୍କା ଦେଇଥିଲା । ଏହି ଭୟଙ୍କର ଦୁର୍ଘଟଣାରେ ଅତି କମରେ ୧୦ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୪୦ ରୁ ଅଧିକ ଆହତ ହୋଇଛନ୍ତି । ମେକ୍ସିକୋ ସିଟିରୁ ପ୍ରାୟ ୮୦ ମାଇଲ୍ ଅର୍ଥାତ୍ ୧୩୦ କିଲୋମିଟର ଦୂରରେ ଆଟଲାକୋମୁଲକୋ ସହରର ଏକ ଅଞ୍ଚଳରେ ଏହି ଧକ୍କା ଘଟିଛି । ଏଠାରେ ଗୋଦାମ ଏବଂ କାରଖାନା ମଧ୍ୟ ଅଛି । ମେକ୍ସିକୋର ନାଗରିକ ସୁରକ୍ଷା ଏଜେନ୍ସି ସୋସିଆଲ ମିଡିଆ ପ୍ଲାଟଫର୍ମ ଢ ରେ କହିଛି ଯେ ଅଧିକାରୀମାନେ ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ଏହି ସମୟରେ, ରାଜ୍ୟ ପବ୍ଲିକ ପ୍ରସିକ୍ୟୁଟରଙ୍କ କାର୍ଯ୍ୟାଳୟ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି । ବସ୍ ଟି 'ହେରାଡୁରା ଡି ପ୍ଲାଟା' ନାମକ ଏକ ବସ୍ ଲାଇନର ଥିଲା, ଯାହା ଧକ୍କା ପରେ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିଲା । ଏଜେନ୍ସି ନିଶ୍ଚିତ କରିଛି ଯେ ଦୁର୍ଘଟଣାରେ ୧୦ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୪୧ ଜଣ ଆହତ ହୋଇଛନ୍ତି । ଏଥିସହ ଜାଣୀରଖନ୍ତୁ ଯେ, ଏକ ରିପୋର୍ଟ ଅନୁଯାୟୀ, ଆହତମାନଙ୍କୁ ରାଜ୍ୟର ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଦୁର୍ଘଟଣା କିପରି ଘଟିଲା ତାହା ଅଧିକାରୀମାନେ ତୁରନ୍ତ କହି ନାହାଁନ୍ତି । ମେକ୍ସିକୋର ରେଳ ପରିବହନ ନିୟାମକ ସଂସ୍ଥାର ଏକ ରିପୋର୍ଟ ଅନୁଯାୟୀ, ଲେଭଲ-କ୍ରସିଂ ଦୁର୍ଘଟଣା ସବୁଠାରୁ ସାଧାରଣ ଏବଂ ସାମ୍ପ୍ରତିକ ବର୍ଷଗୁଡ଼ିକରେ ଏହାର ସଂଖ୍ୟା ବୃଦ୍ଧି ପାଇଛି । ରିପୋର୍ଟ ଅନୁଯାୟୀ, ଗତ ବର୍ଷ ଏପରି ୮୦୦ ଦୁର୍ଘଟଣା ଘଟିଥିଲା, ଯେତେବେଳେ ୨୦୨୦ ରେ ଏହି ସଂଖ୍ୟା ୬୦୨ ଥିଲା । ହେଲେ, ରିପୋର୍ଟରେ ଏହି ଦୁର୍ଘଟଣାରେ ମୃତାହତଙ୍କ ସଂଖ୍ୟା ଉଲ୍ଲେଖ କରାଯାଇ ନାହିଁ ।

## ଟ୍ରମ୍ପଙ୍କ ଡିନର ପାର୍ଟିରେ ଝଗଡ଼ା


ଆମେରିକା: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୈଶଭୋଜିରେ ଦୁଇ ଉଚ୍ଚ ଅଧିକାରୀଙ୍କ ମଧ୍ୟରେ ଝଗଡ଼ା । ଏପରିକି ଦୁଇ ଅଧିକାରୀ ହାତାହାତି ହେବା ଯାଏ କଥା ଯାଇଥିଲା । ଅର୍ଥ ସଚିବ ସ୍କଟ୍ ବେସାଣ୍ଟ ଓ ଫିଡେରାଲ୍ ଫାଇନାନ୍ସ ଏଜେନ୍ସି ଡାଇରେକ୍ଟର ବିଲ୍ ପୁଲଟେ ମୁହାଁମୁହିଁ ହୋଇଥିଲେ । ରାଷ୍ଟ୍ରପତି ଟ୍ରମ୍ପଙ୍କୁ ବିଲ୍ ପୁଲଟେ ଓ କିଛି ଲୋକ ତାଙ୍କ ସମ୍ପର୍କରେ କିଛି କହିଥିବା ଶୁଣିବା ପରେ ରାଗି ଯାଇଥିଲେ ବେସାଣ୍ଟ । ନୈଶଭୋଜିରେ ସାକ୍ଷାତ ପରେ ଫିଡେରାଲ୍ ଫାଇନାନ୍ସ ଏଜେନ୍ସି ଡାଇରେକ୍ଟର ବିଲ୍ ପୁଲଟେଙ୍କ ଉପରେ ସ୍କଟ୍ ବେସାଣ୍ଟଙ୍କ ରାଗ ଚରମରେ ପହଞ୍ଚି ଯାଇଥିଲା । 'ତୁମ ମୁହଁ ଫଟେଇ ଦେବି, ତୁମକୁ ପିଟିବି, ବାହାରକୁ ଚାଲ' ବୋଲି ବିଲ ପୁଲଟେଙ୍କୁ ବେସାଣ୍ଟ କହୁଥିବା ଦେଖିବାକୁ ମିଳିଥିଲା । ଉଭୟ ବ୍ୟକ୍ତିଗତ ଓ ବୃତ୍ତିଗତ ତିକ୍ତତାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି ।

## ଅବୈଧ ସମ୍ପର୍କ ପାଇଁ ସ୍ୱାମୀର ଜୀବନ ନେଲା ସ୍ତ୍ରୀ




ମଧ୍ୟପ୍ରଦେଶ : ଅବୈଧ ସମ୍ପର୍କ ପାଇଁ ସ୍ୱାମୀର ଜୀବନ ନେଲା ସ୍ତ୍ରୀ । ପର ପୁରୁଷ ପ୍ରେମରେ ଏମିତି ବାଇଆ ହେଲା ଯେ ନିଜ ସ୍ୱାମୀକୁ ମାରିଦେଲା । ସ୍ୱାମୀ ଶୋଇଗଲା ପରେ ପ୍ରେମିକକୁ ଡାକି ଆକ୍ରମଣ କଲା ସ୍ତ୍ରୀ । ପ୍ରେମିକ ସ୍ୱାମୀକୁ ଏମିତି ବାଡ଼େଇଲା ଯେ ଘଟଣାସ୍ଥଳରେ ହିଁ ସ୍ୱାମୀର ଜୀବନ ଗଲା । ତେବେ ଆସନ୍ତୁ ଜାଣିବା କେଉଁଠି ଘଟିଛି ଏଭଳି ହତ୍ୟାକାଣ୍ଡ । ମଧ୍ୟପ୍ରଦେଶର ଅନୁପପୁର ଜିଲ୍ଲାର ସାକାରିଆ ଗାଁରେ ହଠାତ ଖେଳିଗଲା ଶୋକର ଛାୟା । ଗାଁ ଶେଷ ମୁଣ୍ଡରେ ଥିବା ଏକ କୁଅରୁ ମିଳିଲା ମୃତଦେହ, ଯାହା ସମଗ୍ର ଅଞ୍ଚଳକୁ ଥରାଇ ଦେଇଥିଲା । ବିଲ ମଝିରେ ଥିବା ଏକ କୂଅରୁ ଜଣେ ବ୍ୟକ୍ତିଙ୍କର ମୃତଦେହ ଉଦ୍ଧାର କରାଯାଇଥିଲା । ଗୋଟିଏ ବସ୍ତା ଏବଂ କମ୍ବଳରେ ଗୁଡ଼ା ହୋଇ ରଶି ଏବଂ ଶାଢ଼ିରେ ବନ୍ଧା ହୋଇଥିଲା ମୃତଦେହ । ତେବେ କମ୍ବଳ ଖୋଲି ଦେଖିବା ପରେ ଜଣା ପଡ଼ିଥିଲା ଯେ ମୃତଦେହଟି ୬୦ ବର୍ଷୀୟ ଭୈୟାଲାଲ ରଜକଙ୍କର ବୋଲି । ଯାହା ପରେ ତଦନ୍ତ ଆରମ୍ଭ କରିଥିଲା ପୋଲିସ । କିଏ ବ୍ୟକ୍ତିଙ୍କୁ ଏମିତି ନିର୍ମମ ଭାବେ ହତ୍ୟା କଲା, କେଉଁ ଉଦ୍ଦେଶ୍ୟ ନେଇ ଏଭଳି ଅପରାଧ ହୋଇଛି । ସବୁ ସତ ବାହାର କରିବା ପାଇଁ ଛାନଭିନ୍ ଆରମ୍ଭ କରିଥିଲା ପୋଲିସ । ପୋଲିସ ତଦନ୍ତରେ ଏକ ଆଶ୍ଚର୍ଯ୍ୟଜନକ ଖୁଲାସା ହୋଇଛି । ଭୈୟାଲାଲଙ୍କ ତୃତୀୟ ପତ୍ନୀ ମୁନ୍ନି ଓରଫ ବିମଳା ରଜକ ତାଙ୍କ ପ୍ରେମିକ ଲଲ୍ଲୁ ଓରଫ ନାରାୟଣ ଦାସ କୁଶଓ୍ୱାହା ଏବଂ ଶ୍ରମିକ ଧୀରଜ କୋଲ ସହିତ ମିଶି ନିଜ ସ୍ୱାମୀକୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରିଥିଲା । ସୂଚନା ଥାଉ କି ଭୈୟାଲାଲ ତିନୋଟି ବିବାହ କରିଥିଲେ । ପ୍ରଥମ ସ୍ତ୍ରୀ ଘର ଛାଡ଼ି ଯିବା ପରେ ଭୈୟାଲାଲ ନିଜ ଶାଳୀ ଗୁଡି ବାଇଙ୍କୁ ବିବାହ କରିଥିଲେ । ଗୁଡିଙ୍କର କୌଣସି ସନ୍ତାନ ନ ଥିବାରୁ, ସେ ଗୁଡିଙ୍କ ସାନ ଭଉଣୀ ମୁନ୍ନି ବାଇଙ୍କୁ ତୃତୀୟ ଥର ପାଇଁ ବିବାହ କରିଥିଲେ । ତେବେ ମୁନ୍ନି ଭୈୟାଲାଲଙ୍କୁ ବିବାହ କରିଥିଲେ ସତ ହେଲେ ପୈତୃକ ସମ୍ପତ୍ତି କାରବାର ପାଇଁ ଘରକୁ ଆସୁଥିବା ଦଲାଲ ଲଲ୍ଲୁଙ୍କ ସହିତ ମୁନ୍ନିଙ୍କର ଅବୈଧ ସମ୍ପର୍କ ଗଢ଼ି ଉଠିଥିଲା । ଲଲ୍ଲୁ ପ୍ରେମରେ ଅନ୍ଧ ହୋଇ ମୁନ୍ନି ନିଜ ସ୍ୱାମୀର ଜୀବନ ନେବାକୁ ପଛାଇଲାନି । ସ୍ୱାମୀ ଠାରୁ ମୁକ୍ତି ପାଇବା ପାଇଁ ଅପରାଧକୁ ଆପଣାଇଲା ମୁନ୍ନି । ଗତ ଅଗଷ୍ଟ ୩୦ ରାତିରେ ଲଲ୍ଲୁ ନିଜ ସହଯୋଗୀ ଧୀରଜ ସହ ମୁନ୍ନି ଘରେ ପହଞ୍ଚିଥିଲା । ଭୈୟାଲାଲ ନିଘୋଡ଼ ନିଦରେ ଶୋଇଥିବାବେଳେ ତାଙ୍କ ମୁଣ୍ଡକୁ ଲୁହା ରଡରେ ଆକ୍ରମଣ କରିଥିଲା ମୁନ୍ନିର ପ୍ରେମିକ । ହତ୍ୟା ପରେ ମୃତଦେହକୁ ଏକ ବସ୍ତା ଏବଂ କମ୍ବଳରେ ଗୁଡ଼ାଇ ରଶି ଏବଂ ଶାଢ଼ିରେ ବାନ୍ଧି ଘର ପଛପଟେ ଥିବା ଏକ କୂଅରେ ଫିଙ୍ଗି ଦେଇଥିଲେ ୩ ଜଣ । ତେବେ ଘଟଣା ବିଷୟରେ ଖବର ପାଇବା ପରେ ପୋଲିସ କୂଅ ଖାଲି କରି ମୃତଦେହ ଏବଂ ଏକ ମୋବାଇଲ୍ ଉଦ୍ଧାର କରିଥିଲା । ଏହି ଚାଞ୍ଚଲ୍ୟକର ହତ୍ୟା ମାମଲାର ପର୍ଦ୍ଦାଫାସ କରି ପୋଲିସ ମୁନ୍ନି ବାଇ, ତାର ପ୍ରେମିକ ଲଲ୍ଲୁ ଏବଂ ଧୀରଜଙ୍କୁ ଗିରଫ କରି ଜେଲ ପଠାଇଛି ।

## ଇସ୍ତଫା ଦେଲେ ନେପାଳ ରାଷ୍ଟ୍ରପତି



ନେପାଳ : ଜେନ-ଜିଙ୍କ ଆନ୍ଦୋଳନ ନେପାଳର ସମଗ୍ର ସରକାରଙ୍କୁ ଭାଙ୍ଗି ଦେଇଛି । ମଙ୍ଗଳବାର, ସେପ୍ଟେମ୍ବର ୯ ତାରିଖରେ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ଇସ୍ତଫା ପରେ, ଏବେ ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ ମଧ୍ୟ ଇସ୍ତଫା ଦେଇଛନ୍ତି । ପ୍ରାୟ ୨୬ଟି ସୋସିଆଲ ମିଡିଆ ପ୍ଲାଟଫର୍ମ ଉପରେ ପ୍ରତିବନ୍ଧକ ଲଗାଇବା ପରେ, ନେପାଳର ଯୁବପିଢ଼ି ରାସ୍ତାକୁ ଓହ୍ଲାଇଛନ୍ତି । ସୋମବାର ପୁଲିସ ଗୁଳିରେ ୧୯ ଜଣ ପ୍ରଦର୍ଶନକାରୀଙ୍କ ମୃତ୍ୟୁ ପରିସ୍ଥିତିକୁ ଆହୁରି ଖରାପ କରିଦେଇଛି । ଏଥିରେ କ୍ରୋଧିତ ହୋଇ, ପ୍ରତିବାଦକାରୀ ଯୁବକମାନେ ପ୍ରଧାନମନ୍ତ୍ରୀ ଓଲିଙ୍କ ସୋସିଆଲ ମିଡିଆ ପ୍ରତିବନ୍ଧକ ପ୍ରତ୍ୟାହାର ନିଷ୍ପତ୍ତିକୁ ମଧ୍ୟ ଅଣଦେଖା କରିଥିଲେ । ସେମାନେ ସଂସଦ ଭବନରେ ପହଞ୍ଚି ନିଆଁ ଲଗାଇ ଦେଇଥିଲେ । ରାଷ୍ଟ୍ରପତି ପୌଡେଲଙ୍କ ବ୍ୟକ୍ତିଗତ ବାସଭବନକୁ ମଧ୍ୟ ନିଆଁ ଲଗାଇ ଦିଆଯାଇଥିଲା । କେବଳ ଏତିକି ନୁହେଁ, ଅର୍ଥମନ୍ତ୍ରୀ ବିଷ୍ଣୁ ପୌଡେଲଙ୍କୁ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ । ଜଣେ ପ୍ରତିବାଦକାରୀ ତାଙ୍କୁ ଲାତ ମଧ୍ୟ ମାରିଥିଲେ, ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ପ୍ରତିବାଦକାରୀମାନେ ଓଲି ସରକାରରେ ଉପ-ପ୍ରଧାନମନ୍ତ୍ରୀ ଥିବା ପ୍ରକାଶମାନ ସିଂହଙ୍କ ଘର ଏବଂ କାରରେ ନିଆଁ ଲଗାଇ ଦେଇଥିଲେ ଏବଂ ନେତା ଏବଂ ମନ୍ତ୍ରୀମାନଙ୍କ ଘର ଉପରକୁ ଆକ୍ରମଣ ଆରମ୍ଭ କରିଥିଲେ। ପୂର୍ବରୁ, ଆନ୍ଦୋଳନର ତୀବ୍ରତା ଦେଖି ଗୃହମନ୍ତ୍ରୀ ରମେଶ ଲେଖକ, କୃଷିମନ୍ତ୍ରୀ ରାମନାଥ ଅଧିକାରୀ, ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରଦୀପ ପୌଡେଲ ଏବଂ ଜଳ ଯୋଗାଣ ମନ୍ତ୍ରୀ ପ୍ରଦୀପ ଯାଦବ ଇସ୍ତଫା ଦେଇଥିଲେ । ପରେ, ଏହି ପ୍ରକ୍ରିୟା ପ୍ରଧାନମନ୍ତ୍ରୀ ଏବଂ ପରେ ରାଷ୍ଟ୍ରପତିଙ୍କ ପାଖରେ ପହଞ୍ଚିଥିଲା ।

